

# ଜଗନ୍ନାଥ ଏକ୍ସପ୍ରେସ୍
JAGANNATH EXPRESS



RNI Regn No- ODIODI/2014/57766.

ବର୍ଷ- ୧୧ ସଂଖ୍ୟା-୧୫୨ ଭୁବନେଶ୍ୱର ଶୁକ୍ରବାର, ଫେବୃୟାରୀ ୧୪.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.152 Bhubaneswar, Friday, Februarry 14, 2025


# ଓଡ଼ିଆ ଅସ୍ମିତାର ବିକାଶ ଦିଗରେ କାର୍ଯ୍ୟ କରୁଛି ମୋ ସରକାର'

ଭୁବନେଶ୍ୱର, ୧୩/୨ : ଆଜିଠୁ ଆରମ୍ଭ ହୋଇଛି ସପ୍ତଦଶ ଓଡ଼ିଶା ବିଧାନସଭାର ତୃତୀୟ ଅଧିବେଶନ। ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କ ଅଭିଭାଷଣରୁ ଗୃହକାର୍ଯ୍ୟ ଆରମ୍ଭ ହୋଇଛି। ଜୟ ଜଗନ୍ନାଥ କହି ଅଭିଭାଷଣ ଆରମ୍ଭ କଲେ ରାଜ୍ୟପାଳ । ଏହାପରେ ଦିବଂଗତ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ, ପୂର୍ବତନ ବିଧାୟକ ବିଜୟ ମହାନ୍ତି ଓ ସଦନ ନାୟକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅଭିଭାଷଣରେ ରାଜ୍ୟପାଳ ଓଡ଼ିଶାର ଖଣିଜ ସଂପଦ ବିଷୟରେ ଆଲୋଚନା କରିଛନ୍ତି। ସେ କହିଛନ୍ତି, ଦୁର୍ଗମ ପାହାଡ଼ ତଳେ ମୂଲ୍ୟବାନ ଖଣିଜ ପଦାର୍ଥର ବିଶାଳ ଭଣ୍ଡାର ରହିଛି, ଯାହା ଏହାର ଶିଳ୍ପ ଶକ୍ତି ଏବଂ ଅର୍ଥନୈତିକ ପ୍ରତିଶ୍ରୁତିର ନୀରବ ପ୍ରମାଣ । ଆମର ଲୋକମାନେ ହିଁ ଆମର ସବୁଠାରୁ ବଡ଼ ସମ୍ପତ୍ତି; ଆମ କାରିଗରମାନେ ପଥର ଓ ବସ୍ତ୍ରରେ ଯାଦୁକରୀ ସ୍ପର୍ଶ ଦିଅନ୍ତି, କୃଷକମାନେ ପୃଥିବୀରୁ ଜୀବନ ସୃଷ୍ଟି କରନ୍ତି । ୨୦୨୪ ସାଧାରଣ ନିର୍ବାଚନରେ ଓଡ଼ିଶାବାସୀ ପରିବର୍ତ୍ତନକୁ ବାଛିଛନ୍ତି । ସରକାର ଏହି ପବିତ୍ର ଗୃହରେ 'ସବ୍ କା ସାଥ, ସବ୍ କା ବିକାଶ, ସବ୍ କା ବିଶ୍ୱାସ ଏବଂ ସବ୍ କା ପ୍ରୟାସ' ନୀତି ଆଧାରିତ ଏହାର ପ୍ରଥମ ବଜେଟ୍ ଉପସ୍ଥାପନ କରିଥିଲେ । ଦାୟିତ୍ୱ ଗ୍ରହଣ କରିବାର ମାତ୍ର ୮ ମାସ ବିତିଛି ଏବଂ ଏହି ସ୍ୱଳ୍ପ ସମୟ ମଧ୍ୟରେ ସରକାର ବିଭିନ୍ନ ଐତିହାସିକ ନିଷ୍ପତ୍ତି ନେଇଛନ୍ତି । ଅନେକ ଯୋଜନା ପ୍ରଣୟନ କରିଛନ୍ତି । ରାଜ୍ୟ ତଥା ଦେଶର ସ୍ୱାର୍ଥ ପାଇଁ କାର୍ଯ୍ୟକ୍ରମମାନ ଆୟୋଜନ କରିଛନ୍ତି । ରାଜ୍ୟର ପ୍ରାୟ ଏକ କୋଟି ମହିଳାଙ୍କ ହିତସାଧନ ପାଇଁ ସରକାର 'ସୁଭଦ୍ରା' କାର୍ଯ୍ୟକାରୀ କରିଛନ୍ତି। ଧାନ ପାଇଁ ଏମଏସପି ଉପରେ କ୍ୱିଣ୍ଟାଲ ପିଛା ଅଧିକ ୮୦୦ ଟଙ୍କା ଇନପୁଟ୍ ସହାୟତା ପ୍ରଦାନ କରିବା ପାଇଁ 'ସମୃଦ୍ଧ କୃଷକ ଯୋଜନା" ଆରମ୍ଭ କରିଛନ୍ତି। ଏଥିସହ ଭକ୍ତଙ୍କ ଭାବାବେଗକୁ ସମ୍ମାନ ଜଣାଇ ଶ୍ରୀମନ୍ଦିରର ଭିତର ରତ୍ନ ଭଣ୍ଡାର ଖୋଲିବା ଓଡ଼ିଆ ଅସ୍ମିତାକୁ ପୁନର୍ଜୀବିତ କରିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ୨୦୨୪ ନଭେମ୍ବରରେ ଆରକ୍ଷୀ ମହାନିର୍ଦ୍ଦେଶକ ଓ ମହାନିରୀକ୍ଷକ ସମ୍ମିଳନୀ ଆୟୋଜନ ଏବଂ ୨୦୨୫ ଜାନୁଆରୀ ମାସରେ ସିଙ୍ଗାପୁର ଜନରାଜ୍ୟର ରାଷ୍ଟ୍ରପତିଙ୍କ ଗସ୍ତ, ୧୮ତମ ପ୍ରବାସୀ ଭାରତୀୟ ଦିବସ, ଉତ୍କର୍ଷ ଓଡ଼ିଶା-ମେକ୍



ଇନ୍ ଓଡ଼ିଶା କନକ୍ଲେଭ୍ ଆୟୋଜନ ପାଇଁ ସରକାରଙ୍କ ନିଷ୍ଠାପର ଉଦ୍ୟମ ପ୍ରଶଂସନୀୟ ।୨୦୩୬ ସୁଦ୍ଧା ୫୦୦ ବିଲିୟନ ଡଲାର ଅର୍ଥନୀତି ସହିତ ସମୃଦ୍ଧ ଓଡ଼ିଶା ଲକ୍ଷ୍ୟ ରଖିଛନ୍ତି ସରକାର। ଏଥିସହ 'ଭିଜନ ୨୦୩୬' ପାଇଁ ୩ ଲକ୍ଷରୁ ଅଧିକ ପ୍ରସ୍ତାବ ମିଳିଛି । ବିକଶିତ ଭାରତ ୨୦୪୭ ପାଇଁ ବିକଶିତ ଓଡ଼ିଶା ଲକ୍ଷ୍ୟ ସାଧନ ଉଦ୍ଦେଶ୍ୟରେ ସରକାରଙ୍କର ବିସ୍ତୃତ ଯୋଜନା ରହିଛି, ଯେଉଁଥିରେ ଭାରତର ଅର୍ଥନୀତିକୁ ଓଡ଼ିଶାର ୧.୫ ଟ୍ରିଲିୟନ ଡଲାର ଯୋଗଦାନର ଆଭିମୁଖ୍ୟ ରହିଛି । ଓଡ଼ିଶା ଏକ କୃଷିଭିତ୍ତିକ ରାଜ୍ୟ । ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ସତ୍ତ୍ୱେ ଓଡିଶା ନିଜର ସମୃଦ୍ଧ କୃଷି ଐତିହ୍ୟ ଏବଂ ପାରମ୍ପରିକ ଚାଷ ପଦ୍ଧତି ବଜାୟ ରଖିଛି । ଏହି କ୍ଷେତ୍ରର ଅଗ୍ରଗତି ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ପ୍ରଧାନମନ୍ତ୍ରୀ-କିଷାନ ଯୋଜନା ଅଧୀନରେ ସମସ୍ତ ଯୋଗ୍ୟ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରି କୃଷକ କଲ୍ୟାଣକୁ ସୁଦୃଢ଼ କରିବା ପାଇଁ, ସରକାର ଯତ୍ନବାନ ଅଛନ୍ତି । ଜଳବାୟୁ ବିପଦରୁ କୃଷକମାନଙ୍କୁ ରକ୍ଷା କରିବା ଉଦ୍ଦେଶ୍ୟରେ, ରବି ଋତୁ ପାଇଁ ସରକାର ୧.୩୬ ଲକ୍ଷ ଚାଷୀଙ୍କୁ ପଞ୍ଜିକୃତ କରି ଫସଲ ବୀମା ଭୁକ୍ତତାକୁ ସୁନିଶ୍ଚିତ କରିଛନ୍ତି । ଦାରିଙ୍ଗବାଡି ଓ ସ୍ୱାଭିମାନ ଅଞ୍ଚଳ ଭଳି କ୍ଷେତ୍ରରେ "ଓଡ଼ିଶା ବଳଭଦ୍ର ଜୈବିକ ଚାଷ ମିଶନ" କରିଆରେ ଜୈବିକ ଚାଷକୁ ଅଗ୍ରାଧିକାର ଭିତ୍ତିରେ ପ୍ରୋତ୍ସାହିତ କରାଯାଉଛି । କୃଷି କ୍ଷେତ୍ରରେ ସାମିଲ ମହିଳାମାନଙ୍କୁ ସଶକ୍ତ କରିବା ସହିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସାମିଲ କରି ରାଜ୍ୟକୁ ଆତ୍ମନିର୍ଭରଶୀଳ କରିବାକୁ ପ୍ରତିଶ୍ରୁତିବଦ୍ଧ । ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅଧୀନରେ ଋଣ ପ୍ରଦାନକୁ ସୁଗମ କରି କୃଷି ଉଦ୍ୟୋଗଗୁଡ଼ିକୁ ପ୍ରୋତ୍ସାହିତ କରୁଛନ୍ତି ସରକାର । ସେହିପରି ମତ୍ସ୍ୟ ଚାଷ ଓ ଆକ୍ୱାକଲଚର୍ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ଅନେକ ପଦକ୍ଷେପ ନେଉଛନ୍ତି । 'ମାଛ ଚାଷ ପାଇଁ ନୂଆ ପୋଖରୀ ଖୋଳା ଯୋଜନା'' ହାତକୁ ନିଆଯାଇଛି। ସଘନ ମାଛଚାଷ ପାଇଁ ବାୟୋ-ଫ୍ଲକ୍ ଟେକ୍ନୋଲୋଜି ମାଛ ଚାଷରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି । ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ସରକାର ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଆରମ୍ଭ କରିଛନ୍ତି। ଗୋଲ୍ ଫର୍ ମ୍ୟାନେଜମେଣ୍ଟ ଆଣ୍ଡ ଟ୍ରିଟମେଣ୍ଟ ଅଫ୍ ଆନିମଲ୍ସ' (ଗୋମାତା) ଯୋଜନା ଅଧୀନରେ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ୟୁନିଟ୍ (ଏମଭିୟୁ) ମାଧ୍ୟମରେ ପ୍ରାଣୀ ଚିକିତ୍ସା ଅନୁଷ୍ଠାନରେ ବ୍ୟାପକ ପ୍ରାଣୀ ଚିକିତ୍ସା ସେ ସେବା ପ୍ରଦାନ କରାଯାଉଛି। ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନା (ଏମପିକେଓ୍ୱାଇ) ଅଧୀନରେ ବୁଲା ଗୋରୁଗାଈମାନଙ୍କୁ ଘରୋଇ ଗୋଶାଳାରେ ରଖି ଖାଦ୍ୟ ଦେବାର ବ୍ୟବସ୍ଥା ହୋଇଛି ।ଜଳ ସଂରକ୍ଷଣ ଓ ପରିଚାଳନା କ୍ଷେତ୍ରରେ ଶ୍ରେଷ୍ଠ ରାଜ୍ୟ ଭାବେ ଓଡ଼ିଶାକୁ କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟ ପକ୍ଷରୁ ପଞ୍ଚମ ଜାତୀୟ ଜଳ ପୁରସ୍କାର ପ୍ରଦାନ କରାଯାଇଛି । ବଲାଙ୍ଗୀରର ଲୋୟର ସୁକତେଲ ପ୍ରକଳ୍ପ, ନୟାଗଡ଼ର ଜଳସେଚନ ପ୍ରକଳ୍ପ ଓ ବରଗଡ଼ର ଗଙ୍ଗାଧର ମେହେର ପ୍ରକଳ୍ପ ଭଳି ପ୍ରମୁଖ ଜଳସେଚନ ପ୍ରକଳ୍ପର ଆବଣ୍ଟନ ବ୍ୟବସ୍ଥାରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି । କଳାହାଣ୍ଡି ଜିଲ୍ଲାର ୫ ହଜାର ହେକ୍ଟର ଜମିକୁ ନିଶ୍ଚିତ ଜଳସେଚନ ଏବଂ ପାନୀୟ ଜଳ ଯୋଗାଣ ପାଇଁ ସାନ୍ଦୁଲ ବ୍ୟାରେଜ ପ୍ରକଳ୍ପ ଅଧୀନରେ ୟୁଜିପିଏଲ୍ ବଣ୍ଟନ ବ୍ୟବସ୍ଥା ନିର୍ମାଣ ଚାଲିଛି । ଉଲ୍ଲେଖନୀୟ ଯେ, ପାର୍ବତୀ ଗିରି ମେଗା ଉଠା ଜଳସେଚନ ଯୋଜନାରେ ୨୦୫ଟି ପ୍ରକଳ୍ପ ଶେଷ ହୋଇ ୨.୬ ଲକ୍ଷ ହେକ୍ଟର ଆୟକଟ ଅଞ୍ଚଳ ସୃଷ୍ଟି ହୋଇଥିବା ବେଳେ ୧୭୦ଟି ଅତିରିକ୍ତ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି । ଜଳ ସଂରକ୍ଷଣ ବୃଦ୍ଧି ପାଇଁ 'ଇନ୍-ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକ୍ଚର' ଯୋଜନାରେ ୭୨ଟି ପ୍ରକଳ୍ପ ମଧ୍ୟରୁ ୬ଟି ନିର୍ମାଣ ଶେଷ ହୋଇଥିବା ବେଳେ ୨୦୨୫-୨୬ ସୁଦ୍ଧା ଆଉ ୨୩ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାକୁ ଯାଉଛି । 'ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ତିଆରି ଯୋଜନା" ମାଧ୍ୟମରେ ୧୫୮ଟି ଚେକ୍ ଡ୍ୟାମ୍ ସମ୍ପୂର୍ଣ୍ଣ ହୋଇଛି ଏବଂ ୨୦୯ଟି ନିର୍ମାଣାଧୀନ ଥିବା ବେଳେ 'ଟାଙ୍କି ଓ ଏମ୍ଆଇପିର ଉନ୍ନତି' ଯୋଜନାରେ ୩୧୬ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ (ଏମ୍ଆଇପି)ର ପୁନରୁଦ୍ଧାର କରାଯାଇଛି ଏବଂ ଅନ୍ୟ ୧୮୮ଟିର କାର୍ଯ୍ୟ ଆଗେଇ ଚାଲିଛି । ଜଳବାୟୁ ନିୟନ୍ତ୍ରଣ ଓ ସ୍ଥିରତାକୁ ଦୃଷ୍ଟିରେ ରଖି ସରକାର ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଏବଂ ପୁରୀ ଜିଲ୍ଲାରେ ୧୯୩ କିଲୋମିଟର ଲୁଣାବନ୍ଧକୁ ଅନ୍ତର୍ଭୁକ୍ତ କରି 'ମୁଖ୍ୟମନ୍ତ୍ରୀ ବିପର୍ଯ୍ୟୟ ସହନଶୀଳ ଲୁଣାବନ୍ଧ ପ୍ରକଳ୍ପ' ହାତକୁ ନେଇଛନ୍ତି, ଯାହା ମଧ୍ୟରୁ ୯୬ କିଲୋମିଟର ସମ୍ପୂର୍ଣ୍ଣ ହୋଇସାରି ସାରିଛି । ୫ ବର୍ଷ ମଧ୍ୟରେ ୧.୫ ଲକ୍ଷ ସରକାରୀ ଚାକିରି ପୂରଣ କରାଯିବ। ପ୍ରଥମ ଦୁଇ ବର୍ଷରେ ୬୫,୦୦୦ ପଦବୀ ପୂରଣ ହେବ। ଦୁଇ ବର୍ଷରେ ବୟନ ଶିଳ୍ପ କ୍ଷେତ୍ରରେ ୫୦,୦୦୦ ନିଯୁକ୍ତି ଦିଆଯିବ । ୨୦୨୪-୨୫ରେ ୨୪ ହଜାରରୁ ଅଧିକ ପଦବୀ ପୂରଣ ହୋଇସାରିଛି।

## ମାଘରେ ଟାଇଁ ଟାଇଁ ଖରା

### ମାଘରେ ଭୀଷଣ ଗରମ; ଜାଡ଼ ଉଭାନ୍, କଲବଲ କରୁଛି ତାତି

ଭୁବନେଶ୍ୱର, ୧୩/୨ : ମାଘରେ ଡହ ଡହ ଖରା। ଫେବ୍ରୁଆରୀ ମଝିରୁ ରାଜ୍ୟରେ ତାତି ଛୁଇଁଲାଣି ୩୭ ଡିଗ୍ରୀ। ଲଗାତର ଉପରମୁହାଁ ରହୁଛି ପାରଦ। ସପ୍ତାହେରୁ ଅଧିକ ସମୟ ହେଲା ତାତି ବଢିଥିବା ବେଳେ, ଖୁବଶୀଘ୍ର ୪୦ ଡିଗ୍ରୀ ଛୁଇଁବା ଆଶଙ୍କା କରାଯାଉଛି। ଗତକାଲି ଝାରସୁଗୁଡ଼ାରେ ଦିନ ତାପମାତ୍ରା ୩୭ ଡିଗ୍ରୀ ସେଲସିୟସ୍ ଥିବାବେଳେ ରାଜଧାନୀ ଭୁବନେଶ୍ୱରରେ ପାରଦ ୩୪ ଉପରେ ଥିଲା। ରାଜ୍ୟର ଅନ୍ୟ କେତେକ ସ୍ଥାନରେ ବି ପାରଦ ବଢିବାରେ ଲାଗିଛି। ରାତି ତାପମାତ୍ରା ମଧ୍ୟ ୨ରୁ ୩ ଡିଗ୍ରୀ ବଢ଼ିବାର ଅନୁମାନ କରାଯାଇଛି। ଆଭ୍ୟନ୍ତରୀଣ ଓଡ଼ିଶା ସମେତ ଉପକୂଳ ଓଡ଼ିଶାରେ ତାତି ବୃଦ୍ଧି ପାଇବ ବୋଲି ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର। ବର୍ତ୍ତମାନ ରାଜ୍ୟରେ ମେଘମୁକ୍ତ ଆକାଶ ସହ ସୂର୍ଯ୍ୟଙ୍କ ଟାଣ କିରଣ ପାଇଁ ତାତି ବୃଦ୍ଧି ପାଉଛି ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ସାଧାରଣତଃ ଫେବୃଆରୀ ମାସ ବେଳକୁ ଶୀତ ଏହାର ପ୍ରକୋପ ଦେଖାଇଥାଏ । ତେବେ ଚଳିତ ବର୍ଷ ଏହି ଧାରାରେ ବିରାମ ଲାଗିଛି ।ଶୀତ ଉଭାନ ହୋଇଯାଇଥିବା ବେଳେ ଫେବୃଆରୀ ଆରମ୍ଭରୁ ତାପମାତ୍ରା ବୃଦ୍ଧି ପାଇଛି । ହଠାତ୍ ତାତି ବୃଦ୍ଧି ନେଇ ଚିନ୍ତା ବି ବଢ଼ିଲାଣି। ଏବେଠୁ ଖରାର ଏ ପ୍ରକୋପ ଦେଖି ଆଗକୁ ତାତିର ପରିମାଣ କେଉଁ ଆଡ଼କୁ ଯିବ, ତାକୁ ନେଇ ଲୋକଙ୍କ ଭିତରେ ଛନକା ପଶିଲାଣି।



## ଚାକିରି କ୍ଷମତା ଥିବା ପତ୍ନୀ ଭରଣପୋଷଣ ଦାବି କରିପାରିବେନି: ହାଇକୋର୍ଟ



କଟକ,୧୩/୨ : ଚାକିରି ସୁଯୋଗ ଥିବା ବା କୌଣସି କ୍ଷେତ୍ରରେ ଅଭିଜ୍ଞତା ଥିବା ଶିକ୍ଷିତ ପତ୍ନୀ ଖାଲିଟାରେ ବସିରହି ଭରଣପୋଷଣ ଦାବି କରିପାରିବେ ନାହିଁ। ଛାଡ଼ପତ୍ର ମାମଲାରେ ପତ୍ନୀଙ୍କୁ ଭରଣପୋଷଣ ଦେବା ଆଇନ୍‌ରେ ବ୍ୟବସ୍ଥା ରହିଛି। ମାତ୍ର ଉଚ୍ଚ ଶିକ୍ଷିତା ତଥା ରୋଜଗାର କ୍ଷମତା ରଖୁଥିବା ପତ୍ନୀ ଏ କ୍ଷେତ୍ରରେ ଭରଣପୋଷଣ ମାଗିପାରିବେ ନାହିଁ ବୋଲି ଏକ ଛାଡ଼ପତ୍ର ମାମଲାର ଶୁଣାଣି କରି ହାଇକୋର୍ଟ ବିଚାରପତି ଗୌରୀଶଙ୍କର ଶତପଥୀ ଏହି ରାୟ ଦେଇଛନ୍ତି । ଯେଉଁ ପତ୍ନୀ ନିଜର ରକ୍ଷଣାବେକ୍ଷଣ ଲାଗି ନିଜେ ଅସମର୍ଥ ଓ ରୋଜଗାର କରିବାର କ୍ଷମତା ନାହିଁ ସେମାନଙ୍କ ଲାଗି ସ୍ୱାମୀଙ୍କ ଠାରୁ ଭରଣପୋଷଣ ନେବା ଆଇନ୍‌ରେ ବ୍ୟବସ୍ଥା ରହିଛି। ମାତ୍ର ସଶକ୍ତ ଓ ରୋଜଗାରକ୍ଷମ ହୋଇଥିବାସ୍ଥଳେ କୌଣସି ଚାକିରି ବା କର୍ମନିଯୁକ୍ତିରୁ ନିଜକୁ ନିଷ୍କ୍ରିୟ ରଖି ଖାଲିରେ ବସି ରହି ସ୍ୱାମୀ ଠାରୁ ଭରଣପୋଷଣ ଦାବି କରିବା ଉଚିତ ନୁହେଁ ବୋଲି ଅଦାଲତ କହିଛନ୍ତି। ଏକ ପରିବାର ଅଦାଲତ ଏହି ମାମଲାରେ ମାସିକ ଭରଣପୋଷଣ ଲାଗି ୮ହଜାର ଟଙ୍କା ନିର୍ଦ୍ଦେଶ ଦେଇଥିବାବେଳେ ଏହି ପରିମାଣକୁ ହାଇକୋର୍ଟ ପ୍ରତିମାସ ୫,୦୦୦ଟଙ୍କାକୁ ହ୍ରାସ କରିଛନ୍ତି। ମାମଲାର ବିବରଣୀ ମୁତାବକ, ଛାଡ଼ପତ୍ର ମାମଲାରେ ପରିବାର ଅଦାଲତଙ୍କ ମାସିକ ୮୦୦୦ ଟଙ୍କାର ଭରଣପୋଷଣ ନିର୍ଦ୍ଦେଶକୁ ବିରୋଧ କରି ସ୍ୱାମୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ପତ୍ନୀ ସାମ୍ବାଦିକତା ଏବଂ ଗଣ ଯୋଗାଯୋଗରେ ସ୍ନାତକୋତ୍ତର ଡିପ୍ଲୋମା ସହିତ ବିଜ୍ଞାନରେ ସ୍ନାତକ ହାସଲ କରିଛନ୍ତି। ସେ ଜଣେ ସୁଶିକ୍ଷିତ ମହିଳା ଓ ପୂର୍ବରୁ କିଛି ଗଣମାଧ୍ୟମ ସଂସ୍ଥାରେ କାମ କରୁଥିଲେ। ତାଙ୍କର ପ୍ରତିପୋଷଣ ପାଇଁ କାମ କରିବା ଏବଂ ରୋଜଗାର କରିବାର ସମ୍ଭାବନା ରହିଛି।

## ମୋବାଇଲ ଲାଇଟ୍‌ରେ କେମୋ ଥେରାପି



ବୁର୍ଲା,୧୩/୨ : ବୁର୍ଲା ଭିମସାରରେ ଅନ୍ଧାରୀ ଚିକିତ୍ସା। କର୍କଟ ରୋଗ ବିଭାଗରେ କେମୋ ଥେରାପି ଚାଲିଥିବାବେଳେ ୩ ଘଣ୍ଟା ଧରି ବିଦ୍ୟୁତ୍ କାଟ ହୋଇଥିଲା। ଫଳରେ ମୋବାଇଲ ଆଲୁଅରେ ରୋଗୀଙ୍କୁ କେମୋ ଦିଆଯାଇଥିଲା। ସମ୍ବଲପୁର ବୁର୍ଲା ଭୀମସାର ମେଡିକାଲରେ ଏଭଳି ସାଂଘାତିକ ଦୃଶ୍ୟ ଦେଖିବାକୁ ମିଳିଛି। ବିନା କୌଣସି ପ୍ରାକ୍ ସୂଚନାରେ ବିଦ୍ୟୁତ୍ ବିଭାଗ ବିଦ୍ୟୁତ୍ କାଟ୍ କରିଥିଲା। ଫଳରେ ଅନ୍ଧାରରେ ପଡି ରହିଥିଲେ କେମୋ ଚିକିତ୍ସା ନେଉଥିବା କର୍କଟ ରୋଗୀ। ଜରୁରୀ ପରିସ୍ଥିତିରେ କିଛି ରୋଗୀଙ୍କୁ ବାଧ୍ୟ ହୋଇ ମୋବାଇଲ ଲାଇଟରେ କେମୋ ଚିକିତ୍ସା ଦିଆଯାଇଥିବା ଦେଖିବାକୁ ମିଳିଛି ।ଗତକାଲି ବୁର୍ଲା କ୍ୟାନ୍ସର ୱାର୍ଡରେ ତିନି ଘଣ୍ଟା ବିଦ୍ୟୁତ୍ ସେବା ବାଧାପ୍ରାପ୍ତ ହୋଇଥିଲା। ଦୀର୍ଘ ୩ ଘଣ୍ଟା ପର୍ଯ୍ୟନ୍ତ କ୍ୟାନ୍ସର ରୋଗୀ ମାନଙ୍କୁ ଅନ୍ଧାରରେ ପଡିରହିଥିଲେ। ସେପଟେ ଏହି ଘଟଣାକୁ ନେଇ ମେଡିକାଲ ଅଧୀକ୍ଷକ କହିଛନ୍ତି ଯେଉଁ ଠିକା ସଂସ୍ଥା ବିଦ୍ୟୁତ୍ ମରାମତି କାମ ନେଇଛି , ସେମାନଙ୍କର ଅବହେଳା ରହିଛି। ତେଣୁ ଏହି ଘଟଣାରେ ଯାହାର ଭୁଲ ରହିଛି ,ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ।

## ଆସନ୍ତାକାଲି ପୂର୍ବାହ୍ନ ୧୦ଟା ୩୦ ଯାଏ ବିଧାନସଭା ମୁଲତବୀ



ଭୁବନେଶ୍ୱର: ବିଧାନସଭାକୁ ଶୁକ୍ରବାର ପୂର୍ବାହ୍ନ ୧୦ଟା ୩୦ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି। ଗୁରୁବାର ବିଧାନସଭାର ବିଜେଟ୍ ଅଧିବେଶନ ଆରମ୍ଭ ହୋଇଛି। ରାଜ୍ୟପାଳ ହରିବାବୁ କମ୍ଭମପତିଙ୍କ ଅଭିଭାଷଣରୁ ଆରମ୍ଭ ହୋଇଥିଲା ଅଧିବେଶନ। ଏଥିସହ ଶୋକ ପ୍ରସ୍ତାବ ମଧ୍ୟ ଆଗତ ହୋଇଥିଲା। ଏହାପରେ ଗୃହକୁ ମୁଲତବୀ ଘୋଷଣା କରିଛନ୍ତି ବାଚସ୍ପତି ସୁରମା ପାଢୀ ।ସୂଚନାଯୋଗ୍ୟ, ଏଥର ଦୁଇଟି ପର୍ଯ୍ୟାୟରେ ହେବ ବଜେଟ୍ ଅଧିବେଶନ। ପ୍ରଥମ ଅଧିବେଶନ ଆଜିଠୁ ଆରମ୍ଭ ହୋଇ ଫେବୃଆରୀ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ମାର୍ଚ୍ଚ ୭ରୁ ଆରମ୍ଭ ହୋଇ ଏପ୍ରିଲ ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଦୁଇଟି ପର୍ଯ୍ୟାୟରେ ମୋଟ ୨୮ ଦିନର କାର୍ଯ୍ୟ ଦିବସ ରହିଛି। ଫେବୃଆରୀ ୧୭ରେ ରାଜ୍ୟ ବଜେଟ୍ ଉପସ୍ଥାପନ ହେବ।

# କେବେ ସୁଧୁରିବ ରାଜ୍ୟରେ କଂଗ୍ରେସର ସ୍ଥିତି

ଭୁବନେଶ୍ୱର, ୧୩/୨ : ରାଜ୍ୟରେ ପ୍ରାୟ ସାଢ଼େ ୬ମାସ ଧରି ଦିଶାହୀନ ଓ ନେତୃତ୍ୱବିହୀନ ହୋଇପଡ଼ିଥିବା ପ୍ରଦେଶ କଂଗ୍ରେସକୁ ନିଜର ନେତା ମିଳିଛି । ଅଖିଳ ଭାରତୀୟ କଂଗ୍ରେସ କମିଟି(ଏଆଇସିସି) ଦଳର ବରିଷ୍ଠ ନେତା ଭକ୍ତଚରଣ ଦାସଙ୍କୁ ଓଡ଼ିଶାରେ ସଂଗଠନର ନେତୃତ୍ୱ ନେବା ତାକୁ ନେଇ ଅଙ୍କକଷା ଓ ଲବି ଜୋର ଧରିଥିବାବେଳେ ମହମ୍ମଦ ମୋକିମ୍ , ଶ୍ରୀକାନ୍ତ ଜେନା ,ପ୍ରସାଦ ହରିଚନ୍ଦନ , ଜୟଦେବ ଜେନା ଓ ନବଜ୍ୟୋତି ପଟ୍ଟନାୟକ ପ୍ରମୁଖଙ୍କ ନାଁ ଚର୍ଚ୍ଚାରେ ରହିଥିଲା ଏସବୁ ଚର୍ଚ୍ଚା ଓ ଆକଳନକୁ ଭୁଲ୍ ପ୍ରମାଣିତ କରି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ତାଙ୍କ ଉପରେ ଭରସା କରିଥିବାରୁ ସେ ଏଆଇସିସି ଅଧ୍ୟକ୍ଷ ଓ ଗାନ୍ଧି ପରିବାର ସଦସ୍ୟଙ୍କୁ କୃତଜ୍ଞତା ଜଣାଇଛନ୍ତି । ପଶ୍ଚିମଓଡ଼ିଶାର ଜଣେ ଟାଣୁଆ ନେତା ଭାବେ ଭକ୍ତ ଦାସ ପରିଚିତ । ବିଭିନ୍ନ ଜନଆନ୍ଦୋଳନ ସହ ଜଡ଼ିତ ଭକ୍ତ ମଧ୍ୟ କଂଗ୍ରେସର ଏକ ପରିଚିତ ଚେହେରା ।



## ସଫଳ ହେବେ ଭକ୍ତ ନା ଭୋଗିବେ ଶରତଙ୍କ ଦଶା

ପାଇଁ ପିସିସି ସଭାପତି ଦାୟିତ୍ୱ ନ୍ୟସ୍ତ କରିଛନ୍ତି । ତେବେ ଦୀର୍ଘ ୨୫ବର୍ଷ ଧରି ରାଜ୍ୟରେ କ୍ଷମତାରୁ ଦୂରେଇ ରହିଥିବା କଂଗ୍ରେସର ଦଶା ଓ ଦିଶାକୁ ସୁଧାରିବାରେ ଭକ୍ତଙ୍କ ନେତୃତ୍ୱ ସଫଳ ହେବ ନା ତାଙ୍କୁ ବି ଦଳର ପୂର୍ବସୂରୀମାନଙ୍କ ଭଳି ଦଶା ଭୋଗିବାକୁ ପଡ଼ିବ, ତାକୁ ନେଇ ଏବେଠୁ କଂଗ୍ରେସ ମହଲରେ ନାନାଦି ଚର୍ଚ୍ଚା ଆରମ୍ଭ ହୋଇଛି । ସୂଚନା ଅନୁସାରେ, ସାଧାରଣ ନିର୍ବାଚନରେ ଦଳର ଖରାପ ପ୍ରଦର୍ଶନ ଓ ନେତାମାନଙ୍କ ବିରୁଦ୍ଧରେ ବିଭିନ୍ନ ଅଭିଯୋଗ ଆସିବା ପରେ ୨୦୨୪ ଜୁଲାଇ ୨୪ତାରିଖରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିକୁ ତତ୍କାଳ ପ୍ରଭାବରୁ ଏଆଇସିସି ଭାଙ୍ଗି ଦେଇଥିଲା । ସେବେଠୁ ରାଜ୍ୟରେ ଦଳର ନେତୃତ୍ୱ କିଏ ନେବ ଚଳିତ ବିଧାନସଭା ନିର୍ବାଚନରେ ନର୍ଲା ଆସନରୁ ପରାଜିତ ପ୍ରାର୍ଥୀ ଭକ୍ତଚରଣ ଦାସଙ୍କୁ ପିସିସି ସଭାପତି ଭାବେ ନିଯୁକ୍ତି ମିଳିଛି । ସେ ଦଳର ସମସ୍ତ ନେତା ଓ କର୍ମୀଙ୍କୁ ଏକାଠି ସାଙ୍ଗରେ ନେଇ କାମ କରିବେ ବୋଲି କହିବା ସହ ରାଜ୍ୟରେ କଂଗ୍ରେସ ସଂଗଠନକୁ ସୁଦୃଢ଼ କରିବା ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ । ୨୦୨୭ ପଂଚାୟତ ନିର୍ବାଚନ ପାଇଁ ଏବେଠୁ ପ୍ରସ୍ତୁତି ଆରମ୍ଭ କରାଯିବ । ଯଦି ଆଶାନୁରୂପ ସଫଳତା ନମିଳେ ସେ ନିଜଆଡୁ ପିସିସି ସଭାପତି ପଦରୁ ଓହରିଯିବେ ବୋଲି ମଧ୍ୟ ସ୍ପଷ୍ଟ କରିଛନ୍ତି । ୨୦୨୯ ନିର୍ବାଚନରେ ଓଡ଼ିଶାରେ କଂଗ୍ରେସ ନିଶ୍ଚିତ ଭଲ ପ୍ରଦର୍ଶନ କରିବ । ଦଳର ହାଇକମାଣ୍ଡ ତାଙ୍କର ସାଂଗଠନିକ ଦକ୍ଷତା ଓ ଅଭିଜ୍ଞତାକୁ ଦେଖି ଦଳ ତାଙ୍କ ଉପରେ ଭରସା କରି ପ୍ରଥମଥର ପାଇଁ ପିସିସି ସଭାପତି ଦାୟିତ୍ୱ ନ୍ୟସ୍ତ କରିଛି । ମାତ୍ର ତୀବ୍ର ଗୋଷ୍ଠୀକନ୍ଦଳ, ବିଶୃଙ୍ଖଳା ଓ ଲଗାମଛଡ଼ା ଆଭିମୁଖ୍ୟ ଯୋଗୁ ରାଜ୍ୟରେ କଂଗ୍ରେସର କଳି ଦାଣ୍ଡରେ ପଡ଼ି ହାଟରେ ଗଡୁଥିବାବେଳେ ଭକ୍ତ ନିଜର ନେତୃତ୍ୱ ମାଧ୍ୟମରେ ଏସବୁକୁ ପ୍ରଶମିତ କରି ସଂଗଠନକୁ ପୁନଃଜୀବିତ କରିବେ ନା ସେହି ବୁଢ଼ୀଆଣୀ ସୂତା ମଧ୍ୟରେ ଫସି ରହିଯିବେ ତାହା ସବୁଠୁ ବଡ଼ ପ୍ରଶ୍ନ ପାଲଟିଛି । ପୂର୍ବ ଓ ଉତ୍ତର ଓଡ଼ିଶାରେ ନିଜର ନେତୃତ୍ୱକୁ ପ୍ରତିପାଦନ କରି ସବୁ ନେତା-କର୍ମୀମାନଙ୍କୁ ସାଙ୍ଗରେ ନେଇ କଂଗ୍ରେସ ସଂଗଠନକୁ କ୍ରିୟାଶୀଳ କରିବା ନିଶ୍ଚିତ ଭାବେ ଭକ୍ତଙ୍କ ପାଇଁ କାଠିକର ପାଠ ହେବ । ଭକ୍ତଙ୍କୁ ପିସିସି ସଭାପତି ପଦରେ ଅବସ୍ଥାପିତ କରାଯିବା ପଛରେ କର୍ପୋରେଟ୍ ଲବି ରହିଥିବା ଚର୍ଚ୍ଚା ମଧ୍ୟ ଜୋର ଧରିଲାଣି । ରାଜ୍ୟରେ ବିଭିନ୍ନ ଭାଗରେ ବିଭକ୍ତ କଂଗ୍ରେସର ଗୋଟିଏ ଗୋଷ୍ଠୀ ବିଜେଡି ଓ ଅନ୍ୟଗୋଟିଏ ଗୋଷ୍ଠୀ ବିଜେପି ସହ ଭିତରି ଯୋଗସୂତ୍ରରେ ରହିଥିବା ଯୋଗୁ ସାଧାରଣ ନିର୍ବାଚନରେ ଦଳକୁ ଆଖିଦୃଶିଆ ସଫଳତା ମିଳିନଥିଲା । ଭକ୍ତଙ୍କୁ ମଧ୍ୟ ସାଧାରଣ ନିର୍ବାଚନରେ ଦଳର ପ୍ରଚାର କମିଟି ଅଧ୍ୟକ୍ଷ ଭାବେ ଅବସ୍ଥାପିତ କରାଯାଇଥିଲା କିନ୍ତୁ ସେ ସମ୍ପୂର୍ଣ୍ଣ ନିଷ୍କ୍ରିୟ ହୋଇ ରହିଥିଲେ । ନିଜେ ଓ ତାଙ୍କ ପୁଅ ଜିତିବା ଉପରେ ସେ ଅଧିକ ଗୁରୁତ୍ୱ ଦେଇ ପ୍ରଚାର ଅଭିଯାନରେ ସକ୍ରିୟ ହୋଇପାରିନଥିବା ଜଣାପଡ଼ିଛି । ଭକ୍ତଙ୍କ ପୂର୍ବରୁ ସଭାପତି ଦାୟିତ୍ୱ ତୁଲାଇଥିବା ଶରତ ପଟ୍ଟନାୟକଙ୍କୁ ମଧ୍ୟ ଶେଷସମୟରେ ନିନ୍ଦା-ଅପବାଦ ମୁଣ୍ଡାଇ ସଂଗଠନରୁ ଯିବାକୁ ପଡ଼ିଥିଲା । ଶରତ ମଧ୍ୟ ଭକ୍ତଙ୍କ ପରି ସବୁ ନେତାଙ୍କୁ ନେଇ କାମ କରିବେ ବୋଲି କହି ଶେଷପର୍ଯ୍ୟନ୍ତ ଚେଷ୍ଟା କରି ମଧ୍ୟ ଏକାଠି କରିପାରିନଥିଲେ । ଏବେ ଭକ୍ତଙ୍କୁ ସଭାପତି ପଦରେ ନିଯୁକ୍ତି ପଛରେ ସେଭଳି ଲବି କାମ କରିଥିବା ଚର୍ଚ୍ଚା ହେଉଥିବାରୁ ସଂଗଠନକୁ କ୍ରିୟାଶୀଳ କରିବା ମାର୍ଗ ଭକ୍ତଙ୍କ ପାଇଁ ସେତେଟା ସହଜ ହୋଇନପାରେ ବୋଲି ରାଜନୀତିକ ମହଲରେ ଚର୍ଚ୍ଚା ହେଉଛି । ଓଡ଼ିଶାରେ ଦୀର୍ଘ ଦଶନ୍ଧି ଧରି ପ୍ରଦେଶ କଂଗ୍ରେସ କମିଟିର ସଭାପତି ଯିଏବି ରହିଛନ୍ତି ତାଙ୍କୁ ଆରମ୍ଭରୁ ହିଁ ବିରୋଧାଭାସର ସମ୍ମୁଖୀନ ହେବାକୁ ପଡ଼ିଛି । ୨୦୧୪ରୁ ୨୦୨୪ ମସିହା ମଧ୍ୟରେ ପିସିସି ସଭାପତି ଭାବେ ଯଦିଓ ୩ଜଣ ନେତା କାର୍ଯ୍ୟ କରିଛନ୍ତି ଓ ନିଜ ନିଜର ଶ୍ରେଷ୍ଠତା ପ୍ରତିପାଦନ କରିବାକୁ ଚାହିଁଛନ୍ତି ମାତ୍ର ସଂଗଠନ ଓ ନେତାମାନେ ନିଜର ଏଜେଣ୍ଡାକୁ ପ୍ରାଥମିକତା ଦେଉଥିବାରୁ କଂଗ୍ରେସକୁ ଆଶାନୁରୂପ ସଫଳତା ମିଳିପାରିନାହିଁ । ୨୦୧୪ ସାଧାରଣ ନିର୍ବାଚନ ପରେ ବରିଷ୍ଠ ନେତା ପ୍ରସାଦ ହରିଚନ୍ଦନଙ୍କୁ ପିସିସି ସଭାପତି ଦାୟିତ୍ୱ ମିଳିଥିଲା । ୨୦୧୪ ଡିସେମ୍ବରରୁ ପ୍ରାୟ ସାଢ଼େ ୩ବର୍ଷ ସେ ଦାୟିତ୍ୱ ତୁଲାଇଲେ । ସେ ସଂଗଠନକୁ କ୍ରିୟାଶୀଳ କରି ଆଗେଇ ନେଉଥିବାବେଳେ ପଂଚାୟତ ନିର୍ବାଚନରେ ଦଳର ପ୍ରଦର୍ଶନ ଖରାପ ଦର୍ଶାଇ ତାଙ୍କ ବିରୋଧରେ ସ୍ୱର ଉଠିଲା । ତାଙ୍କୁ ହଟାଇ ୨୦୧୮ ଏପ୍ରିଲରେ ନିରଞ୍ଜନ ପଟ୍ଟନାୟକଙ୍କୁ ପିସିସି ସଭାପତି ଦାୟିତ୍ୱ ନ୍ୟସ୍ତ କରାଗଲା । ତାଙ୍କ ବିରୁଦ୍ଧରେ ତୀବ୍ର ବିରୋଧାଭାସ ଥିବା ସତ୍ତ୍ୱେ ସେ ପ୍ରାୟ ୪ବର୍ଷ ଏହି ଦାୟିତ୍ୱରେ ରହିଲେ । ତାଙ୍କ ପରେ ଶରତ ପଟ୍ଟନାୟକଙ୍କୁ ୨୦୨୨ ମେ'ମାସରେ ପିସିସି ସଭାପତି ଦାୟିତ୍ୱ ମିଳିଲା । ତାଙ୍କ ନେତୃତ୍ୱରେ ଦଳ ସାଧାରଣ ନିର୍ବାଚନ ଲଢ଼ିଲା । କିନ୍ତୁ ନିର୍ବାଚନରେ ଦଳର ଆଖିଦୃଶିଆ ପ୍ରଦର୍ଶନ ନହେବା ଓ ତାଙ୍କ ବିରୁଦ୍ଧରେ ବିଜେଡିଠୁ ଅର୍ଥ ନେଇଥିବାର ଅଭିଯୋଗ ଦଳୀୟସ୍ତରରେ ହେଲା । ଯେଉଁଥିପାଇଁ ତାଙ୍କୁ ଦଳୀୟ ନେତାମାନଙ୍କ ଆକ୍ରୋଶର ଶିକାର ହେବାକୁ ପଡ଼ିଲା । ଶେଷରେ ଏଆଇସିସି ୨୦୨୪ ଜୁଲାଇ ମାସରେ ତାଙ୍କୁ ହଟାଇବା ସହ ପିସିସି କମିଟିକୁ ନିରସ୍ତ କରିଦେଲା ।

# ୟୁଏଆଇଏଲ୍‌ର 'ପ୍ରୋଜେକ୍ଟ ନୀର' ରାୟଗଡାରେ କୃଷି ପାଇଁ ନୂତନ ଜୀବନ ଆଣିଛି

ଭୁବନେଶ୍ୱର , ୧୩/୨ : ରାୟଗଡା ଜିଲ୍ଲାର ହାଡିଗୁଡା ଗ୍ରାମପଞ୍ଚାୟତ ଅଧୀନରେ ଥିବା କୁଗୁପୁଟ ଗ୍ରାମ ଜଳାଭାବକୁ ନେଇ ଦୀର୍ଘକାଳରୁ ସଂଘର୍ଷ କରିଆସୁଥିଲା, ଏବଂ ଏହି ଗ୍ରାମର କୃଷକମାନେ ବୃଷ୍ଟିପୁଷ୍ଟ କୃଷି କାର୍ଯ୍ୟ ଉପରେ ନିର୍ଭରଶୀଳ ଥିଲେ, ଯେଉଁମାନେ ଅନିୟମିତ ବର୍ଷା ପାଇଁ ଶଙ୍କାରେ ରହୁଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ବିଷୟର ସମାଧାନ କରିବାକୁ ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡ (ୟୁଏଆଇଏଲ୍), ଭାରତ ରୁରାଲ ଲାଇଭଲିହୁଡ ଫାଉଣ୍ଡେସନ (ବିଆରଏଲଏଫ୍) ସହଯୋଗୀତାରେ ଏକ ଦୀର୍ଘସ୍ଥାୟୀ ଜଳ ସମ୍ପଦ ପରିଚାଳନା ପ୍ରକଳ୍ପ 'ପ୍ରୋଜେକ୍ଟ ନୀର' କାର୍ଯ୍ୟକାରୀ କରିଛି ଯାହା ଗ୍ରାମର କୃଷି ପରିବ୍ୟବସ୍ଥାକୁ ପୁନଃଶକ୍ତି ଯୋଗାଇଛି ଏବଂ ଅର୍ଥନୈତିକ ସ୍ଥିରତାକୁ ପ୍ରୋତ୍ସାହିତ କରିଛି। ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଏବଂ ସାଧାରଣ ବର୍ଗଙ୍କୁ ନେଇ ୧୨୭ ପରିବାର ବାସ କରୁଥିବା କୁଗୁପୁଟ ଦୀର୍ଘକାଳରୁ ବୃଷ୍ଟିପୁଷ୍ଟ କୃଷି ଉପରେ ନିର୍ଭର କରିଆସୁଥିଲା, ଯେଉଁଥିରେ ମୁଖ୍ୟତଃ ଖରିଫ ଋତୁରେ ଗୋଟିଏ ମାତ୍ର ଫସଲ କରାଯାଉଥିଲା। ଅନିୟମତି ବର୍ଷା ଏବଂ ଆବଶ୍ୟକ ମୁତାବକ ଜଳସେଚନ ବ୍ୟବସ୍ଥା ଅଭାବରୁ ଏହି ଗ୍ରାମ ବର୍ଷକୁ ୧୫ରୁ ୨୦ ପ୍ରତିଶତ ଶସ୍ୟହାନି ପରିସ୍ଥିତିର ସାମ୍ନା କରୁଥିଲା। ଏକ ଚିରସ୍ରୋତା ଝରଣା ଥିବା ସତ୍ତ୍ୱେ ଜଳସମ୍ପଦକୁ ସଠିକ ଭାବରେ ବିନିଯୋଗ କରାଯାଉନଥିଲା, ଏଥିରେ ପୂର୍ବରୁ ଏକ ଆଡିବନ୍ଧ ନିର୍ମାଣ ଉଦ୍ୟମ କରାଯାଇଥିଲେ ମଧ୍ୟ ତାହା ପର୍ଯ୍ୟାପ୍ତ ହୋଇନଥିଲା। ଏହି ଚାଲେଞ୍ଜଗୁଡିକର ଜରୁରୀ ସ୍ଥିତିକୁ ଅନୁଭବ କରି ୟୁଏଆଇଏଲ୍ ଏବଂ ବିଆରଏଲଏଫ୍ ଅସାମର୍ଥ୍ୟ, ପଙ୍କଜମିବା ଏବଂ ନିମ୍ନ ମାନର ଡିଜାଇନ କରାଯାଇଥିବା ଜଳ ମହଜୁଦ ବ୍ୟବସ୍ଥା ସମେତ ମୂଳ କାରଣ ଚିହ୍ନଟ କରିବାକୁ ଏକ ପୂର୍ଣ୍ଣାଙ୍ଗ ସର୍ବେକ୍ଷଣ କରିଥିଲେ। 'ପ୍ରୋଜେକ୍ଟ ନୀର' ଅଧୀନରେ ଲୁଜ୍ ବୋଲଡର ଚେକ୍ ଡ୍ୟାମ, ଗାବିଅନ ଷ୍ଟ୍ରକଚର ଏବଂ ରହିଥିବା ଡ୍ୟାମଗୁଡିକର ଉନ୍ନତିସାଧନ ଭଳି ସମାଧାନଗୁଡିକ ନିମନ୍ତେ ପ୍ରସ୍ତାବ ଦିଆଯାଇଥିଲା। ଏହି ପ୍ରକଳ୍ପରେ ସ୍ଥାନୀୟ ଜନସାଧାରଣଙ୍କୁ ପାର୍ଟିସିପେଟରୀ ରୁରାଲ ଆପ୍ରେଜାଲ (ପିଆରଏ) ଭଳି ସାଧନ ଜରିଆରେ ପ୍ରକଳ୍ପର ଯୋଜନା ପ୍ରସ୍ତୁତି ଓ ତାହାର କାର୍ଯ୍ୟାନ୍ୱୟନରେ ସଂପୃକ୍ତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ପ୍ରକଳ୍ପର କେନ୍ଦ୍ର ସ୍ଥାନରେ ରହିଥିଲା ଗ୍ରାମର ଆଡିବନ୍ଧର ପୁନରୁଦ୍ଧାର। ୧୦ଜଣ ଅଗ୍ରଣୀ ଚାଷୀଙ୍କୁ ନେଇ ନୂଆକରି ଗଠିତ କୁଗୁପୁଟ ଜଳ ବ୍ୟବହାରକାରୀ କମିଟି ମାର୍ଗଦର୍ଶନରେ ପୁନରୁଦ୍ଧାର ପ୍ରୟାସ ହାତକୁ ନିଆଯାଇଥିଲା ଯେଉଁଥିରେ ପ୍ଲାଟଫର୍ମ ନିର୍ମାଣ,



ପଥର ପ୍ୟାଚିଂ, ୨୦୫ ଏକରରୁ ଅଧିକ ଜମିକୁ ଅବବାହିକ ସମ୍ପ୍ରସାରଣ ଆଦି ଅନ୍ତର୍ଭୁକ୍ତ ଥିଲା। ଏହି ପ୍ରୟାସଗୁଡିକ ଡ୍ୟାମରେ ଜଳମହଜୁଦ କ୍ଷମତାକୁ ପ୍ରାୟ ୭ ଲକ୍ଷ ଲିଟରକୁ ବୃଦ୍ଧି କରିଥିଲା ଯାହା ୫୦ ଏକର ଜମି ପାଇଁ ଜଳସେଚନ ସୁବିଧା ସୃଷ୍ଟି କରିଥିଲା। ଏହାର ଫଳାଫଳ ରୂପାନ୍ତରଣକାରୀ ହୋଇଛି। କୃଷକମାନେ ସମ୍ପ୍ରତି ଦୁଇଟି ଚାଷ କରୁଛନ୍ତି, ଏବଂ ଏକର ପିଛା ଧାନ ଅମଳ ପରିମାଣ ୫ କୁଇଣ୍ଟାଲ ବୃଦ୍ଧିପାଇଛି। ଏଥିସହିତ ୩୦ ପରିବାର ପନିପରିବା ଚାଷକୁ ଆପଣେଇଛନ୍ତି, ଏବଂ ଏହାଦ୍ୱାରା ବର୍ଷକୁ ଅଧିକ ୧୫ହଜାର ଟଙ୍କା ଉପାର୍ଜନ କରୁଛନ୍ତି। ଏହି ପ୍ରକଳ୍ପର ପ୍ରଭାବ ଉପରେ ଗୁରୁତ୍ୱ ଦେଇ ଶ୍ରୀ ରବି ମିଶ୍ର, ୟୁନିଟହେଡ୍, ୟୁଏଆଇଏଲ୍ କହିଛନ୍ତି, "ପ୍ରୋଜେକ୍ଟ ନୀର ଦୀର୍ଘସ୍ଥାୟୀ ବିକାଶ ଏବଂ ଜନସାଧାରଣଙ୍କୁ ସଶକ୍ତ କରିବା ନିମନ୍ତେ ଆମ ପ୍ରତିବଦ୍ଧତାର ନିଦର୍ଶନ ହୋଇଛି। ଜଳ ଉପଲବ୍ଧତାରେ ବୃଦ୍ଧି ଘଟାଇ ଏବଂ ଏହି ପ୍ରକ୍ରିୟାରେ ଗ୍ରାମବାସୀଙ୍କୁ ସଂପୃକ୍ତ କରି କୃଷି କ୍ଷେତ୍ରରେ ଆପଦାପନ୍ନ ସ୍ଥିତିରୁ ଆମେ ଆତ୍ମନିର୍ଭରତାକୁ ରୂପାନ୍ତରିତ ହୋଇଛୁ। ଏହା ଜନସାଧାରଣଙ୍କ ଦ୍ୱାରା ଜଳସମ୍ପଦ ପରିଚାଳନାରେ ଦୀର୍ଘସ୍ଥାୟୀ କୃଷିକାର୍ଯ୍ୟର ଏକ ଜ୍ୱଳନ୍ତ ଉଦାହରଣ ହୋଇଛି। ଜଳାଭାବ ପରିସ୍ଥିତି ଦୃଷ୍ଟିଦେଇ ଏବଂ ଶସ୍ୟରେ ବିବିଧକରଣକୁ ପ୍ରୋତ୍ସାହିତ କରି ଏହି ପ୍ରୟାସ କୁଗୁପୁଟ ଗ୍ରାମରେ ଜୀବିକାରେ ଉନ୍ନତି ଆଣିବା ସହିତ ସେମାନଙ୍କର ଅର୍ଥନୈତିକ ସ୍ଥିତିକୁ ସୁଦୃଢ କରିଛି," ବୋଲି ଶ୍ରୀ ମିଶ୍ର କହିଥିଲେ। ଗ୍ରାମବାସୀ ମଧ୍ୟ ଏହି ପରିବର୍ତ୍ତନକୁ ନେଇ ସେମାନଙ୍କର ଆନନ୍ଦ ପ୍ରକାଶ କରିଛନ୍ତି। ଗ୍ରାମର ଜଣେ ଚାଷୀ ତଥା ପ୍ରକଳ୍ପର ହିତାଧିକାରୀ ଆଲୋକ ମାଝୀ କହିଥିଲେ, "ପୂର୍ବରୁ ଆମେମାନେ ଜଳାଭାବ କାରଣରୁ ଗୋଟିଏ ମାତ୍ର ଫସଲ କରୁଥିଲୁ। ଏବେ ଉନ୍ନତ ଜଳସେଚନ ସୁବିଧା ଯୋଗୁ ମୋ ପରିବାର ପନିପରିବା ଚାଷ କରୁଛନ୍ତି ଏବଂ ପୂର୍ବାପେକ୍ଷା ଅଧିକ ଉପାର୍ଜନ କରୁଛନ୍ତି। ଏହି ପ୍ରକଳ୍ପ ବାସ୍ତବରେ ଆମ ଜୀବନରେ ପରିବର୍ତ୍ତନ ଆଣିଛି।" ଏକ ଦାୟିତ୍ୱସମ୍ପନ୍ନ କର୍ପୋରେଟ ସଂସ୍ଥା ଭାବରେ ଉତ୍କଳ ଆଲୁମିନିୟମ ଇଣ୍ଟରନ୍ୟାସନାଲ ଲିମିଟେଡ ଆଦିବାସୀବହୁଳ ଆଭ୍ୟନ୍ତରୀଣ ଅଞ୍ଚଳରେ ସାମାଜିକ-ଅର୍ଥନୈତିକ କଲ୍ୟାଣ ଏବଂ ଜୀବନରେ ରୂପାନ୍ତରଣ ଆଣିବାକୁ ପ୍ରତିବଦ୍ଧ ରହିଛି। ୟୁଏଆଇଏଲର ସମସ୍ତ ପ୍ରକଳ୍ପଗୁଡିକ ଶ୍ରୀମତୀ ରାଜଶ୍ରୀ ବିର୍ଲାଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଆଦିତ୍ୟ ବିର୍ଲା ସେଣ୍ଟର ଫର କମ୍ୟୁନିଟି ଇନିସିଏଟିଭସ୍ ଆଣ୍ଡ ରୁରାଲ ଡେଭଲପମେଣ୍ଟ ଅଧୀନରେ କାର୍ଯ୍ୟକାରୀ କରାଯାଉଛି। ଉତ୍କଳ ଆଲୁମିନାର ନିୟୋଜନତା ଓଡ଼ିଶାର ୨୫ଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ୨୩୨ଟି ଗ୍ରାମରେ ପରିବ୍ୟାପ୍ତ ହୋଇଛି। ୟୁଏଆଇଏଲ ଶିକ୍ଷା, ସ୍ୱାସ୍ଥ୍ୟ, ଦୀର୍ଘସ୍ଥାୟୀ ଜୀବିକା ଉପାର୍ଜନ, ଗ୍ରାମାଞ୍ଚଳ ଭିତ୍ତିଭୂମି ଏବଂ ଗ୍ରାମାଞ୍ଚଳ ଜନସାଧାରଣଙ୍କର ସାମାଜିକ-ଅର୍ଥନୈତିକ ଦିଗଗୁଡିକ ପ୍ରତି ୟୁଏନଏସ୍‌ଡିଜି ଅନୁଯାୟୀ ଦୃଷ୍ଟିଦେବା ଭଳି ପାଞ୍ଚଟି ମୂଳ ବିଷୟ ଜରିଆରେ ୨,୦୧,୦୦୦ରୁ ଅଧିକ ଲୋକଙ୍କ ଜୀବନକୁ ସମୃଦ୍ଧ କରୁଛି।

## ୧୬ ଟିକିଆ ହାତୀପଲ

ବାଲିଗୁଡା ,୧୩/୨-; ବାଲିଗୁଡା ବନାଂଚଳ ଅନ୍ତର୍ଗତ ଖମନଖୋଲ ଓ ପୋଖରୀବନ୍ଧ ଜଙ୍ଗଲରେ ୧୬ ଟିକିଆ ହାତୀପଲ ଜଙ୍ଗଲରୁ ଜଙ୍ଗଲକୁ ଘୁରି ବୁଲୁଛନ୍ତି । ସୁଚନାରୁ ପ୍ରକାଶ ଯେ ଗତକିଛିଦିନ ଧରି ଖମନଖୋଲଓ ପୋଖରୀବନ୍ଧ ମଧ୍ୟରେ ଥିବା ଜଙ୍ଗଲ ସେସକା,କାଣିବାରୁ,କଂଜାଲଗୁ ,ଜାଲିସୁଗା ଆଦି ଜଙ୍ଗଲରେ ସେମାନେ ଚଳପ୍ରଚଳ କରୁଛନ୍ତି । ଦିନ ତମା ଜଙ୍ଗଲରେ ରହୁଛନ୍ତି ରାତି ହେଲେ ଗାଁ ମୁହାଁ ହେଉଛନ୍ତି କିନ୍ତୁ ବର୍ତମାନ ସୁଧା ଏହି ହାତୀପଲ କିଛି କ୍ଷୟକ୍ଷତି କରିନାହାନ୍ତି । ବାଲିଗୁଡା ବନାଂଚଳ ଅଧିକାରୀ ଡି ସୁବାଷ ଚନ୍ଦ୍ର କହିଛନ୍ତି ୧୬ଟିକିଆ ହାତୀପଲ ପୋଖରୀବନ୍ଧ ଓ ଖମନଖୋଲ ଜଙ୍ଗଲ ମଧ୍ୟରେ ରହିଛନ୍ତି ସେମାନଙ୍କ ଗତିବିଧି ଉପରେ ଆମେ ନଜର ରଖିଛୁ ଓ ହାତୀପଲଜଙ୍ଗଲରେ ହିଁ ରହୁଛନ୍ତି କୌଣସି ଗାଁକୁ ଆସି କିଛି କ୍ଷୟକ୍ଷତି କରିନାହାନ୍ତି ,ଜଙ୍ଗଲପ୍ରାଣୀ ଜଙ୍ଗଲରେ ରହିବେ ,ହାତୀପଲ ରହୁଥିବା ଜଙ୍ଗଲ ର ନିକଟବର୍ତି ଗାଁ ମାନଙ୍କରେ ଆମେ ଲୋକଙ୍କୁ ସଚେତନତା କରାଇଛୁ ବୋଲି କହିଛନ୍ତି ।

## ବାଲିଗୁଡାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର
## ୫୪୫ ଜଣ ଚିହ୍ନଟ ପ୍ରକ୍ରିୟାରେ ହେଲେ ସାମିଲ



ବାଲିଗୁଡା , **୧୩/୨ (ନି.ପ୍ର):** କନ୍ଧମାଳ ଜିଲ୍ଲାର ବାଲିଗୁଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ପକ୍ଷରୁ ଦିନିକିଆ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିର ରେ ବାଲିଗୁଡା ସମେତ ତୁମୁଡିବନ୍ଧ ,କୋଟଗଡ,କ. ନୂଆଗାଁ ,ରାଇକିଆ ,ଦାରିଙ୍ଗବାଡି ,ଜି ଉଦୟଗିରୀ ବ୍ଲକ ର ୮୪୮ ଜଣ ଭିନ୍ନକ୍ଷମ ବ୍ୟକ୍ତି ପଞ୍ଜୀକୃତ କରିଥିବା ବେଳେ ୫୪୫ ଜଣ ଉପସ୍ଥିତ ରହି ଚିହ୍ନଟ ପକ୍ରିୟାରେ ଭାଗ ନେଇଥିଲେ । ୧୪ ଜଣ ଭିନ୍ନକ୍ଷମ ଙ୍କୁ ସହାୟକ ଉପକରଣ ପ୍ରଦାନ କରଯାଇଥିଲା । ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ରେ ଶ୍ରବଣ ବାଧିତ ,ଦୃଷ୍ଟି ବାଧିତ ,ଚକ୍ଷୁ ବାଧିତ , ସମେତ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ଯୋଗ ଦେଇଥିଲେ । ଏହି ଶିବିରକୁ ସ୍ଥାନୀୟ ତହସିଲଦାର ତଥା ବିଡିଓ ଦୀପ୍ତି ପ୍ରକାଶ ବେହେରା ଉଦଘାଟନ କରିଥିବା ବେଳେ ,ଅଧକ୍ଷା ମିଶାବତୀ ମଲ୍ଲିକ , ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ମମିତା ପ୍ରଧାନ ,ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦିନେଶ କହଁର , ଜିଲ୍ଲା ଭିନ୍ନକ୍ଷମ ଥଇଥାନ ଅଧିକାରୀ ଅକ୍ଷୟ କୁମାର ପଣ୍ଡା , ଡଃ ନିମାଇ ଚନ୍ଦ୍ର ବିଶି, ଡଃ ଦେବଜୀତ ଦାସ ,ଡଃ ଉତ୍କଳ କେଶରୀ ସାହୁ , ଯଜ୍ଞଦୀପ କୁମାର ଘୋଷ , ମଳୟ କୁମାର ବେହେରା ,ବିଜୟ ଲକ୍ଷ୍ମୀ ପଣ୍ଡା, ସମେତ ବିଭିନ୍ନ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ସମେତ ବ୍ଲକ ର ସମସ୍ତ କର୍ମଚାରୀ ମାନେ ସହଯୋଗ କରିଥିଲେ ।

### ବିନା ସୂଚନା ଫଳକରେ ଢଳେଇରାସ୍ତା ନିର୍ମାଣ- ଖବର ପ୍ରକାଶିତ ପରେ ଚେତା ଫେରିଲା ପ୍ରଶାସନର
## ଲାଗିଲା ସୂଚନା ଫଳକ, ସେଥିରେ ତ୍ରୁଟି

ନିଶ୍ଚିନ୍ତକୋଇଲି **୧୩/୨ (ନି.ପ୍ର):** ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ଅନ୍ତର୍ଗତ ବଡକ୍ଷୀର ପଂଚାୟତ ଗୋପପୁର ଗ୍ରାମର ୧୭ ନମ୍ବର ୱାର୍ଡ ଅଧିନସ୍ଥ ୮(ଘ)-୧ ଶାଖା ନାଳ ବନ୍ଧ ରାସ୍ତାକୁ ଢଳେଇ ରାସ୍ତାରେ ପରିଣତ କରାଯାଇଛି । ମଥୁରାନନ୍ଦ ସାହୁଙ୍କ ଘରଠାରୁ ସାନ ଗୁଡିଆ ସାହି ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ଏହି ଢଳେଇ ରାସ୍ତାର କାର୍ଯ୍ୟକ୍ରମ ସଂପର୍କୀତ ସବିଶେଷ ବିବରଣୀର ସୂଚନା ଫଳକ ଲଗାଯାଇନାହିଁ । ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଶୁଣିବାକୁ ମିଳୁଛି ସ୍ଥାନୀୟ ପଂଚାୟତ ସମିତିସଭ୍ୟଙ୍କ ନିଜସ୍ୱ ପାଣ୍ଠି ୨.୫ ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନରେ ନିର୍ମିତ ଉକ୍ତ ଢଳେଇ ରାସ୍ତାର ତଦାରଖ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଲିଲିମା ନାୟକ(ବିଭାଗୀୟ)ଙ୍କ ନାମେ କାର୍ଯ୍ୟାଦେଶ ଥାଇ ଉକ୍ତ କାର୍ଯ୍ୟ ନିର୍ମାଣ ହୋଇଛି । ଏଠାରେ ସୂଚନା ଥାଉ କି ଯାହା ନାଁରେ କାର୍ଯ୍ୟଦେଶ ରହୁଛି ସେ ନିଜେ କାର୍ଯ୍ୟର ତଦାରଖ ଦାୟିତ୍ୱ ନିର୍ବାହ କରୁଛି । ନିର୍ମାଣ କାର୍ଯ୍ୟ ସମୟରେ କାର୍ଯ୍ୟ ସ୍ଥଳରେ ଅଳ୍ପ କିଛି ସମୟ ପାଇଁ ଉପସ୍ଥିତ ରହି କନିଷ୍ଠ ଯନ୍ତ୍ରୀ ଜଣଙ୍କ ଫେରିଆସିଥାଆନ୍ତି । କନିଷ୍ଠ ଯନ୍ତ୍ରୀ ସ୍ଥାନୀୟ ଅଂଚଳର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ରାଜନୈତିକ ସମର୍ଥକମାନଙ୍କୁ ନିର୍ମାଣ କାର୍ଯ୍ୟର ଦାୟିତ୍ୱ ଦେଇ ରାଧେ ରାଧେ ତୋର ଅଧେକୁ ମୋର ଅଧେ ନ୍ୟାୟରେ କାର୍ଯ୍ୟ କରୁଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି । ଏଠାରେ ସୂଚନା ଥାଉ କି ସଂପୃକ୍ତ କନିଷ୍ଠ ଯନ୍ତ୍ରୀ ଜଣକ ଦୀର୍ଘ ଦିନରୁ ଏହି ବ୍ଲକରେ ରହି କାର୍ଯ୍ୟ ତୁଲାଉଥିଲେ ମଧ ତାଙ୍କୁ ଏଠାରୁ ବଦଳୀ କରାଯାଉ ନାହିଁ କାହିଁକି । ପୂର୍ବରୁ ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ସମୟରୁ ଏହି କନିଷ୍ଠ ଯନ୍ତ୍ରୀଜଣକ ଏଠାରେ ରହି କାର୍ଯ୍ୟ କରୁଥିବା ବେଳେ ବରମାନ ମାହାଙ୍ଗାରେ ସ୍ୱାଧୀନ ବିଧାୟକ ପ୍ରତିନିଧିତ୍ୱ କରୁଥିବା ସମୟରେ ସଂପୃକ୍ତ କନିଷ୍ଠ ଯନ୍ତ୍ରୀ ଏହିଠାରେ ରହି କାର୍ଯ୍ୟ କରିବାରେ ସକ୍ଷମ ହୋଇ ପାରିଛନ୍ତି । ପୂର୍ବରୁ କନିଷ୍ଠ ଯନ୍ତ୍ରୀ ଜଣକ ବିଭିନ୍ନ କାର୍ଯ୍ୟରେ ଅନୀୟମିତତା କରିଥିବା ନେଇ ସାଧାରଣରେ ଅଭିଯୋଗ ହୋଇ ଆସୁଥିଲେ ମଧ ସେ ରାଜନୈତିକ ନେତା ଓ ପ୍ରଶାସନିକ ଅଧିକାରୀଙ୍କ ସହ ସଲାସୁତୁରା କରି ଏହି ବ୍ଲକରେ ରହି କାର୍ଯ୍ୟ କରିପାରୁଛନ୍ତି । ସଂପୃକ୍ତ କନିଷ୍ଠ ଯନ୍ତ୍ରୀ ଜଣକ ଯେଉଁ ଯେଉଁ ପଂଚାୟତରେ ରହି ବିଭାଗୀୟ ନାମେ କାର୍ଯ୍ୟ ଥାଇ ଉକ୍ତ କାର୍ଯ୍ୟର ସେ ମାପ କରିବା ସହ ଅର୍ଥ ଉଠାଣ କରିଥାଆନ୍ତି । ତାହାର ଉଚ୍ଚସ୍ତରୀୟ ତଦନ୍ତ ହେବା ପାଇଁ ସାଧାରଣରେ ଦାବି ହେଉଛି । ଉକ୍ତ ଖବର ଗଣମାଧମରେ ପ୍ରକାଶିତ ହେଲା ପରେ କାର୍ଯ୍ୟସ୍ଥଳରେ ପ୍ରଶାସନ ପକ୍ଷରୁ ଏକ ସୂଚନା ଫଳକ ଲଗାଯାଇଛି । ମାତ୍ର ଉକ୍ତ ସୂଚନା ଫଳକରେ ୮ ନଂ କେନାଲ କଂକ୍ରିଟ ରାସ୍ତା ଉଲ୍ଲେଖ ଅଛି । ପ୍ରକୃତରେ ଏହା ୮ ନଂ କେନାଲବନ୍ଧ ନୁହେଁ । ଏଥିରୁ ଜଣାପଡୁଛି ଉକ୍ତ ରାସ୍ତା ନିର୍ମାଣରେ ଆଉ କିଛି ଗୋପନ ତଥ୍ୟ ଲୁଚିକି ରହିଛି । ଉକ୍ତ କେନାଲ ବନ୍ଧ ଢଳେଇ ରାସ୍ତା ନିର୍ମାଣ ସମୟରେ ଜଳ ସଂପଦ ବିଭାଗ ପାଖରୁ ଅନୁମତି ଅଣାଯାଇଛି ନା ନାହିଁ ତାହା ସନ୍ଦେହ ଘେରରେ । ସବୁଠାରୁ ବଡକଥା ହେଲା ଖବର ପ୍ରକାଶିତ ପରେ ଏହି ଅର୍ଥ ସମିତି ସଭ୍ୟଙ୍କ ହାତ ପାଣ୍ଠି ବୋଲି ଉଲ୍ଲେଖ କରାଯାଇଛି । ଯାହାକୁ ପୂର୍ବରୁ ଜନସାଧାରଣମାନଙ୍କଠାରୁ ଦୂରେଇ ରଖାଯାଇଥିଲା ।

## ବିଜେପି ର ତେନ୍ତୁଲିଖୁଣ୍ଟି ମଣ୍ଡଳ ପାଳନ କଲା ବଳିଦାନ ଦିବସ

ତେନ୍ତୁଳିଖୁଣ୍ଟି **୧୩/୨ (ନି.ପ୍ର):** ଅନ୍ତ୍ୟୋଦୟ ଏବଂ ଏକାତ୍ମ ମାନବବାଦର ପ୍ରଣେତା, ଭାରତୀୟ ଜନସଂଘର ସଂସ୍ଥାପକ, ମହାନ ରାଷ୍ଟ୍ରବାଦୀ ବିଚାରକ, କୁଶଳୀ ସଂଗଠକ ତଥା ଭାଜପା ନେତା ଙ୍କ ପଥ ପ୍ରଦର୍ଶକ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଜୀଙ୍କ ପୁଣ୍ୟତିଥି କୁ ବଳି ଦାନ ଦିବସ ଭାବେ ଭାଜପା ପାଳନ କରି ଆସୁଛି । ଆଜି ତେନ୍ତୁଲିଖୁଣ୍ଟି ମଣ୍ଡଳ ଭାଜପା ତରଫରୁ ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ଙ୍କ ଫଟୋ ଚିତ୍ର ରେ ମାଲ୍ୟାର୍ପଣ ସହ ପାଳନ କରିଛନ୍ତି । ଏହି ଅବସର ରେ ପରମ୍ପରା ଅନୁସାରେ ଦଳ ପାଇଁ ଅର୍ଥ ରାଶି ମଧ କର୍ମକର୍ତ୍ତା ଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ତେନ୍ତୁଲିଖୁଣ୍ଟି ମଣ୍ଡଳ ଭାଜପା ସଭାପତି ପ୍ରଶାନ୍ତ କୁମାର ନାୟକ ଅଧକ୍ଷତା କରିଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପଣ୍ଡିତ ଦୀନଦୟାଲ ଙ୍କ ଜୀବନୀ ଓ ରାଷ୍ଟ୍ରୀୟ ଏକତା ପାଇଁ ସଂଘର୍ଷ ଓ ବଳିଦାନ ସମ୍ପର୍କରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ । ଅନ୍ୟମାନଙ୍କ ମଧରେ । ପ୍ରମୁଖ ଯୋଗ ଦେଇ ଥିଲେ ।

## ପାଟଣା ରେ ନୂତନ ଅବକାରୀ ଥାନାଧିକାରୀ

ପାଟଣା **୧୩/୨ (ନି.ପ୍ର):** ପାଟଣା ର ନୂତନ ଅବକାରୀ ଥାନାଧିକାରୀ ଭାବେ ବଟକୃଷ୍ଣ ରାଉଳ ଆଜି କାର୍ଯ୍ୟରେ ଯୋଗ ଦେଇଛନ୍ତି ।ପୂର୍ବରୁ କାର୍ଯ୍ୟରତ ଅବକାରୀ ଥାନାଧିକାରୀ ପୀୟସ୍ମିତା ପରିଡ଼ା ଙ୍କର ଅନ୍ୟତ୍ର ବଦଳି ପରେ ଏହି ପଦବୀ ଖାଲି ପଡିଥିଲା ।

## ଫେବୃଆରୀ ୧୪ ରୁ ପ୍ରାଥମିକ ଶିକ୍ଷକଙ୍କ ବିଶାଳ ଆନ୍ଦୋଳନ

ପାଟଣା **୧୩/୨ (ନି.ପ୍ର):** ପ୍ରାଥମିକ ଶିକ୍ଷକଙ୍କ ମୂଳ ଗ୍ରେଡ ପେ ୪୨୦୦ ସହିତ ଯୋଜନା ଭିତ୍ତିକ ଶିକ୍ଷକ ନିଯୁକ୍ତି ବନ୍ଦ କରି ୬ ଟି ନୋସନାଲ ଇନକ୍ରିମେଣ୍ଟ ପ୍ରଦାନ ପାଇଁ ଆସନ୍ତା ୧୪ ଫେବୃୟାରୀ ରୁ ଆନ୍ଦୋଳନ କୁ ଓହ୍ଲାଇବ ମିଳିତ ପ୍ରାଥମିକ ଶିକ୍ଷକ ସମନ୍ୱୟ ସମିତି ।୨୦୨୨ ମସିହାରେ ଦୀର୍ଘ ୪ ଦିନ ଗାନ୍ଧୀ ମାର୍ଗରେ ଆନ୍ଦୋଳନ କରିଥିଲେ ମଧ ସେତେବେଳେ ସରକାର ମୁଖ୍ୟ ଶାସନ ସଚିବଙ୍କ ଏକ ପତ୍ର ମାଧମରେ ଉଚ୍ଚ ସ୍ତରୀୟ କମିଟି ଗଠନ କରି ଦାବି ପୂରଣ କରିବାର ପ୍ରତିଶ୍ରୁତି ଦେଇ ପରବର୍ତ୍ତୀ ସମୟରେ କୌଣସି ପଦକ୍ଷେପ ନେଇନଥିଲେ ।ଉକ୍ତ ଆନ୍ଦୋଳନରେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦାନ କରି ପ୍ରାଥମିକ ଶିକ୍ଷକଙ୍କ ଦାବି ନ୍ୟାୟୋଚିତ ବୋଲି ମତ ଦେଇ ଏହା ତାଙ୍କ ସରକାର ଆସିଲେ ନିହାତି ପୂରଣ କରିବାକୁ ପ୍ରତିଶ୍ରୁତି ଦେଇ ସେତେବେଳର ସରକାରୀ ଦଳକୁ ତୀବ୍ର ନିନ୍ଦା କରିଥିଲେ । କିନ୍ତୁ ସରକାର କୌଣସି ପଦକ୍ଷେପ ନେଲେ ନାହିଁ । ତେଣୁ ପୁନର୍ବାର ପ୍ରାଥମିକ ଶିକ୍ଷକ ମାନେ ୨୦୨୩ ମସିହାରେ ସଂଗଠିତ ହୋଇ ବ୍ଲକ ସ୍ତରରେ ସାମୁହିକ ଛୁଟି ନେଇ ସ୍କୁଲ ବନ୍ଦ କରିଥିଲେ । ଅନୁରୂପ ପ୍ରତିଶ୍ରୁତି ପୂରଣର ଆଶ୍ୱାସନା ଦେଇ ୨୦୨୩ ମସିହା ଆନ୍ଦୋଳନ ସ୍ଥଗିତ ରଖାଯାଇ ଥିଲା । ମାତ୍ର ପରବର୍ତ୍ତୀ ସମୟରେ କେବଳ କ୍ୟାଡ଼ର ସଂଶୋଧନ କରି ପଦୋନ୍ନତି ପାଇଥିବା ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ କିଛି ସୁବିଧା ପ୍ରଦାନ କରିଥିଲେ ଯାହା କି ଲକ୍ଷାଧିକ ପ୍ରାଥମିକ ଶିକ୍ଷକଙ୍କ ଆବେଗ ଓ ଉତ୍ସାହ କୁ ଗଭୀର ଆଘାତ ପ୍ରଦାନ କରିଥିଲା ।ନୂଆ ସରକାର ଆସିବା ପରେ ପ୍ରାଥମିକ ଶିକ୍ଷକ ମାନେ ଅନେକ ଆଶା ଓ ବିଶ୍ୱାସ ରଖିଥିଲେ ଯେ ସରକାର ତାଙ୍କର ପୂର୍ବ ପ୍ରତିଶ୍ରୁତି କୁ ନିଶ୍ଚିତ ଭାବରେ ପାଳନ କରି ପ୍ରାଥମିକ ଶିକ୍ଷକଙ୍କ ଦୀର୍ଘ ଦିନର ଦାବିକୁ ଅବିଳମ୍ବେ ପୂରଣ କରି ୫ ଲକ୍ଷ ପରିବାର ମୁହଁରେ ହସ ଫୁଟାଇବେ, କିନ୍ତୁ ସେ ଦିଗରେ କୌଣସି ପଦକ୍ଷେପ ନ ନେବା ପ୍ରାଥମିକ ଶିକ୍ଷକଙ୍କ ମନରେ ଗଭୀର ଦୁଃଖ ଓ ବେଦନା ଭରି ଦେଇଛି । ନଭେମ୍ବର ମାସ ବିଧାନସଭା ଅବ୍ୟବହିତ ପୂର୍ବ ସରକାରଙ୍କ ତରଫରୁ ବିଭିନ୍ନ ପ୍ରାଥମିକ ଶିକ୍ଷକଙ୍କୁ ସେମାନଙ୍କ ଦାବି ବିଷୟରେ ଆଲୋଚନା କରିଥିଲେ ମଧ ଦୀର୍ଘ ୩ ମାସ ବିତି ଯାଇଥିଲେ ମଧ ଶିକ୍ଷକଙ୍କ ଦାବି ରେ କୌଣସି ସୁଫଳ କିମ୍ବା ଅଗ୍ରଗତି ଦେଖିବାକୁ ମିଳିନାହିଁ । ବାରମ୍ବାର ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କୁ ଭେଟ କରି ଦାବି ବିଷୟରେ ଅବଗତ କରାଗଲା ପରେ ମଧ କୌଣସି ସୁଫଳ ମିଳି ନାହିଁ । ଏଣୁ ପ୍ରାଥମିକ ଶିକ୍ଷକ ସଂଗଠନ ମାନେ ବିଧାନସଭାକୁ ଦୃଷ୍ଟିରେ ରଖି ଆସନ୍ତା ୧୪ ଫେବୃୟାରୀ ରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ କରିବାପାଇଁ ନିଷ୍ପତି ନେଇଛନ୍ତି ।ସୂଚନା ମୁତାବକ ଫେବୃଆରୀ ୧୪ ଓ ୧୫ ରେ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ନିଜ ନିଜ ବ୍ୟକ୍ତିଗତ ଛୁଟି ନେଇ ଆନ୍ଦୋଳନରେ ବହୁସଂଖ୍ୟାରେ ଯୋଗଦାନ କରିବା ପାଇଁ ମିଳିତ ପ୍ରାଥମିକ ଶିକ୍ଷକ ସମନ୍ୱୟ ସମିତି ନିଷ୍ପତି ନେଇଛି ।

## ସଂରକ୍ଷିତ ଜଙ୍ଗଲରେ ନିଆଁ ଲଗାଉଥିବା ସମୟରେ ୨ ଗିରଫ

ପାଟଣା **୧୩/୨ (ନି.ପ୍ର):** ପାଟଣା ବନାଞ୍ଚଳ ଅନ୍ତର୍ଗତ ପ୍ରଧାନପଡା ନିକଟରେ ଜଙ୍ଗଲରେ ନିଆଁ ଲଗାଉଥିବା ୨ ଦୁର୍ବୃତ୍ତ ଙ୍କୁ ଆଜି ସନ୍ଧ୍ୟାରେ ବନବିଭାଗ ଗିରଫ କରିଛି। ଓଡ଼ିଶା ଜଙ୍ଗଲ ଆଇନ ୧୯୭୨ ର ଅଣ୍ଡର ସେକ୍ସନ ଧାରା ୨୭-୩(କ)ଅନୁଯାୟୀ ଉଭୟଙ୍କୁ ଗିରଫ କରାଯାଇଛି। ଗିରଫ ଦ୍ୱୟ ପ୍ରଧାନପଡା ଗ୍ରାମର ବିକାଶ ଦେହୁରୀ(୨୬) ଓ ବଡ଼ବିଲ ଅଙ୍ଗାରପଦା ସାହିର ଦିବାକର ପାତ୍ର(୪୬) ବୋଲି ଜଣାପଡିଛି। ସେମାନଙ୍କ ଠାରୁ ୨ଟି ମୋବାଇଲ, ୧ ଟି କଟୁରି ଓ ଦିଆସିଲି ପାକେଟ ଜବଦ କରାଯାଇଛି।ଉଭୟ ଜଙ୍ଗଲରେ ନିଆଁ ଲଗାଉଥିବା ସମୟରେ ସାହାରପଡା ବନପାଳ ଭୂପତିକୁମାର ସେଠୀ, ବନରକ୍ଷୀ ଦୀପକ ରଣା ଓ ରଞ୍ଜିତା ମହାନ୍ତ ଏବଂ ବନବିଭାଗ ପାରା କର୍ମଚାରୀ ସେଠାରେ ଚଢ଼ାଉ କରି ଉଭୟଙ୍କୁ ଗିରଫ କରିଛନ୍ତି।

## ନୂତନ ମଣ୍ଡଳ ଶିକ୍ଷାଧିକାରିଣୀଙ୍କ ଦାୟିତ୍ୱ ଗ୍ରହଣ

ନିଶ୍ଚିନ୍ତକୋଇଲି **୧୩/୨ (ନି.ପ୍ର):** ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶରେ ପୂର୍ବରୁ କାର୍ଯ୍ୟରତ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରିଣୀ ଲକ୍ଷେହୀରା ଲାବଣ୍ୟବତୀ ବେହେରାଙ୍କ ସାଲେପୁର ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟକୁ ବଦଳି ହୋଇଛି । ତାଙ୍କ ସ୍ଥାନରେ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରିଣୀ ଭାବେ ସଂଯୁକ୍ତା ମହାପାତ୍ରଙ୍କୁ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶପତ୍ର ମିଳିଥିଲା । ଶ୍ରୀମତୀ ମହାପାତ୍ର ଏହାପୂର୍ବରୁ ମାହାଙ୍ଗା ବ୍ଲକ ଅଧିନସ୍ଥ ଭେଡାସ୍ଥିତ ଚୌଧୁରୀ ରାଧାନାଥ ବିଦ୍ୟାପୀଠରେ ପ୍ରଧାନଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିଲେ । ତା.୧୧.୦୨.୨୦୨୫ରିଖରେ ସେ ପୂର୍ବତନ ମଣ୍ଡଳ ଶିକ୍ଷାଧିକାରିଣୀ ଲକ୍ଷେହୀରା ଲାବଣ୍ୟବତୀ ବେହେରାଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି । ଦାୟିତ୍ୱ ଗ୍ରହଣ ସମୟରେ ପୂର୍ବତନ ମଣ୍ଡଳ ଶିକ୍ଷାଧିକାରୀ ଲକ୍ଷ୍ମଣ କୁମାର ଲେଙ୍କା, ଧଳପଡା ଆଂଚଳିକ ସାଧନକେନ୍ଦ୍ର ସଂଯୋଜକ ନରେନ୍ଦ୍ରନାଥ ସାହୁ, କାର୍ଯ୍ୟାଳୟ କର୍ମଚାରୀ ହିସାବରକ୍ଷକ ରାଜେନ୍ଦ୍ର କୁମାର ଭୂୟାଁ, ବନ୍ଦନ କୁମାର ରାଉତ, ମଧ୍ୟାହ୍ନ ଭୋଜନ ତଥ୍ୟନିକ୍ଷେପଣ ପରିଚାଳକ ପ୍ରତାପ ପ୍ରଧାନ, ତଥ୍ୟନିକ୍ଷେପଣପରିଚାଳକ ଅମର ସାମଲ,କନିଷ୍ଠ କିରାଣୀ ଅଭିରାମ ଦାସ, ଦୀପ୍ତିରଂଜନ ପଟ୍ଟନାୟକ, ବରିଷ୍ଠ କିରାଣୀ ସମୀର ମହାନ୍ତି କର୍ମଚାରୀ ପ୍ରତାପ କୁମାର ମଲ୍ଲଙ୍କ ସମେତ ବହୁ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ । କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନରେ କାର୍ଯ୍ୟ କରୁଥିବା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ସାଙ୍ଗରେ ନେଇ କାର୍ଯ୍ୟକରିବେ ବୋଲି ଶ୍ରୀମତୀ ମହାପାତ୍ର ସୂଚନା ଦେଇଛନ୍ତି ।

## କାର୍ଯ୍ୟ କରି ଅର୍ଥ ନ ପାଇବାରୁ ପଂଚାୟତ ସମିତି କାର୍ଯ୍ୟାଳୟରେ ଧାରଣା
### *ମାହାଙ୍ଗା ବିଧାୟକଙ୍କ ପ୍ରତିଶ୍ରୁତି ପରେ ଧାରଣାରୁ ଉଠିଲେ କର୍କଟ ପିଡୀତ*




ନିଶ୍ଚିନ୍ତକୋଇଲି **୧୩/୨ (ନି.ପ୍ର):** ନିଶ୍ଚିନ୍ତକୋଇଲି ପଂଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଥିବା ମହାପୁରୁଷଙ୍କ ପ୍ରତିମର୍ତ୍ତୀ ତଳେ ନେମାଳ ଗ୍ରାମର ସୁବାଷ ଚନ୍ଦ୍ର ଲେଙ୍କା(୫୧) ଏବଂ ତାଙ୍କର ଧର୍ମପତ୍ନୀ ରଶ୍ମିତା ଲେଙ୍କା ଧାରଣାରେ ବସିଥିବା ଦେଖିବାକୁ ମିଳିଥିଲା । ଖବରରୁ ପ୍ରକାଶ ସୁବାଷ ଚନ୍ଦ୍ର ଲେଙ୍କା ବିଗତ ୯ମାସ ପୂର୍ବରୁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ୪ଲକ୍ଷ ଟଙ୍କା ଅନୁଦାନରେ ନେମାଳ ଗୋଷ୍ଠୀ ଗୃହ କେନ୍ଦ୍ରର ନିର୍ମାଣ କାର୍ଯ୍ୟ କରିଥିଲେ । ଆର୍ଥିକ ବର୍ଷ ୨୦୨୩-୨୪ ବର୍ଷରେ ପ୍ରକଳ୍ପ ଆକଳିତ ମୂଲ୍ୟ ୪ ଲକ୍ଷ ଟଙ୍କା ବ୍ୟୟରେ କାର୍ଯ୍ୟ ନିର୍ବାହୀ ସଂସ୍ଥା ପଂଚାୟତ ସମିତି ନିଶ୍ଚିନ୍ତକୋଇଲି ଜିଲ୍ଲାପରିଷଦ କଟକଙ୍କ ନାମେ ଥାଇ ସେ କାର୍ଯ୍ୟ କରିଥିଲେ । କାର୍ଯ୍ୟ ଶେଷ ହେବାର ଦୀର୍ଘ ଦିନ ବିତିଯାଇଥିଲେ ମଧ ସେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଭେଟି ଶେଷ ହୋଇଥିବା ଉକ୍ତ କାର୍ଯ୍ୟର ଅର୍ଥ ଉଠାଣ କରି ତାକୁ ପ୍ରଦାନ କରିବାକୁ ଗୁହାରୀ କରିଥିଲେ ମଧ ସୁବାଷଙ୍କ କଥା କେହି ଶୁଣୁନଥିବା ତାଙ୍କ ପତ୍ନୀ କହିଛନ୍ତି । ସୁବାଷ ଏବେ କର୍କଟ ରୋଗରେ ପିଡୀତ ହୋଇ ଶଯ୍ୟାଶାୟୀ ଅଛନ୍ତି । ଚିକିତ୍ସା ପାଇଁ ଅର୍ଥର ଆବଶ୍ୟକତା ଥିବାରୁ ସେ କରିଥିବା କାର୍ଯ୍ୟର ଅର୍ଥ ତାଙ୍କୁତୁରନ୍ତ ପ୍ରଦାନ ପାଇଁ ଧାରଣାରେ ବସିଥିବା ଜଣାପଡିଥିଲା । ଧାରଣା ସ୍ଥଳରେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ପହଞ୍ଚି ରଶ୍ମିତା ଓ ତାଙ୍କ ସହିତ ଉପସ୍ଥିତ ଥିବା ସ୍ଥାନୀୟ ଗ୍ରାମବାସୀଙ୍କୁ ମୌଖିକ ପ୍ରତିଶୃତି ଦେଇଥିଲେ କି ଖୁବ୍ ଶୀଘ୍ର ମୁଁ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ଏହାର ସମାଧାନ କରିବି । ବିଧାୟକଙ୍କ ପ୍ରତିଶ୍ରୁତି ପାଇବା ପରେ ରଶ୍ମିତା ଓ ଗ୍ରାମବାସୀମାନେ ସୁବାଷଙ୍କୁ ଧାରଣାରୁ ଉଠାଇଥିଲେ । ସୁବାଷଙ୍କ ସହିତ ସ୍ଥାନୀୟ ବାସିନ୍ଦା ପ୍ରମୋଦ କୁମାର ନାୟକ, ବିଶ୍ୱେନ୍ଦୁ ମହାରଣା, ଅଚ୍ୟୁତାନନ୍ଦ ଦାସ, ହିଂମାଂଶୁ ଶେଖର ଦାସ, ବଳଦେବାନନ୍ଦ ଦାସ, ସୁରେନ୍ଦ୍ର ସିଂ, ଦିବାକର ସାହୁ, କାଳନ୍ଦୀ ସାହୁ ପ୍ରମୁଖଙ୍କ ସହିତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ । ଯଦି ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀ ୧ମାସ ମଧରେ ଏହାର ସମାଧାନ ନକରନ୍ତି ତାହା ହେଲେ ପୁନର୍ବାର ସଂପୃକ୍ତ ପରିବାର ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।

## ପିସିସି ସଭାପତି ଭକ୍ତ ଚରଣ ଦାସଙ୍କୁ ଶୁଭେଚ୍ଛା ଜଣାଇଲା କଟକ ଶକ୍ତିନଗର କଂଗ୍ରେସ

କଟକ **୧୩/୨ (ନି.ପ୍ର):** ଦୀର୍ଘ ଦିନର କଳ୍ପନା ଜଳ୍ପନାପରେ ଏହାର ଅନ୍ତ ଘଟାଇ ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀଯୁକ୍ତ ଭକ୍ତ ଚରଣ ଦାସଙ୍କ ନାମ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭାବେ ଘୋଷଣା ହେବା ସହିତ ଏହାର କିଛି ସମୟ ପରେ ନବ ନିଯୁକ୍ତ ସଭାପତି ଶ୍ରୀ ଦାସ ଆକସନ ମୁଡ୍‌କୁ ଆସି କିଛି ଦିନ ତଳେ ନିଲମ୍ବିତ ହୋଇଥିବା କଟକ ଜିଲ୍ଲା ସଭାପତି ମାନସ ଚୌଧୁରୀଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର କରିବା ପରେ ଶକ୍ତି ନଗର କଂଗ୍ରେସ କାର୍ଯ୍ୟକର୍ତ୍ତାଙ୍କ ମନରେ ଆନନ୍ଦର ଲହରୀ ଖେଳିଛି । କଟକ ଶକ୍ତିନଗର କଂଗ୍ରେସ ପକ୍ଷରୁ ପୂର୍ବତନ ଉପସଭାପତି ଶିଶିର ରଥଙ୍କ ସଭାପତିତ୍ୱରେ କଂଗ୍ରେସ କର୍ମୀମାନେ ଏକାଠି ହୋଇ ବାଜା ବଜାଇ ବାଣ ଫୁଟାଇ ପରସ୍ପର ମଧରେ ମିଷ୍ଟାନ୍ନ ବଣ୍ଟନ କରି ଖୁସୀ ଜାହିର କରିଥିଲେ । ଅଖିଳ ଭାରତ କଂଗ୍ରେସ କମିଟି ସଭାପତି ମଲ୍ଲିକାର୍ଜୁନ ଖଡଗେ କଂଗ୍ରେସ ଦଳର ସର୍ବମାନ୍ୟ ନେତ୍ରୀ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କୁ କୃତଜ୍ଞତା ଜଣାଇବା ସହିତ ଉଭୟ ନେତା ଭକ୍ତ ଦାସ ଏବଂ ମାନସ ଚୌଧୁରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ପୂର୍ବତନ ଉପସଭାପତି ମନୋଜ ବିଶ୍ୱାଳ, ରାଜେଶ ସ୍ୱାଇଁ, କଟକ ସଦର ନିର୍ବାଚନ ମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ର ଗୋଚ୍ଛାୟତ, ନଗର ଜିଲ୍ଲା କଂଗ୍ରେସ ମୁଖ୍ୟ ମୁଖପାତ୍ର ମାନସ ପରିଡା, ପୂର୍ବତନ ସଂପାଦକ ସଚ୍ଚିଦାନନ୍ଦ ରାଉତ, ସାଧାରଣ ସଂପାଦକ ନିର୍ମଳ ସ୍ୱାଇଁ, ଜୟନାରାୟଣ ତ୍ରିପାଠୀ, ପ୍ରଶାନ୍ତ ଭୋଇ, ସୁନୀଲ ଜେନା, ଆଶୁତୋଷ ବରାଳ, ସଦାଶିବ ବାରିକଙ୍କ ସମେତ ରଜନୀ ବସ୍ତିଆ, କାଳନ୍ଦୀ ଖୁଣ୍ଟିଆ, ସନ୍ତୋଷ ବିଶ୍ୱାଳ, ଦୀପକ ସାହୁ, ବିକି ଜେଠୀ, ଲିପୁଲ ରାଉତ, ଯୁବନେତା ପ୍ରଦ୍ୟୁଷ ସାହୁ, ଉଗ୍ରେସେନ ଭୂୟାଁ , ରଷି କାଣ୍ଡି ପ୍ରମୁଖ ଯୋଗଦେଇ ଉଭୟ ନେତାଙ୍କୁ ଶୁଭେଚ୍ଛା ଜ୍ଞାପନକରିଥିଲେ ।

## କଇଁପୁରରେ ଭୂମିଜ ସମାଜର ଚିର୍ତା ଅଟାଂ

ମୟୁରଭଞ୍ଜ **୧୩/୨ (ନି.ପ୍ର):** ମୟୂରଭଂଜ ଜିଲ୍ଲା ବାମନଘାଟୀ ଜାମଦା ବ୍ଲକ କଇଁପୁର ପାକଣାପାଟ୍ ରେ ଭୂମିଜ ସମାଜର ଚିର୍ତା ଅଟାଂ(ପତାକା ଉଡ଼ାଇବା)କାର୍ଯ୍ୟକ୍ରମ ଅଧକ୍ଷ ଗଣେଶ ସର୍ଦ୍ଦାର,ବିରସିଂ ସର୍ଦ୍ଦାର,କୁମାର ସାଣ୍ଡିଲ୍, ସମାଇ ସର୍ଦ୍ଦାର, ବୁଢ଼ାନ ସର୍ଦ୍ଦର, ମଙ୍ଗଲ ସର୍ଦ୍ଦାର, ମାଉଦା ସର୍ଦ୍ଦାର, ସୁମନ୍ତ, ଜହର,ମିନତୀ ସିଂ,କନକଲତା ସର୍ଦ୍ଦାର, ମାଳତୀ ସାଣ୍ଡିଲ୍, ପୂର୍ଣ୍ଣିମା ସର୍ଦ୍ଦାର, କଣ୍ଢେଇ, ମୋହିନି ପ୍ରମୁଖ ପତାକା ଉଡ଼ାଇ ଭୂମିଜ ନାଚରେ ସାମିଲ୍ ହୋଇଥିଲେ । ବସନ୍ତପୁର, ଖେଡ଼ିଆଡୁଙ୍ଗୁରୀ, ବାଲିଡି, ସାତପଉଟିଆ, କୁଟୁପିଟି, ମାରେଡିହି, କଇଁପୁର ଗାଁ ର ଭୂମିଜ ସମ୍ପ୍ରଦାୟର ବ୍ୟକ୍ତିବିଶେଷ ନାଚ ପ୍ରଦର୍ଶନ କରିଥିଲେ ।

## ବୈପାରୀଗୁଡ଼ା ପଞ୍ଚାୟତ ସମିତି ବୈଠକ

# କୋରାପୁଟ ବିଧାୟକ ରଘୁରାମ ମାଛଙ୍କ କନିଷ୍ଠ ଯନ୍ତ୍ରୀ ମାନଙ୍କୁ ତାଗିଦ୍, କାମ ଠିକ ନ କଲେ ତୁରନ୍ତ ପଦକ୍ଷେପ ନିଆଯିବ



କୋରାପୁଟ, ; କୋରାପୁଟ- ଜିଲ୍ଲା ବୈପାରୀଗୁଡା ବ୍ଲକର ସଭାଗୃହ ଠାରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈପାରିଗୁଡା ବ୍ଲକ ଅଧକ୍ଷ ପ୍ରଶାନ୍ତ କୁମାର ଗୁପ୍ତାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲକା, କୋରାପୁଟ ବିଧାୟକ ରଘୁରାମ ମାଛ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଭିମନ୍ୟୁ କବି ଶତପଥୀ, ତହସିଲଦାର ସ୍ନିଗ୍ଧା ରାଣୀ ଚୌଧୁରୀ, ଜିଲ୍ଲାପରିଷଦ ସଭ୍ୟ ଜୋନ ୧ ରାଜେଶ ମହୁରୀଆ, ଜୋନ ୨ ସଭ୍ୟା ମଣି ଜାନୀ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକର ପ୍ରାରମ୍ଭିକ ପର୍ଯ୍ୟାୟରେ ପଞ୍ଚାୟତ ସମିତି ର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବିଷୟରେ ଆଲୋଚନା ସମୟରେ ସାଂସଦ ସପ୍ତଗିରି ଏବଂ ବିଧାୟକ ରଘୁରାମ ମାଛଙ୍କ ହସ୍ତକ୍ଷେପକୁ ନେଇ ସମିତି ସଭ୍ୟ ଓ ସରପଞ୍ଚ ମାନେ ଅସନ୍ତୋଷ ପ୍ରକାଶ କରି ସଭାଗୃହ ତ୍ୟାଗ କରିଥିଲେ । ସଭାଗୃହ ରେ କିଛି ସମୟ ପାଇଁ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା । ଏହି ସମୟରେ ସାଂସଦ ସପ୍ତଗିରି ଶଙ୍କର ଉଲକା ତାଙ୍କର ଅନ୍ୟ ଏକ ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଚାଲିଯାଇଥିଲେ । ପରେ ଅସନ୍ତୋଷ ଥିବା ସମିତି ସଭ୍ୟ ଓ ସରପଞ୍ଚ ମାନଙ୍କୁ ବିଡ଼ିଓ ବୁଝାମଣା କରି ସଭାକାର୍ଯ୍ୟ କୁ ପୁନଃ ଆରମ୍ଭ କରିଥିଲେ । ବୈଠକରେ ଉପସ୍ଥିତ ଥିବା ସମସ୍ତ ବିଭାଗୀୟ ଅଧିକାରୀ ମାନେ ନିଜ ନିଜର କାର୍ଯ୍ୟ ସୂଚୀ ପ୍ରଦାନ କରିଥିଲେ । ବୈପାରିଗୁଡା ବ୍ଲକର ଅଧିକାରୀ ଓ କନିଷ୍ଠ ଯନ୍ତ୍ରୀ ମାନେ ଜନ ପ୍ରତିନିଧି ମାନଙ୍କୁ ଅଣଦେଖା କରୁଥିବା ସହ ରାଜନୀତି ଉଦ୍ଦେଶ୍ୟ ରଖି ସମସ୍ତ କାର୍ଯ୍ୟକୁ ଅବହେଳିତ କରାଯାଉଛି ବୋଲି ଅଭିଯୋଗ କରିଥିଲେ । ବ୍ଲକରେ ଅଧିକାରୀ, ଯନ୍ତ୍ରୀ ଓ କର୍ମଚାରୀଙ୍କ ମନମୁଖୀ ଶାସନ ଚାଲୁଛି ବୋଲି ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ମାନେ ଆହୁରି ଅଭିଯୋଗ କରିଛନ୍ତି । ପଞ୍ଚାୟତରେ ହେଉଥିବା ବିକାଶ ମୂଳକ କାର୍ଯ୍ୟରେ ସରପଞ୍ଚ ମାନଙ୍କୁ ସାମିଲ କରାଯାଉ ନ ଥିବା କେତେଜଣ ସରପଞ୍ଚ ଓ ସମିତି ସଭ୍ୟ ଅଭିଯୋଗ କରିଛନ୍ତି । ବ୍ଲକର ଅଧିକାରୀ , ଇଞ୍ଜିନିୟର,କର୍ମଚାରୀ ଓ ଜନ ପ୍ରତିନିଧିଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ କୋରାପୁଟ ବିଧାୟକ ରଘୁରାମ ମାଛ ନିର୍ଦ୍ଦେଶ ଦେଇଥିଲେ । ?ଯଦି ଏଥିରେ ଖିଲାପ ରହିବେ ତାହେଲେ ସେମାନଙ୍କ ପ୍ରତି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି । ଜନ ପ୍ରତିନିଧିମାନଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ ଉପରେ କଟାକ୍ଷ କରି କୋରାପୁଟ ବିଧାୟକ କହିଥିଲେ ଯେ ପୂର୍ବରୁ ଅଫିସର ମାନେ ଅଫିସ ଚଳାଇଉଥିଲେ ।ଆଗାମୀ ଦିନରେ ଅଫିସରମାନେ ଜନ ପ୍ରତିନିଧି ମାନଙ୍କୁ ଉଚିତ୍ ସମ୍ମାନ ଦେବେ ବୋଲି ସେ କହିଛନ୍ତି । ବ୍ଲକରେ ଜନ ପ୍ରତିନିଧି ମାନଙ୍କୁ ଅଣଦେଖା କରାଯାଉ ନାହିଁ ବୋଲି ବିଡ଼ିଓ ଅଭିମନ୍ୟୁ କବି ଶତପଥୀ ନିଜ ପ୍ରତିକ୍ରିୟାରେ କହିଛନ୍ତି । ସମସ୍ତଙ୍କୁ ନେଇ କାର୍ଯ୍ୟ କରାଯାଉଛି ଏବଂ ଜନ ପ୍ରତିନିଧି ମାନଙ୍କର ଦାବି ସମାଧାନ କରାଯିବ ବୋଲି ସେ କହିଛନ୍ତି ।

# କଟକ ଜିଲ୍ଲା ବିଜେପି ସଭାପତି ଦାୟିତ୍ୱ ନେବା ପରେ ସୁକାନ୍ତ କୁମାର ବିଶ୍ୱାଳଙ୍କୁ ଗାଁ ମାଟି ନିଆଳିରେ ଭବ୍ୟ ସମ୍ବର୍ଦ୍ଧନା



ନିଆଳି, : କଟକ ଜିଲ୍ଲା ନିଆଳି ବ୍ଲକ କୂଳ ଜଲ୍ଲାରପୁର ଗାଁର ସୁକାନ୍ତ କୁମାର ବିଶ୍ୱାଳ କଟକ ଜିଲ୍ଲା ବିଜେପି ସଭାପତି ଦାୟିତ୍ୱ ନେବା ପରେ ଆଜି ଗାଁ ମାଟି ନିଆଳିରେ ଭବ୍ଯ ସମ୍ବର୍ଦ୍ଧନା ଓ ବାଇକ ରାଲି ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ବିଶ୍ୱାଳ ପ୍ରଥମେ ଗାରେ ଥିବା ଦେବଦେବୀଙ୍କ ଦର୍ଶନ ପରେ ଗାଁ ପରିଦର୍ଶନ କରିଥିଲେ । ଏବଂ ଘରେ ବାପା, ମା' ଓ ଗୁରୁଜନଙ୍କ ଆର୍ଶିବାଦ ନେଇଥିଲେ । ନୂଆଗାଁ ସ୍ଥିତ ପ୍ରଭୁ ଶୋଭନେଶ୍ୱରଙ୍କ ଆର୍ଶିବାଦ ନେଇ ଏକ ବାଇକ ରାଲି ମାଧ୍ୟମରେ ନିଆଳି ବଜାର ଦେଇ ଜଲ୍ଲାରପୁର ପର୍ଯ୍ୟନ୍ତ ଯାଇଥିଲେ । ଶ୍ରୀ ବିଶ୍ୱାଳ ଗଣମାଧ୍ୟମକୁ କହିଛନ୍ତି କଟକ ଜିଲ୍ଲାର ୧୪ ଗୋଟି ବ୍ଲକ ଅଞ୍ଚଳରେ ବିଜେପି ଦଳକୁ ମଜବୁତ କରିବି । ଏବଂ ସାଧାରଣ ଜନତାଙ୍କ ସ୍ୱାର୍ଥ ପାଇଁ ଦଳର ଗଣ୍ଡି ଭିତରେ ରହି ସରକାରୀ ସାହାଯ୍ୟ ଓ ସହଯୋଗ ଯୋଗାଇ ଦେବି । କଟକ ଜିଲ୍ଲା ସଭାପତି ଦାୟିତ୍ୱ ମିଳିଥିଲେ ସୁଦ୍ଧା ଗାଁ ମାଟି ନିଆଳି ଅଞ୍ଚଳର ଦଳର କର୍ମୀ ଓ ସାଧାରଣ ଜନତାଙ୍କ ଭଲ ପାଇବା ଦଳ ଆହୁରି ମଜବୁତ ହେବ । ସେହିପରି ନିଆଳି ବିଧାୟକ ଛବି ମଲ୍ଲିକ ଏହି ରାଲିରେ ଯୋଗଦେଇ କହିଛନ୍ତି ସୁକାନ୍ତ ମୋର ସାନଭାଇ ସେ ଦଳକୁ ସଙ୍ଗଠିତ କରିବେ । ଛାତ୍ର ଜୀବନରୁ ରାଜନିତି କରିଛନ୍ତି । ତାଙ୍କ ନେତୃତ୍ୱରେ କଟକ ଜିଲ୍ଲାରେ ବିଜେପି ଦଳ ଭଲ ପ୍ରଦର୍ଶନ କରିବ ଏବଂ ନିଆଳି ବିଜେପି ଆହୁରି ସଦୃଢ ହେବ । ଅନ୍ୟ ମାନଙ୍କ ମଧ୍ୟରେ ବିଜେପି ନେତା ଶଶୀକାନ୍ତ ଲେଙ୍କା,ଗଣେଶ୍ୱର ମିଶ୍ର, ଆଦିତ୍ୟ ପାଣି, ତ୍ରିଲୋଚନ ବେହେରା, ପ୍ରଭାତ ଜେନା, ସତ୍ୟଜିତ ବିଶ୍ୱାଳ, ଦିଲିପ ମହାପାତ୍ର, ପ୍ରଦିପ୍ତ ପାତ୍ର, ମଧୁସ୍ମିତା ମିଶ୍ର, ନିଆଳି ନିର୍ବାଚନ ମଣ୍ଡଳୀରୁ ବିଭିନ୍ନ ମଣ୍ଡଳ ସଭାପତି ,ଦଳର ବରିଷ୍ଠ କର୍ମକର୍ତ୍ତାଙ୍କ ସମେତ ହଜାର ହଜାର କର୍ମୀ ଯୋଗଦେଇଥିଲେ ।

# ସାଧାରଣତନ୍ତ୍ର ଦିବସ ପ୍ୟାରେଡ୍‌ରେ ପ୍ରଥମ ଥର ପାଇଁ ମା ଅମ୍ବିକା ୟୁପି ସ୍କୁଲ ପୁରସ୍କୃତ



ପାରାଦୀପ, : ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିଲା । ଏହି ଅବସରରେ ଅନୁଷ୍ଠିତ ପ୍ୟାରେଡ୍‌ରେ ମା ଅମ୍ବିକା ୟୁପି ସ୍କୁଲ ଅଂଶଗ୍ରଣ କରି ପ୍ରଥମ ଥର ପାଇଁ ସଫଳତା ହାସଲ କରିଛି । ଏହି ମିଳିତ ପ୍ୟାରେଡ୍‌ର କନିଷ୍ଠ ବର୍ଗରେ ସ୍କୁଲର ଛାତ୍ରଛାତ୍ରୀମାନେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ସ୍କୁଲ ପାଇଁ ସଫଳତା ଆଣିଥିବା ଏହି ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇବା ପାଇଁ ସ୍କୁଲ ପରିସରରେ ଏକ ଭବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସ୍କୁଲର ପୁରାତନ ଛାତ୍ର ଶିବ ଚରଣ ପଣ୍ଡିତ ପୌରହିତ୍ୟ କରିଥିଲେ । କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟତ୍ରୀ ଅନୁସୂୟା ବେହେରା, ସହକାରୀ ଶିକ୍ଷୟତ୍ରୀ ମିରାଙ୍ଗିନୀ ଦେଇ, ସର୍ବେଶ୍ୱର ସାହୁ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ସ୍କୁଲ ଗର୍ବିତ ବୋଲି କହିବା ସହିତ ସେମାନଙ୍କ ଉଜ୍ଜଳ ଭବିଷ୍ୟତ ନିମନ୍ତେ ସଫଳତା କାମନା କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଆଇନଜୀବୀ ସଂଜୟ କୁମାର ମିଶ୍ର ଯୋଗ ଦେଇ ପ୍ୟାରେଡ୍ ଟିମ୍‌କୁ ସମ୍ବର୍ଦ୍ଧିତ କରିବା ସହିତ ପ୍ୟାରେଡ୍ ପ୍ରଶିକ୍ଷକ ଗୁରା ଦାସ ଓ ସହଯୋଗୀ ପ୍ରଶିକ୍ଷକ ରବି ଶର୍ମାଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ପିଲାମାନଙ୍କୁ ଉତ୍ସାହିତ କରିଥିଲେ ।

# ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନାରୀ ଦ୍ୱାରା ଲେବଲ୍-୩ ଅଫ ସାଇଟ୍ ଡିଜାଷ୍ଟର ଡ୍ରିଲ୍



ପାରାଦୀପ, : ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫଇନାରୀ ପକ୍ଷରୁ ମଙ୍ଗଳବାର ଦିନ ଲେବଲ୍-୩ ଅଫ ସାଇଟ୍ ଡିଜାଷ୍ଟର ଡ୍ରିଲ୍ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପାରାଦୀପ ରିଫାଇନାରୀ ମୁଖ୍ୟ ମହାପ୍ରବନ୍ଧକ ବି.ଆର୍.ମଲ୍ଲିକ ଅଧକ୍ଷତା କରିଥିଲେ । ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସ୍ମୃତି ରଂଜନ କରଙ୍କ ସମେତ ଜିଲ୍ଲା ପ୍ରଶାସନଙ୍କ ପ୍ରତିନିଧି ଯୋଗ ଦେଇଥିଲେ । ଏନଡିଆରଏଫ ଟିମ୍, ପାରାଦୀପ ରିଫାଇନାରୀର ମ୍ୟୁଚୁଆଲ୍ ଏଡ୍ ସଂସ୍ଥାମାନେଏହି ମକ୍ ଡ୍ରିଲରେ ଅଂଶଗ୍ରହଣ କରିଥିଲେ । ସାନ୍ତା କ୍ରିକ୍ ରେ ଯଦି ତୈଳ ଲିକ୍ ହୁଏ, ତେବେ ତାହାକୁ ସଫଳତାର ସହିତ କିପରି ମିକାବିଲା କରାଯିବ ଏହା ଉପରେ ମକ୍ ଡ୍ରିଲ୍ କରାଯାଇଥିଲା । ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ବିପର୍ଯ୍ୟୟ ପରିଚାଳନା ନିୟମାନୁଯାୟୀ ଏହି କାର୍ଯ୍ୟ ସଠିକ୍ ଭାବେ ସମ୍ପାଦିତ ହୋଇଥିବା ନେଇ ପାରାଦୀପ ରିଫାଇନାରୀ ପକ୍ଷରୁ ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି ।

## କୋରାପୁଟ ବାଇପାସ ରାସ୍ତାର ସଂରଚନା ଅନୁମୋଦିତ

# କୋରାପୁଟବାସୀଙ୍କ ଅଧୁରା ସ୍ୱପ୍ନ ସାକାର ହେବ ; କୋରାପୁଟ ବିଧାୟକ



କୋରାପୁଟ, ( : ବହୁ ପ୍ରତିକ୍ଷୀତ କୋରାପୁଟ ବାଇପାସ୍ ରାସ୍ତା ସଂରଚନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି ।କୋରାପୁଟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହଠାରେ ଜିଲ୍ଲାପାଳ ଭି କୀର୍ତ୍ତି ଓ୍ୱାସନଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ କୋରାପୁଟ ସାଂସଦ ସପ୍ତଗିରି ଉଲାକା,କୋରାପୁଟ ବିଧାୟକ ରଘୁରାମ ମାଛ, କୋରାପୁଟ ପୌର ପରିଷଦ ଅଧକ୍ଷ ଲଲାଟ ରଞ୍ଜନ ସେଠୀ, କୋରାପୁଟ ବ୍ଲକ ଅଧକ୍ଷା ନମିତା ମାଝୀ,ଅତିରିକ୍ତ ଜିଲ୍ଲାପାଳ ଆଲୋମଣି ସେଠୀ,ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, କୋରାପୁଟ ତହସିଲଦାର ସୟଦ ସବିର ସାହା ପ୍ରମୁଖ ଉପସ୍ଥିତ ଥିଲେ ।ଜାତୀୟ ରାଜପଥ ନିର୍ବାହୀ ଯନ୍ତ୍ରୀ ସୋମର୍ଜନୀ ସେଠୀ ଯୋଗଦେଇ କୋରାପୁଟ ବାଇପାସ ରାସ୍ତାର ସଂରଚନା ବିସ୍ତୃତ ଭାବେ ଆଲୋକପାତ କରିଥିଲେ ।କମିଟି ସଦସ୍ୟ ମାନେ ଆଲୋଚନା କରିବା ପରେ ଏହାକୁ ଅନୁମୋଦନ କରିଛନ୍ତି । କୋରାପୁଟ ବାଇପାସ ରାସ୍ତାର ଦୂରତା ୧୩.୧ କିମି ରହିଥିବା ଜିଲ୍ଲାପାଳ ଭି କୀର୍ତ୍ତି ଓ୍ୱାସନ ସୂଚନା ଦେଇଛନ୍ତି ।ଏହାର ଆନୁମାନିକ ମୂଲ୍ୟ ୪୮୧ କୋଟି ଟଙ୍କା ରଖାଯାଇଥିବା ବେଳେ ଜମି ଅଧିଗ୍ରହଣ ନିମନ୍ତେ ୧୪୧ କୋଟି ଟଙ୍କା ରଖାଯାଇଥିବା ଜାତୀୟ ରାଜପଥ ନିର୍ବାହୀ ଯନ୍ତ୍ରୀ ସୋମର୍ଜନୀ ସେଠୀ କହିଛନ୍ତି ।ଆସନ୍ତାକାଲି ପ୍ରସ୍ତାବିତ ସଂରଚନା ରିପୋର୍ଟ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଯିବ ବୋଲି ସେ କହିଛନ୍ତି ।ଏହା ଅନୁମୋଦିତ ହେବା ପରେ ଡିପିଆର ପ୍ରସ୍ତୁତ କରାଯିବ ବୋଲି ସେ କହିଛନ୍ତି । ଡବଲ ଇଞ୍ଜିନ ସରକାର ଅମଳରେ କୋରାପୁଟ ବାସୀଙ୍କ ଅଧୁରା ସ୍ୱପ୍ନ ସାକାର ହେବ ବୋଲି କୋରାପୁଟ ବିଧାୟକ ରଘୁରାମ ମାଛ କହିଛନ୍ତି ।କୋରାପୁଟ ବ୍ଲକ ଅନ୍ତର୍ଗତ ପଡେଇଗୁଡ଼ା ଦେଇ ମାଛରା, ଉମୁରୀ, ଛପର ,କୋରାପୁଟ ପୌର ପରିଷଦ ଅନ୍ତର୍ଗତ ରଙ୍ଗବାଲିକୁମ୍ଭା, ଡାଙ୍ଗଦେଉଲା, ଲାଣ୍ଡିଗୁଡ଼ା, କୋରାପୁଟ ବ୍ଲକ ଅନ୍ତର୍ଗତ ବଡ ଦେଉଲା, କାଲଚୁର ଭୋଇଗୁଡା ଦେଇ ଦୁରୁଗୁଡ଼ା ଠାରେ ଜାତୀୟ ରାଜପଥ ରେ ମିଶିବ ବୋଲି ଜଣାପଡ଼ିଛି ।

# ଜୟପୁରରେ ସଫ୍ଟୱେର ଟେକ୍ନୋଲୋଜି ପାର୍କସ ଅଫ ଇଣ୍ଡିଆ କେନ୍ଦ୍ର ଉଦଘାଟିତ



କୋରାପୁଟ, : କୋରାପୁଟ ଜିଲ୍ଲାର ଜୟପୁର ସ୍ଥିତ ଉମୁରୀ ଠାରେ ସଫ୍ଟୱେର ଟେକ୍ନୋଲୋଜି ପାର୍କସ ଅଫ ଇଣ୍ଡିଆ କେନ୍ଦ୍ର ଉଦଘାଟିତ ହୋଇଯାଇଛି । କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଓଡ଼ିଶା ର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି,ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ଉପସ୍ଥିତିରେ 'ଉତ୍କର୍ଷ ଓଡ଼ିଶା: ମେକ୍ ଇନ ଓଡ଼ିଶା କନକ୍ଲେଭ ୨୦୨୫', ଜନତା ମୈଦାନ ଭୁବନେଶ୍ୱରରେ ଉଦଘଟାନ କରିଥିଲେ ।ଓଡ଼ିଶାରୁ ଉଦ୍ୟୋଗ ଓ ଆଇଟି ରପ୍ତାନୀକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ କୋରାପୁଟ ଜିଲ୍ଲାରେ ସଫ୍ଟୱେର ଟେକନୋଲୋଜି ପାର୍କସ ଓଫ ଇଣ୍ଡିଆ କେନ୍ଦ୍ର ସ୍ଥାପନ କରାଯାଇଛି । ଜୟପୁର ଠାରେ ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଭି କୀର୍ତ୍ତି ଓ୍ୱାସନ୍,ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ଜୟପୁର ଉପ ଜିଲ୍ଲାପାଳ ଆକାଭରମ ଶସ୍ୟା ରେଡ୍ଡୀ,ଜୟପୁର ପୌରାଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଏସଟିପିଆଇର ମହାନିର୍ଦ୍ଦେଶକ ଅରବିନ୍ଦ କୁମାର,ଏସଟିପିଆଇର ନିର୍ଦ୍ଦେଶକ ସୂର୍ଯ୍ୟ କୁମାର ପଟ୍ଟନାୟକ,ଡେପ୍ୟୁଟି ଡାଇରେକ୍ଟର ସୁଶୀଲ ସେଠୀ, ଜୟପୁର ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ଶ୍ରୀମତୀ ଯୋଶୋଦା ଗାଦବା ପ୍ରମୁଖ ଉପସ୍ଥିତ ଥିଲେ । ଏସଟିପିଆଇ କେନ୍ଦ୍ର ନିର୍ମାଣ ପାଇଁ ଓଡ଼ିଶା ସରକାର ୨.୮୦ ଏକର ଜମି ଆବଣ୍ଟନ କରିବା ସହ ସରକାରୀ ଅନୁଦାନ ପ୍ରଦାନ କରିଥିବା ଜଣାପଡ଼ିଛି ।ଡେପ୍ୟୁଟି ଡାଇରେକ୍ଟର ସୁଶୀଲ ସେଠୀ ଉପସ୍ଥିତ ଥିଲେ ।

# ଜ୍ୟୋତିର୍ବିଦ ଅରୁଣ ପାଣିଙ୍କୁ ଶ୍ରୀକ୍ଷେତ୍ର ରତ୍ନ ସମ୍ମାନ




ଜଗତସିଂହପୁର( ; କୁଜଙ୍ଗ ବ୍ଲକ ଅନ୍ତର୍ଗତ ପଙ୍କପାଳ ପଂଚାୟତ ର ଚାନ୍ଦପୁର ଗ୍ରାମ ର ବିଶିଷ୍ଟ ଜ୍ୟୋତିର୍ବିଦ ତଥା ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ଡ଼ ଅରୁଣ କୁମାର ପାଣି ଙ୍କୁ ଶ୍ରୀକ୍ଷେତ୍ରଧାମ ପୁରୀ ସଂସ୍କୃତିଭବନ ଠାରେ 'ଶ୍ରୀକ୍ଷେତ୍ରରତ୍ନ ' ସମ୍ମାନ ରେ ସମ୍ମାନିତ କରାଯାଇଛି ! ଡ଼ଃ ପାଣି ଜାତୀୟ ଏବଂ ଅନ୍ତର୍ଜାତୀୟ କ୍ଷେତ୍ର ରେ ବହୁ ସମ୍ମାନ ର ଅଧିକାରୀ ! ସେ ବାର୍ତ୍ତା ଦିଅନ୍ତି – ଆସ ଆମେ ଭଲ ମଣିଷ ହେବା ! ନିଜ କାର୍ଯ୍ୟ ରୁ ବଳକା ସମୟରେ ସେ ସାହିତ୍ୟ ସାଧନା, ସଂସ୍କୃତି ର ସୁରକ୍ଷା ଓ ପ୍ରଚାର, ସାମାଜିକ ସୁଧାର ସହ ଅସହାୟ ବ୍ୟକ୍ତି ଙ୍କୁ ସହାୟତା ସହ, ଗରିବ ମେଧାବୀ ଛାତ୍ରଛାତ୍ରୀ ଙ୍କୁ ସହାୟତା ପ୍ରଦାନ କରି ଆସୁଛନ୍ତି ! ବିଶେଷ କରି ସେ ପ୍ରାଚୀନ ଜଗନ୍ନାଥ ମନ୍ଦିର ଗୁଡିକ ର ପୁନଃ ଉଦ୍ଧାର ପାଇଁ ଜନ ସଚେତନତା ଜାରି ରଖିଛନ୍ତି ! ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ପୁରୀ ଲୋକସମ୍ପର୍କ ଅଧିକାରୀ ଶ୍ରୀଯୁକ୍ତ ସନ୍ତୋଷ ସେଠି, ବିଜେପିନେତା ତଥା ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ,ଚଳଚିତ୍ର ପ୍ରଯୋଜକ ସଞ୍ଜୟ ନାୟକ, ବିଶିଷ୍ଟ ଲେଖକ ଶଙ୍କର ପରିଡା, ଅର୍ଜୁନ ପୁରସ୍କାର ବିଜେତା ମିନତୀ ମହାପାତ୍ର ପ୍ରମୁଖ ଯୋଗଦାନ କରିଥିଲେ ! ଡ଼ଃ ପାଣି ଙ୍କୁ ତାଙ୍କର ଅନେକ ଅନୁଗାମୀ, ସାହିତ୍ୟିକ ବନ୍ଧୁ, ସାମାଜିକ କର୍ମୀ ତଥା ଅନୁଷ୍ଠାନ, ବୁଦ୍ଧିଜୀବୀ ଏବଂ ନେତୃସ୍ଥାନୀୟ ବ୍ୟକ୍ତି ମାନେ ଶୁଭେଚ୍ଛା ଜଣାଇଛନ୍ତି ! ଡ଼ଃ ପାଣି କହିଛନ୍ତି ଯେ ଏହା ମହାପ୍ରଭୁ ଶ୍ରୀଜଗନ୍ନାଥ ଙ୍କ କୃପା, କରୁଣା ସବୁକିଛି ।

# ଚିକିଟୀରେ ଚାଞ୍ଚଲ୍ୟ ଗଞ୍ଜେଇ ଲିଙ୍କ୍ କାରବାର



ଚିକିଟୀ, : କିଛି ଦୁବୃର୍ତ୍ତ ୪ ଜଣଙ୍କୁ ଅପହରଣ କରି ଚିକିଟୀ ନିକଟସ୍ଥ ଜଙ୍ଗଲର ଏକ ପରିତ୍ୟକ୍ତ ନୂତନ ପାତ୍ରଙ୍କ ଘରେ ଅଟକ ରଖି ୩ଦିନ ଘୋର ନିର୍ଯାତନା ଦେଉଥିଲେ । ଅପହରଣକାରୀ ମାନେ ଚିକିଟୀ ତଥା ବ୍ରହ୍ମପୁର ସମ୍ପର୍କ ଥିବା ଜଣାଯାଉଛି ।ଋଣ ଦେବା ଆଳରେ କୌଶଳ କରି ଦୁବୃର୍ତ୍ତମାନେ ଏହି ଅପହରଣ ନାଟକ କରିଥିଲେ । କିନ୍ତୁ ସେମାନଙ୍କୁ ପଣବନ୍ଦୀ କରି,ନିର୍ଯାତନା ଦେଇ, ବିଷଧର ନାଗସାପ ଦେଖାଇ ୨କୋଟି ଟଙ୍କା ଜବରଦସ୍ତ ମାଗିଥିଲେ ।କିନ୍ତୁ ରଖେ ହରି ମାରେ କିଏ ଭଳି ସତ୍ୟ ବଚନ ବଳରେ ୪ଜଣଙ୍କ ମଧ୍ୟରୁ ଅହମଦ ଖାଁ ନାମକ ଜଣେ ବ୍ୟକ୍ତି କୌଶଳ କ୍ରମେ ଖସି ଆସି ତହସିଲଦାର ଅଫିସ୍ କାନ୍ଥ ଡେଇଁ ମାନନୀୟ ତହସିଲଦାରଙ୍କ ଶରଣାପନ୍ନ ହୋଇଥିଲେ ଏବଂ ଅପହରଣ ନାଟକର ବିବରଣୀ ପ୍ରଦାନ କରିଥିଲେ । ତହସିଲଦାରଙ୍କ ସୂଚନା ଅନୁସାରେ କେ ନୂଆଗାଁ ଥାନା ପୋଲିସ୍ ଅନ୍ୟ ୩ଜଣଙ୍କୁ ଉଦ୍ଧାର କରି ଜଣେ ଦୁବୃର୍ତ୍ତଙ୍କୁ ଗିରଫ କରିଛନ୍ତି । କିନ୍ତୁ ଯେଉଁ ଜାଗାରେ ଦୁବୃର୍ତ୍ତମାନେ ଅପହରଣ କରି ରଖିଥିଲେ ସେଠାରେ ଗଞ୍ଜେଇ ଚାଷ ହେଉଥିଲା । ଅବକାରୀ ବିଭାଗର ଆଢୁଆଳରେ ଚିକିଟୀ ଭଳି ଅଞ୍ଚଳରେ ଗଞ୍ଜେଇ ଚାଷ ହେବା ଆଶ୍ଚର୍ଯ୍ୟ ଘଟଣା ଅଟେ । ପୁଣି ଅପହରଣ ନାଟକ ପଛରେ କି ରହସ୍ୟପୂର୍ଣ୍ଣ ତଥ୍ୟ ରହିଛି ତାହା ଚାଞ୍ଚଲ୍ୟପୂର୍ଣ୍ଣ ଅଟେ ।ଚିକିଟୀ ମାଟିରେ ଗୋଟିଏ ପରେ ଗୋଟିଏ କଳୁଷିତ ଅଧ୍ୟାୟ ଯୋଡ଼ି ହୋଇ ଯାଉଛି । ପୋଲିସ୍ ପ୍ରକୃତ ଆସାମୀ ମାନଙ୍କୁ ଗିରଫ କଲେ ଏହି ଅପହରଣ ନାଟକର ରହସ୍ୟ ଚେର ଜଣାପଡ଼ିବ ।

# ସଂପାଦକୀୟ...

## ଅଶାନ୍ତ କାଶ୍ମୀର

ଭାରତର ଭୂସ୍ୱର୍ଗ ରୂପେ ପରିଚିତ ଜାମ୍ମୁ-କାଶ୍ମୀର ନୂଆ ବର୍ଷରେ ପୁଣି ଅଶାନ୍ତ ହୋଇପଡ଼ିଛି। ସାରା ରାଜ୍ୟରେ ମୁଣ୍ଡ ଟେକିଛି ଟାର୍ଗେଟ କିଲିଂ, ଯାହାର ଶିକାର ହୋଇଛନ୍ତି ଅନେକ ନିରୀହ ନାଗରିକ। ନୂଆବର୍ଷର ପ୍ରଥମ ଦିନରେ ହିଁ ତିନୋଟି ହିନ୍ଦୁ ପରିବାରକୁ ଇସ୍‌ଲାମୀୟ ମୌଳବାଦୀମାନେ ଆକ୍ରମଣ କରି ହତ୍ୟା କରିଛନ୍ତି। ସେହିପରି ନୂଆବର୍ଷର ଦ୍ୱିତୀୟ ଦିନ ଅର୍ଥାତ୍ ଜାନୁଆରୀ ୨ ତାରିଖରେ ସେନାବାହିନୀ ଓ ପୁଲିସର ମିଳିତ ସର୍ଚ୍ଚ ଅପରେସନ୍ ଚାଲିଥିବା ସମୟରେ ଦୁର୍ଦ୍ଦାନ୍ତ ଆତଙ୍କବାଦୀମାନେ ଭୟଙ୍କର ଆଇ.ଇ.ଡି ବିସ୍ଫୋରଣ ଘଟାଇ ଚମ୍ପଟ୍ ମାରିଥିବାର ଜଣାପଡ଼ିଛି। ଦୁଇଦିନରେ ଦୁଇଟି ଛାତିଥରା ଘଟଣା ସମଗ୍ର ଜାମ୍ମୁ-କାଶ୍ମୀରରେ ଭୟ ଓ ଆତଙ୍କର ବାତାବରଣ ଖେଳାଇ ଦେବା ସଙ୍ଗେ ସଙ୍ଗେ ଉତ୍ତେଜନା ବୃଦ୍ଧି କରିଛି। ଏଥିରେ ମୋଟ ଛ’ ଜଣଙ୍କର ମୃତ୍ୟୁ ଘଟିବା ପରେ ପରିବାର ଲୋକଙ୍କ କାନ୍ଦ ବୋବାଳିରେ ଆଖପାଖ ଅଞ୍ଚଳ ଫାଟି ପଡୁଛି। କିଏ ନିଜର ବାପାଙ୍କୁ ହରାଇ ଦୁଃଖରେ ଭାଙ୍ଗି ପଡ଼ିଛି ତ ଆଉ କେହି ମାତୃହରା ହୋଇଛି। ନବବର୍ଷର ତୃତୀୟ ଦିନରେ ମଧ୍ୟ ଆତଙ୍କବାଦୀଙ୍କ ଆକ୍ରମଣ ଜାରି ରହିଛି। କାଶ୍ମୀରର ରାଜୌରୀ ଅଞ୍ଚଳରେ ଆଇ.ଇ.ଡି ବିସ୍ଫୋରଣରେ ଦୁଇଜଣ ଶିଶୁ ପ୍ରାଣ ହରାଇଥିବାବେଳେ ୫ଜଣ ଗୁରୁତର ହୋଇଛନ୍ତି। ଆହତଙ୍କ ମଧ୍ୟରେ ୪ଜଣ ମହିଳା ଓ ଆଉ ଗୋଟିଏ ଶିଶୁ ରହିଛନ୍ତି। ଆତଙ୍କୀ ଆକ୍ରମଣରେ ପ୍ରାଣ ହରାଇଥିବା ହିନ୍ଦୁମାନଙ୍କର ଘରକୁ ହିଁ ଟାର୍ଗେଟ୍ କରି ଆଇ.ଇ.ଡି ବିସ୍ଫୋରଣ ଘଟାଯାଉଥିବାର ଜଣାପଡିଛି। ଆକ୍ରମଣ କରାଯାଇଥିବା ଅଞ୍ଚଳକୁ ସୁରକ୍ଷାକର୍ମୀମାନେ ଘେରାବନ୍ଦୀ ପ୍ରତି କୋଣ-ଅନୁକୋଣରେ ସର୍ଚ୍ଚ ଅପରେସନ୍‌କୁ ଜୋରଦାର କରିଛନ୍ତି। ରାଜୌରୀରେ ହୋଇଥିବା ଟାର୍ଗେଟ୍ କିଲିଂ ପାଇଁ ଟି.ଆର.ଆଫ୍ ନାମକ ଏକ ଆତଙ୍କୀ ସଂଗଠନ ନିଜକୁ ଦାୟୀ କରିଛି। କାଶ୍ମୀର ଘାଟିରେ ଯେପରି ହିନ୍ଦୁମାନଙ୍କୁ ଟାର୍ଗେଟ୍ କରି ଆକ୍ରମଣ ହେଉଛି, ତାକୁ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ଏବଂ ସ୍ଥାନୀୟ ଅଧିକାଂଶ ଲୋକ ଏଥିରେ ସାମିଲ ହୋଇଥିବାର ଲକ୍ଷ୍ୟ କରାଯାଇଛି। ପୁଲିସ ଓ ପ୍ରଶାସନର ନିଷ୍କ୍ରିୟତା ଓ ଅପାରଗତା ବିରୋଧରେ ବିକ୍ଷୋଭକାରୀ ନାରାବାଜି କରିଥିଲେ। ଏହି ବିକ୍ଷୋଭ ଚାଲିଥିବା ସମୟରେ ହିଁ ସେଠାରେ ବିସ୍ଫୋରଣ ଘଟିଥିଲା। ଜାମ୍ମୁ-କାଶ୍ମୀରରେ ରହୁଥିବା ହିନ୍ଦୁ ଓ କାଶ୍ମୀର ପଣ୍ଡିତମାନେ ଏବେ ସମ୍ପୂର୍ଣ୍ଣ ଅସୁରକ୍ଷିତ ଅନୁଭବ କରୁଛନ୍ତି। ସେମାନଙ୍କ ଉପରେ ଜୁଲମ୍ ଓ ଅତ୍ୟାଚାର ବଢ଼ି ଚାଲିଥିବାବେଳେ ପ୍ରଶାସନ ସେମାନଙ୍କୁ ସୁରକ୍ଷା ଯୋଗାଇବାରେ ଅସମର୍ଥ ହୋଇଛି। ଏହାରି ଭିତରେ ଅନ୍ୟ ଏକ ତଥ୍ୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଚିନ୍ତା ବଢ଼ାଇ ଦେଇଛି। ମିଳିଥିବା ସୂଚନା ଅନୁଯାୟୀ ଅନେକ ପାକିସ୍ତାନୀ ଆତଙ୍କବାଦୀ ଏବେ ନିୟନ୍ତ୍ରଣ ରେଖା (ଏଲ୍.ଓ.ସି) ଅତିକ୍ରମ କରି ଭାରତ ଭିତରକୁ ପ୍ରବେଶ କରିବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ପାକିସ୍ତାନ ଦ୍ୱାରା ପ୍ରସ୍ତୁତ ହୋଇଥିବା ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ୨୫/୩୦ ଜଣ ପାକ୍ ଆତଙ୍କବାଦୀ ଯେକୌଣସି ମୁହୂର୍ତ୍ତରେ ସୀମା ଟପି ଭାରତରେ ପଶି ହିଂସାକାଣ୍ଡ ଘଟାଇପାରନ୍ତି। ଜୈସ୍-ଏ-ମହମ୍ମଦ୍ ଓ ଲସ୍କର-ଇ-ତୋଇବା ଭଳି ଆତଙ୍କୀ ସଂଗଠନର ସଦସ୍ୟମାନେ କାଶ୍ମୀରରେ ସାଧାରଣ ଜନତା ବିଶେଷକରି ହିନ୍ଦୁଙ୍କୁ ଟାର୍ଗେଟ୍ କରୁଥିବାର ସ୍ପଷ୍ଟ ହୋଇଛି। ସାମଗ୍ରିକ ଘଟଣାବଳୀରୁ ସୂଚିତ ହେଉଛି ଯେ, ନୂଆବର୍ଷରେ ଜାମ୍ମୁ-କାଶ୍ମୀର ରାଜ୍ୟରେ ହିଂସାକାଣ୍ଡ, ବିଶୃଙ୍ଖଳା ଓ ଅରାଜକତା ସୃଷ୍ଟି କରିବାକୁ ପାକିସ୍ତାନ ଏକ ବଡ଼ଧରଣର ରଣନୀତି ପ୍ରସ୍ତୁତ କରିଛି। ଜାମ୍ମୁ-କାଶ୍ମୀର ଏବେ ପୂର୍ଣ୍ଣାଙ୍ଗ ରାଜ୍ୟର ମାନ୍ୟତା ହରାଇ କେନ୍ଦ୍ର ସରକାରଙ୍କ ଶାସନାଧୀନ ରହିଛି। ନିକଟ ଭବିଷ୍ୟତରେ ସେଠାରେ ନିର୍ବାଚନ କରାଇ ପ୍ରତିନିଧିମୂଳକ ଶାସନ ବ୍ୟବସ୍ଥା ପ୍ରଚଳନ କରିବାକୁ ଉଦ୍ୟମ ହେଉଛି। ଏଭଳି ସ୍ଥିତିରେ ନୂଆବର୍ଷର ଘଟଣାବଳୀ କେବଳ ରାଜ୍ୟର ପୁଲିସ ଓ ପ୍ରଶାସନ ପାଇଁ ନୁହେଁ, କେନ୍ଦ୍ର ସରକାରଙ୍କ ଆଗରେ ବଡ଼ ଆହ୍ୱାନ୍ କହିଲେ ଅତ୍ୟୁକ୍ତି ହେବନାହିଁ।

## ଭାରତ ଚୀନ ସୀମା ବିବାଦ

ଚୀନ ସହିତ ଭାରତ ର ସୀମା ବିବାଦ କିଛି ନୂଆ କଥା ନୁହେଁ । ଚୀନର ଭାରତ ସହିତ ହିଁ ସୀମା ବିବାଦ ରହିଛି ତାହା ନୁହେଁ ଚୀନ ତା ଚାରିପଟେ ରହିଥିବା ଆଠଟି ଦେଶ ସହିତ ସୀମା ବିବାଦରେ ଲିପ୍ତ ରହିଛି । ଯେଉଁ ଦେଶ ଗୁଡିକର ସୀମା ଚୀନର ସୀମା ସହିତ ଲାଗିଛି ଚୀନ କଳେବଳେ କୌଶଳେ ସେହି ଦେଶର ଜମିକୁ ଅକ୍ତିୟାର କରିବାରେ ଲାଗିଛି। ସେହି ଦେଶ ଗୁଡିକ ହେଲା ଜାପାନ, ଭିଏତନାମ, ଫିଲିପାଇନ, ନେପାଳ ଭୁଟାନ ଇଣ୍ଡୋନେସିଆ ଇତ୍ୟାଦି। ଏହି ଦେଶ ଗୁଡିକ ସହିତ ଚୀନ ସବୁବେଳେ ସୀମା ବିବାଦରେ ରହିଛି ।

ହିମାଳୟର ପାଦ ଦେଶରେ ଥିବା ଛୋଟ ଦେଶଟିଏ ତିବତ, ଆଜି ଚୀନର ଜାଗା ଅକ୍ତିୟାର କରିବାର ଲାଳସାର ଶିକାର ହୋଇଯାଇଛି। ତିବ୍ୱତର ଅନେକ ନାଗରିକ ଚୀନର ଆତ୍ୟାଚାରରୁ ବଞ୍ଚିବା ପାଇଁ ଭାରତରେ ଶରଣାର୍ଥୀ ଭାବେ ରହିଛନ୍ତି । ବୁଦ୍ଧ ଧର୍ମର ମୂଖ୍ୟ ଧର୍ମ ଗୁରୁ ଦଲାଇଲାମା ମଧ୍ୟ ତିବ୍ୱତ ଛାଡି ଭାରତରେ ଆସି ରହିଛନ୍ତି। ଭାରତ ତାଙ୍କୁ ଶରଣ ଦେଇଥିବାରୁ ଚୀନ ଭାରତକୁ ନାଲି ଆଖି ଦେଖାଇଛି । ଅନ୍ତର୍ଜାତୀୟ ସଂଗଠନ ୟୁଏନ, ଚୀନ ପରି ଦୁର୍ଦ୍ଦାନ୍ତ ଦେଶ ଗୁଡିକ ବିରୋଧ ରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅସମଥ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପୂର୍ବରୁ ଜାପାନ ଏକ ଶକ୍ତିଶାଳୀ ରାଷ୍ଟ୍ର ଭାବରେ ଗଣତି ହୋଇଥିଲା । ଜାପାନର ଶକ୍ତି ଆଗରେ ଚୀନ ଅସହାୟ ଥିଲା କିନ୍ତୁ ଦ୍ୱିତୀୟ ବିଶ୍ୱ ଯୁଦ୍ଧରେ ଜାପାନ ଉପରେ ଆମେରିକାର ପରମାଣୁ ଆକ୍ରମଣ ହୋଇଥିଲା ଏବଂ ହିରୋସିମା ଓ ନାଗାସାକି ପରି ଦୁଇଟି ସହର ପରମାଣୁ ବୋମାର ବିଧ୍ୱଂସକାରି ଶକ୍ତିର କବଳରେ ପଡିଗଲେ। ଜାପାନ ଏହା ପରେ ଆତ୍ମସମର୍ପଣ କରିବାପାଇଁ ବାଧ ହୋଇଥିଲା। ଏହା ପରେ ଜାପାନ ଆଉପୂର୍ବ ପରି ଶକ୍ତିଶାଳୀ ଜାପାନ ହୋଇ ରହିଲାନାହି। ଏହା ଚୀନ ପାଇଁ ସବୁଠାରୁ ବଡ ଲାଭ ହେଲା । ଚୀନ ଏହାପରେ ଏସିଆ ମହାଦେଶ ର ଏକ ଶକ୍ତିଶାଳୀ ରାଷ୍ଟ୍ର ହୋଇ ମୁଣ୍ଡ ଟେକିଲା ଏବଂ ଚୀନ ତା ଚାରିପଟେ ଥିବା ଦେଶଙ୍କ ଜମି କୁ ଅକ୍ତିୟାର କରିବା ପାଇଁ ଅହରହ ଚେଷ୍ଟାରତ।

**କାଳି ଦାସ**

୨୦ ଅକ୍ଟୋବର ୧୯୬୨ ରେ ଭାରତ ଓ ଚୀନ ଭିତରେ ପ୍ରଥମ ଥର ପାଇଁ ଯୁଦ୍ଧ ହୋଇଥିଲା। ଏହି ଯୁଦ୍ଧ ଏକମାସ ଏକଦିନ ଚାଲିଥିଲା । ଅରୁଣାଚଳ ପ୍ରଦେଶର ସୀମା ଓ ଆକାଶାଇ ଚୀନକୁ ନିଜର ଭୂଖଣ୍ଡ ଦାବି କରି ଓ ତାକୁ ଅକ୍ତିୟାର କରିବା ପାଇଁ ଭାରତ ସହିତ ଯୁଦ୍ଧ ଆରମ୍ଭ କରି ଥିଲା । ସେତେବେଳେ ଭାରତ ର ସେନା ପ୍ରସ୍ତୁତ ନଥିଲେ ଏମିତି ଏକ ଯୁଦ୍ଧ ଲଢିବା ପାଇଁ । ଏହି ଯୁଦ୍ଧ ରେ ଭାରତ ପାଖା ପାଖି ୪୦୦୦ ସ୍କୁଏର କିଲୋମିଟର ଜାଗା ହରାଇ ଥିଲା ଏବଂ ଚିନ ତାକୁ ଅକ୍ତିୟାର କରିଥିଲା। ଭାରତର ସାହାସି ସୈନିକ ମାନେ ନିଜ ଜୀବନ ଦେଇ ଏହି ଯୁଦ୍ଧ ଲଢିଥିଲେ । ଭାରତର ସେନା ବାହୀନୀ ପାଖରେ ଅସ୍ତ୍ରଶସ୍ତ୍ର ଓ ଖାଇବା ପଦାର୍ଥ ମଧ୍ୟ ଯଥେଷ୍ଟ ପରିମାଣ ରେ ନଥିଲା। ଶୀତ ପୋଷାକ ମଧ୍ୟ ସେମାନଙ୍କ ପାଖରେ ନଥିଲା। ବରଫ ଉପରେ ସାଧାରଣ ଜୋତାପିନ୍ଧି ସେମାନେ ଏଇ ଲଢେଇ ଲଢିଥିଲେ। ଚୀନର କହିବା ଅନୁସାରେ ପ୍ରାୟ ଚାରି ହଜାରରୁ ଅଧିକ ଭାରତୀୟ ସେନା ଏଥିରେ ନିହତ ହୋଇଥିଲେ। କିନ୍ତୁ ଭାରତର କହିବା ମୁତାବକ ପ୍ରାୟ ୧୩୦୦ ଭାରତୀୟ ସେନା ଏହିଯୁଦ୍ଧରେ ବୀରଗତି ପାଇଥିଲେ। ଏହାପରଠାରୁ ଭାରତର ଜମିକୁ ଦଖଲ କରିବା ପାଇଁ ଚୀନ ଛୋଟ ବଡ ଅନେକ ଘଟଣା ଘଟାଇ ଚାଲିଛି। ଜୁନ ୨୦୨୦ ରେ ଭାରତ ଓ ଚିନ ସେନାଙ୍କ ଭିତରେ ସୀମା କୁ ନେଇ ହାତାହାତି ହୋଇଥିଲା । ଯଦିଓ ଏଥିରେ ଅସ୍ତ୍ରଶସ୍ତ୍ର ବ୍ୟବହାର କରାଯାଇ ନଥିଲା ତଥାପି ଭାରତର ସୀମାକୁ ରକ୍ଷା କରିବାକୁ ଯାଇ ଭାରତର ୨୦ ଜଣ ସୈନିକ ନିଜ ଜୀବନ ହରାଇ ଥିଲେ। ଚୀନ ଲାଇନ ଅଫ କଣ୍ଟ୍ରୋଲର ପାଖରେ ଗାଁ ବିସ୍ତାର କରିବା ପାଇଁ ଅହରହ ଚେଷ୍ଟା ଚଳାଇଛି । ବର୍ତ୍ତମାନ ଭାରତ ମଧ୍ୟ ନିଜ ସୀମାରେ ରାସ୍ତା ତିଆରି କଲାଣି। ସେଠାରେ ଠିଆ ହୋଇଥିବା ଆମର ସୈନିକଙ୍କ ପାଖକୁ ଯେପରି ଗମନା ଗମନ ର ସୁବିଧା ହୋଇ ପାରିବ ତା ପାଇଁ ଉଦ୍ୟମ କରାଯାଉଛି। ନିକଟରେ ୨୦୨୨ ରେ ଭାରତ ଓ ଚୀନ ସୈନିକଙ୍କ ମଧ୍ୟରେ ପୁଣିଥରେ ହାତାପାଇ ହୋଇଥିଲା । ସେଥିରେ ଭାରତୀୟ ସୈନିକ ମଧ୍ୟ ଆହତ ହୋଇଥିଲେ। ଚୀନ ସମଗ୍ର ବିଶ୍ୱ ପାଇଁ ଏକ ଦୁଶ୍ଚିନ୍ତା କହିଲେ ଭୁଲ ହେବନି। ଆଜି ବିଶ୍ୱରେ ଯେଉଁ କରୋନା ମହାମାରୀ ଭୟ ଦେଖା ଦେଇଛି ତାର ଜନ୍ମଦାତା ମଧ୍ୟ ଚୀନ । ଚୀନ ନିଜେ ସେଥିରେ ଶିକାର ହେଇଛି ଓ ଅନ୍ୟ ଦେଶ ପାଇଁ ମଧ୍ୟ ସମସ୍ୟା ସୃଷ୍ଟି କରୁଛି । ବର୍ତ୍ତମାନ ଚୀନ ତାର ନାଗରିକଙ୍କୁ ଭିଷା ଦେଇଚାଲିଛି । ଏହା ଦ୍ୱାରା ଚୀନର ନାଗରିକମାନେ ଅନ୍ୟ ଦେଶକୁ ଯାଇ ପାରିବେ। ଚୀନରେ କୋରୋନା ମହାମାରୀ ଶୀର୍ଷ ରେ ପହଞ୍ଚିସାରିଲାଣି । ଚୀନ ନାଗରିକ ମାନେ ସେହି କରୋନା ଭୂତାଣୁକୁ ବିଶ୍ୱର ଅନ୍ୟ ଦେଶକୁ ନେଇଆସିବେ। ଏହା ସମଗ୍ର ମାନବ ସମାଜପାଇଁ ଏକ ଚିନ୍ତାର ବିଷୟ ଆମେ ଆମର ପଡୋଶିଙ୍କୁ ଚାହିଁଲେ ମଧ୍ୟ ବଦଳାଇ ପାରି ବା ନାହିଁ । ଚୀନ ଓ ପାକିସ୍ତାନ ଦୁଇଟି ଦେଶ ସବୁବେଳେ ଭାରତ ବିରୁଦ୍ଧରେ ଷଡଯନ୍ତ୍ର କରି ଚାଲିଛନ୍ତି।

# ଦୁର୍ଘଟଣାରେ ବର୍ଷକୁ କ୍ଷତି ୧୫୦୦ କୋଟି

ସଡ଼କ ନିରାପତ୍ତା ସଂକ୍ରାନ୍ତରେ ରାଜ୍ୟ ସରକାର ସଚେତନ ହେଉନଥିବାରୁ ଓଡ଼ିଶାରେ ବାର୍ଷିକ ଯେତେ ଧନଜୀବନ କ୍ଷତି ହେଉଛି ତାହାର ପରିମାଣ ଦେଢ଼ ହଜାର କୋଟି ଟଙ୍କାରୁ ଅଧିକ ହେବ। ଅବକାରୀ, ପରିବହନ ଓ ପୁଲିସ ପ୍ରଶାସନ ଏ କ୍ଷେତ୍ରରେ ସମ୍ମିଳିତ ଉଦ୍ୟମ କଲେ ସଡ଼କ ଦୁର୍ଘଟଣା ଏବଂ ତଦ୍‌ଜନିତ ମୃତାହତଙ୍କ ସଂଖ୍ୟା ୫୦%ରୁ ଅଧିକ କମିପାରିବ ବୋଲି ନିକଟରେ ଏକ ଆଲୋଚନାଚକ୍ରର ଉପସ୍ଥାପିତ ତଥ୍ୟରୁ ଜଣାପଡ଼ିଛି। ଗତ ବାର ବର୍ଷରେ ଓଡ଼ିଶାରେ ଲକ୍ଷାଧିକ ସଡ଼କ ଦୁର୍ଘଟଣା ଘଟିଥିବାବେଳେ ୪୦ ହଜାରରୁ ଅଧିକ ଲୋକ ମରିଛନ୍ତି ଏବଂ ୫୦ ହଜାରରୁ ଅଧିକ ଗୁରୁତର ଭାବେ ଆହତ ହୋଇଛନ୍ତି ବୋଲି ରାଜ୍ୟ ସରକାରଙ୍କ ପରିସଂଖ୍ୟାନରେ ଦର୍ଶାଯାଉଛି। ରାଜ୍ୟରେ ଯେତେ ସଂଖ୍ୟକ ସଡ଼କ ଦୁର୍ଘଟଣା ଘଟୁଛି ତାହାର ପ୍ରାୟ ୬୦% ନିଶାଜନିତ କାରଣରୁ ହେଉଥିବାବେଳେ ବେପରୁଆ ଗାଡ଼ିଚାଳନାରୁ ଅନ୍ୟୁନ ୩୦% ଦୁର୍ଘଟଣା ଘଟୁଛି।

ଉପରୋକ୍ତ ସରକାରୀ ପରିସଂଖ୍ୟାନକୁ ହିସାବକୁ ନେଲେ ଗତ ବାର ବର୍ଷରେ ଅନ୍ୟୁନ ୨୪ ହଜାର ଲୋକ ନିଶା ଜନିତ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବାବେଳେ ପ୍ରାୟ ୩୦ ହଜାର ଲୋକ ଓଡ଼ିଶାରେ ପଙ୍ଗୁ ହୋଇଛନ୍ତି। ଏହାଛଡ଼ା ଦୁର୍ଘଟଣାଜନିତ ସମ୍ପତ୍ତିକ୍ଷୟ ମଧ୍ୟ ରହିଛି। ସରକାରୀ ହିସାବ ଅନୁଯାୟୀ ୨୦୧୫ ବର୍ଷରେ ଓଡ଼ିଶାରେ ୪୩୦୩ ଜଣ ସଡ଼କ ଦୁର୍ଘଟଣାରେ ମରିଥିବାବେଳେ ବର୍ଷକୁ ବର୍ଷ ଏହି ସଂଖ୍ୟା ବୃଦ୍ଧି ପାଉଥିବା ବିଗତ ୧୦ ବର୍ଷର ପରିସଂଖ୍ୟାନରୁ ଜଣାପଡ଼ିଛି। ରାଜପଥର ୫୦୦ ମିଟର ଦୂରତା ମଧ୍ୟରେ ମଦ ଦୋକାନ ଖୋଲିବା ଉପରେ କଟକଣା ଥିବାବେଳେ ଖୋଦ୍ ରାଜ୍ୟ ସରକାର ଏହାକୁ ବଦଳାଇ ରାଜପଥ କଡ଼ରେ ମଦ ଦୋକାନ ଖୋଲି ଚାଲିବାରୁ ହାତ ପାହାନ୍ତାରେ ସଂଖ୍ୟାଧିକ ଚାଳକ ମଦ ପିଇ ନିଶାଗ୍ରସ୍ତ ଅବସ୍ଥାରେ ଗାଡ଼ିଚାଳନା କରିବାରୁ ବ୍ୟାପକ ସଂଖ୍ୟକ ଦୁର୍ଘଟଣା ଘଟୁଛି। ତେଣୁ ନିଶାପାନ ଜନିତ ଦୁର୍ଘଟଣା ଓ ତଦ୍‌ଜନିତ ଅପମୃତ୍ୟୁ ତଥା ଅନ୍ୟାନ୍ୟ କ୍ଷୟକ୍ଷତି ପାଇଁ ସରକାର ପ୍ରତ୍ୟକ୍ଷ ଭାବେ ଦାୟୀ ବୋଲି ମଦମୁକ୍ତି ଅଭିଯାନ ଆରୋପ କରିଛି। ଅର୍ଥନୀତିଜ୍ଞମାନେ କହୁଛନ୍ତି, ଓଡ଼ିଶାରେ ସଡ଼କ ଦୁର୍ଘଟଣା ଜନିତ ବାର୍ଷିକ କ୍ଷୟକ୍ଷତିର ପରିମାଣ ଦେଢ଼ ହଜାର କୋଟି ଟଙ୍କାରୁ ଅଧିକ ହେଉଛି। କେବଳ ସେତିକି ନୁହେଁ ଯେଉଁ ଲୋକମାନେ ଦୁର୍ଘଟଣାରେ ମରୁଛନ୍ତି କିମ୍ବା ପଙ୍ଗୁ ହେଉଛନ୍ତି ସେମାନଙ୍କ ପରିବାର ଉପରେ ଦୁଃଖର ପାହାଡ଼ ଲଦି ହୋଇ ଯାଉଛି। ମଦୁଆ ଗାଡ଼ିଚାଳକମାନଙ୍କୁ ଦମନ କରିବା ପାଇଁ ମୋଟର ଯାନ ଆଇନରେ କଡ଼ା ବ୍ୟବସ୍ଥା ଥିବାବେଳେ ତାହାର ଠିକଣା ଅନୁପାଳନ କରାଯାଉନାହିଁ। ରାଜ୍ୟ ସରକାର ପ୍ରତିବର୍ଷ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ବ୍ୟାପକ ଅର୍ଥ ବ୍ୟୟ କରୁଥିବାବେଳେ ବାସ୍ତବରେ ସରକାର ସଚେତନ ହେଉନଥିବାରୁ ଦୁର୍ଘଟଣା ଜନିତ କ୍ଷୟକ୍ଷତି ବଢ଼ୁଛି ବୋଲି ମଦମୁକ୍ତି ଅଭିଯାନରୁ ଜଣାଯାଏ।

**ଅଲେଖ ଚନ୍ଦ୍ର ସାମଲ**

ସଡ଼କ ଦୁର୍ଘଟଣାର ପ୍ରମୁଖ କାରଣ ହେଉଛି ମନୁଷ୍ୟକୃତ ତ୍ରୁଟି। କିନ୍ତୁ ଏହି ତ୍ରୁଟି ପାଇଁ ଖୋରାକ ଯୋଗାଉଛି ରାସ୍ତା କଡ଼ରେ ଉପଯୁକ୍ତ ସୂଚନା ଫଳକର ଅଭାବ। ଗୁରୁତ୍ୱପୂର୍ଣ୍ଣ ରାସ୍ତା କଡ଼ରେ ସୂଚନା ଫଳକ ବ୍ୟବସ୍ଥା ଠିକ ଭାବେ କାର୍ଯ୍ୟକାରୀ କରିବା ପାଇଁ ସୁପ୍ରିମକୋର୍ଟଙ୍କ ସଡ଼କ ସୁରକ୍ଷା କମିଟି ବାରମ୍ବାର ପରାମର୍ଶ ଦେଇ ଆସୁଥିଲେ। ତେବେ ସଡ଼କ ସୁରକ୍ଷା ଦିଗରେ ବଡ଼ ପଦକ୍ଷେପ ସ୍ୱରୂପ ରାଜ୍ୟର ଶତପ୍ରତିଶତ ସଡ଼କରେ ସଙ୍କେତ ବ୍ୟବସ୍ଥା ପାଇଁ ଅଣ୍ଟା ଭିଡ଼ିଛି ପରିବହନ ବିଭାଗ। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୩୦୦୦କିମି ରାସ୍ତାରେ ସଙ୍କେତ ବ୍ୟବସ୍ଥା ଆରମ୍ଭ ହେବ। ସଡ଼କ ସୁରକ୍ଷା ଦିଗରେ ସାଇନେଜ ଅବା ସୂଚନା ଫଳକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହା ଗାଡ଼ି ଚାଳକମାନଙ୍କୁ ସମ୍ଭାବ୍ୟ ବିପଦ ସମ୍ପର୍କରେ ସୂଚନା ଦେଇଥାଏ। ଉପଯୁକ୍ତ ସଡ଼କ ଚିହ୍ନ ଏବଂ ଟ୍ରାଫିକ ସଙ୍କେତ, ସରଳ ସଡ଼କ ଇଞ୍ଜିନିୟରିଂ ପଦକ୍ଷେପ ଦୁର୍ଘଟଣାକୁ ବହୁ ମାତ୍ରାରେ ଦୂର କରିପାରିବ। କିନ୍ତୁ ତ୍ରୁଟିପୂର୍ଣ୍ଣ ସୂଚନା ଏବଂ ସିଗନାଲ ବ୍ୟବସ୍ଥା ସଡ଼କ ଦୁର୍ଘଟଣା ଏବଂ ଟ୍ରାଫିକ ଜାମ ପାଇଁ ଦାୟୀ। ତେବେ ବିଳମ୍ବରେ ହେଲେ ମଧ୍ୟ ପରିବହନ ବିଭାଗ ରାଜ୍ୟର ବ୍ୟସ୍ତବହୁଳ ରାସ୍ତାରେ ସଠିକ ସୂଚନା ଓ ସିଗନାଲ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନେଇଛି। ସୂଚନାଯୋଗ୍ୟ ଯେ ଓଡ଼ିଶାରେ ସଡ଼କ ଦୁର୍ଘଟଣା ଓ ମୃତାହତ ସଂଖ୍ୟା ହ୍ରାସ ପାଇବା ବଦଳରେ ବଢ଼ି ଚାଲିଛି। ପୂର୍ବ ବର୍ଷ ତୁଳନାରେ ଗତବର୍ଷ ସଡ଼କ ଦୁର୍ଘଟଣା ହାର ୧୨ ପ୍ରତିଶତ ବୃଦ୍ଧି ପାଇଛି। ସ୍ଥାନୀୟ ଅଞ୍ଚଳର ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳକୁ ସଂଯୋଗ କରୁଥିବା ରାସ୍ତା, ମରାମତି ହେଉଥିବା ସ୍ଥାନ, ବ୍ଲାକ ସ୍ପଟ, ବିପଦପୂର୍ଣ୍ଣ ଅଞ୍ଚଳ ସମ୍ପର୍କରେ ସୂଚନା ଫଳକ ଲାଗିବା ଆବଶ୍ୟକ। ଏହା ଗାଡ଼ି ଚାଳକଙ୍କୁ ଆଗୁଆ ସତର୍କ କରିଥାଏ। ତେବେ ଓଡ଼ିଶାର ଏପରି ସୂଚନା ଓ ସିଗନାଲ ବ୍ୟବସ୍ଥାର ଘୋର ଅଭାବ ରହିଛି। ସିଂହଭାଗ ସୂଚନା ଫଳକ ଜରାଜୀର୍ଣ୍ଣ ହୋଇଛି। ଅନେକ ସୂଚନା ଫଳକରୁ ରଙ୍ଗ ଉଡିଗଲାଣି। ଜାତୀୟ ରାଜପଥ, ରାଜ୍ୟ ରାଜପଥ, ଗ୍ରାମ୍ୟ ଉନ୍ନୟନ ତଥା ପୂର୍ତ୍ତ ବିଭାଗ ପକ୍ଷରୁ ନିଜ ନିଜ ରାସ୍ତାରେ ଉପଯୁକ୍ତ ସୂଚନା ଫଳକ ନଥିବାରୁ ଅନେକ ଲୋକ ମୃତାହତ ହେଉଛନ୍ତି।



ଗତ ବର୍ଷ ଡିସେମ୍ବରରେ ଲୋକସଭାରେ କେନ୍ଦ୍ର ସରକାର କହିଛନ୍ତି ଯେ, ୨୦୨୨ରେ ଜାତୀୟ ରାଜପଥ ଓ ଏକ୍ସପ୍ରେସ ୱେ ଗୁଡ଼ିକରେ ଦୁର୍ଘଟଣା ଯୋଗୁଁ ୪୭,୯୪୪ ଜଣଙ୍କର ମୃତ୍ୟୁ ଘଟିଥିଲା। ୨୦୨୦ରେ ସେହି ସଂଖ୍ୟା ୫୩,୮୭୨ ଥିଲା। ଜାତୀୟ ଅପରାଧ ରେକର୍ଡ଼ ବ୍ୟୁରୋ ତଥ୍ୟ ଅନୁସାରେ ୨୦୨୨ରେ ଦେଶରେ ସବୁପ୍ରକାର ରାସ୍ତା ଦୁର୍ଘଟଣାରେ ୧.୬୪ ଲକ୍ଷ ଲୋକଙ୍କର ମୃତ୍ୟୁ ଘଟିଥିଲା। ଜାତୀୟ ରାଜପଥଗୁଡ଼ିକରେ ଦୁର୍ଘଟଣାର ପ୍ରଧାନ କାରଣ ହେଲା ଦ୍ରୁତଗତିରେ ଗାଡ଼ି ଚଳାଚଳ, ମଦ ପିଇ ଗାଡ଼ି ଚଳାଇବା, ଭୁଲ ପଟେ ବା ରଂ ସାଇଡରେ ଗାଡ଼ି ଚଳାଚଳ, ଯାନବାହନ ଡିଜାଇନରେ ତ୍ରୁଟି ଓ ଗାଡ଼ି ଗୁଡ଼ିକର ଖରାପ ଅବସ୍ଥା, ରାସ୍ତା ନିର୍ମାଣରେ ବୈଷୟିକ ତ୍ରୁଟି ଏବଂ ମୋବାଇଲ ଫୋନ ବ୍ୟବହାର। ୨୦୨୨ରେ ଯେତିକି ଦୁର୍ଘଟଣା ଜନିତ ମୃତ୍ୟୁ ଘଟିଥିଲା ସେଥିରୁ ୭୦ ପ୍ରତିଶତ ଗାଡ଼ି ସ୍ପିଡ ଅଧିକ ଥିବାରୁ ହୋଇଥିଲା। ରାଜପଥରେ ଟ୍ରାଫିକ ନିୟନ୍ତ୍ରଣ କରିବା ସହ ଆଇନ ଉଲ୍ଲଂଘନକାରୀଙ୍କୁ ଦଣ୍ଡ ଦେବା ସକାଶେ ବୈଷୟିକ କୌଶଳର ଅଧିକ ବ୍ୟବହାର କରିବାକୁ ପଡ଼ିବ। ତଦ୍ୱାରା ଦୋଷୀ ଡ୍ରାଇଭର ମାନଙ୍କର ତ୍ରୁଟିକୁ ତତକ୍ଷଣାତ ଧରାଯାଇପାରିବ ଏବଂ ସେମାନଙ୍କ ପାଖକୁ ଚାଲାଣ ପଠାଇ ହେବ। ସଡ଼କ ଦୁର୍ଘଟଣା ପାଇଁ ଓଡ଼ିଶାରେ ଏହି ନୂଆ ସୂଚନା ଓ ସଙ୍କେତ ବ୍ୟବସ୍ଥା ଦୁର୍ଘଟଣା ହ୍ରାସ ସହ ସଚେତନତା ମଧ୍ୟ ସୃଷ୍ଟି କରିବ।

# ଜୀବସତ୍ତା ଓ ପାବନା ଆଶ୍ରମର କାହାଣୀ

କିଛି ବର୍ଷ ତଳର କଥା ପାବନା ଆଶ୍ରମର ପଦ୍ମାତୀରର ବାଲିଚରରେ ଗୋଟିଏ ଘଟଣା ଘଟେ। ସେତେବେଳେ ଅଳ୍ପ ଅଳ୍ପ ଶୀତ ଅଛି। ପଦ୍ମାନଦୀର ପାଣି କମିଯାଇଛି। ସମ୍ମୁଖରେ ବିସ୍ତୀର୍ଣ୍ଣ ଚର ପଡ଼ିଛି। ଦୁଇଟି ଚକୁଆ-ଚକୋଇ ପଦ୍ମାର ଚର ଉପର ଦେଇ ଉଡିଯାଉଥିଲେ। ଅତର୍କିତ ଭାବରେ ଗୋଟିଏ ଶିକାରୀ ପକ୍ଷୀ ଦୁଇଟିକୁ ଲକ୍ଷ୍ୟ କରି ଗୁଳି ଛାଡ଼ିଲା। ଗୁଳି ଡେଣାରେ ବାଜିଲେ ମଧ୍ୟ ପକ୍ଷୀ ଦୁଇଟି ଉଡିଯାଇ ଚରର ଗୋଟିଏ ଜାଗାରେ ବସିଲେ। ସେତେବେଳେ ଶ୍ରୀ ଶ୍ରୀ ଠାକୁର ଆଶ୍ରମ ପ୍ରାଙ୍ଗଣର କୁଟୀର ବାରଣ୍ଡାରେ ଥିଲେ। ଗୁଳି ଶବ୍ଦ ଶୁଣି ସେ କହି ଉଠିଲେ, ହାୟ ! ପକ୍ଷୀ ଦୁଇଟିକୁ ମାରିଲା ବୋଧହୁଏ। ମୁଁ ଏପରି ଅସହାୟ ! ମୁଁ କ’ଣ କରିପାରିବି ? - ଏୟ କହି କୁଟୀରରୁ ତଳକୁ ଓହ୍ଲେଇ ଆସି ବନ୍ଧ କଡ଼େ କଡ଼େ ଆଗେଇ ଆସିଲେ ଏବଂ ଚର ଆଡ଼କୁ ଚାହିଁ ବ୍ୟାକୁଳ ଭାବେ ଦଉଡାଦଉଡି କରିବାକୁ ଲାଗିଲେ। ଏହା ମଧ୍ୟରେ ପକ୍ଷୀ ଦୁଇଟି ପ୍ରତି ସେଇ ଶିକାରୀ ଦ୍ୱିତୀୟବାର ଗୁଳି ଛାଡ଼ିଲା। ଏଥିରେ ଶ୍ରୀ ଶ୍ରୀ ଠାକୁର ଅତ୍ୟନ୍ତ ଶୋକାର୍ତ୍ତ ହୋଇ ‘ହାୟ, ହାୟ ପକ୍ଷୀ ଦୁଇଟି ମଲେ।’ କହି ଆର୍ତ୍ତନାଦ କରି ଉଠିଲେ। ତାଙ୍କ ନିଜ ବକ୍ଷରେ ଯେପରି ଗୁଳିବିଦ୍ଧ ହୋଇଛି ଏହିପରି ଅନୁଭବ କରି ତୀବ୍ର ଯନ୍ତ୍ରଣାରେ ଛଟପଟ ହୋଇ ମାଟିରେ ପଡ଼ି ଆହା ଉହୁ କରିବାକୁ ଲାଗିଲେ। ତାଙ୍କର ଏଇ ଯନ୍ତ୍ରଣା ଦେଖି ଉପସ୍ଥିତ କେହି ହେଲେ ଅଶ୍ରୁ ସମ୍ବରଣ କରିପାରିଲେ ନାହିଁ। ସର୍ବଜୀବ ସହିତ ଏକାତ୍ମତା ଶ୍ରୀ ଶ୍ରୀ ଠାକୁରଙ୍କ ଧାରଣାରେ ଏପରି ସୁପ୍ରତିଷ୍ଠିତ ଯେ ତାଙ୍କ ସମ୍ମୁଖରେ କୌଣସି ପ୍ରାଣୀକୁ ଆଘାତ କଲେ ସେଇ ଆଘାତର ଚିହ୍ନ ତାଙ୍କ ଶରୀରରେ ପରିସ୍ଫୁଟ ହୋଇ ଦେଖାଯାଇଛି। ଏଇ ଘଟଣାଟି ଘଟିଥିଲା ମୁଁ ଶ୍ରୀ ଶ୍ରୀ ଠାକୁରଙ୍କ ସଂସ୍ପର୍ଶରେ ଆସିବାର ଅବ୍ୟବହିତ ପୂର୍ବେ। ଦିନେ ସେ ଘୋଡ଼ା ଗାଡ଼ିରେ ବସି କୁଷ୍ଟିୟାକୁ ବାରାଦି ଗାଁକୁ ଡାକ୍ତର ଗୋପେନ୍ଦ୍ରଚନ୍ଦ୍ର ସାହାଙ୍କ ଘରକୁ ଯାଉଥିଲେ। ଘୋଡ଼ାଗାଡ଼ିରେ ଶ୍ରୀ ଶ୍ରୀ ଠାକୁରଙ୍କ ସହିତ ଚାରିଜଣ ଆରୋହୀ ଥିଲେ। ସେମାନଙ୍କ ମଧ୍ୟରେ ଥିଲେ ଡାକ୍ତର ସତୀଶଚନ୍ଦ୍ର ଜୋୟାରଦାର, ବୀରେନ୍ଦ୍ରନାଥ ରାୟ (ମୁକ୍ତାର) ଓ ଡାକ୍ତର ଗୋକୁଳଚନ୍ଦ୍ର ମଣ୍ଡଳ। ଘୋଡ଼ାଟି ଥିଲା ଅପେକ୍ଷାକୃତ ଦୁର୍ବଳ। ତେଣୁ ଶୀଘ୍ର ଚାଲି ନପାରିବାରୁ କୋଚମ୍ୟାନ ପାଏଁ ପାଏଁ ତିନି ପାହାର ଚାବୁକା ମାରେ ଘୋଡ଼ା ପିଠିରେ। ଚାବୁକ ମାରିବା ମାତ୍ରେ ହିଁ ଶ୍ରୀ ଶ୍ରୀ ଠାକୁର ଗାଡ଼ିରୁ ଓହ୍ଲେଇ ପଡ଼ିଲେ ଏବଂ ଘୋଡ଼ାର ଖୁବ୍ କଷ୍ଟ ହେଉଛି - ଆସନ୍ତୁ ଆମେ ଚାଲି ଚାଲି ଯିବା। ଏହା କହି ସମସ୍ତଙ୍କୁ ଗାଡ଼ିରୁ ଓହ୍ଲେଇ ପଡ଼ିବାକୁ କହିଲେ। ତାପରେ ଘୋଡ଼ାଗାଡ଼ିଟିକୁ ବିଦାୟ ଦେଇ ସେମାନେ ଚାଲି ଚାଲି ବାରାଦି ଗାଁରେ ପହଞ୍ଚିଲେ। ସେଠାରେ ଯାଇ କିଛି ସମୟ ବିଶ୍ରାମ ନେଇ ଶ୍ରୀ ଶ୍ରୀ ଠାକୁର ହାତମୁହଁ ଧୋଇ ଦେହରୁ ଜାମା ଓ ଚାଦର ଖୋଲି ଶଯ୍ୟାରେ ବିଶ୍ରାମ କରିବାକୁ ଲାଗିଲେ। ତାଙ୍କର ଜଣେ ସଙ୍ଗୀ ତାଙ୍କର ପଦସେବା କରୁ କରୁ ତାଙ୍କ ପିଠିରେ ଚାବୁକ ପାହାରର ତିନୋଟି ଆଘାତର ଚିହ୍ନ ଦେଖି ଚମକିତ ହୋଇ କହିଉଠିଲେ - ଇଏ କ’ଣ ! ଆପଣଙ୍କ ପିଠିରେ ତିନୋଟି ଚାବୁକ ମାଡ଼ର ଦାଗ ଆସିଲା କିପରି ?

ଶ୍ରୀ ଶ୍ରୀ ଠାକୁର ପ୍ରଥମେ ନୀରବ ରହିଲେ। ଯେତେବେଳେ ସେଇ ସଙ୍ଗୀଟି ବାରମ୍ବାର ଏ ବିଷୟରେ ପ୍ରଶ୍ନ କରିବାକୁ ଲାଗିଲେ। ସେତେବେଳେ ସେ ଧୀର ଭାବରେ କହିଲେ - ଯେତେବେଳେ ଗାଡ଼ିରେ ବସି ଆସୁଥିଲି, ସେତେବେଳେ କୋଚମ୍ୟାନ ଘୋଡାଟାକୁ ପାଏଁ ପାଏଁ କରି ତିନିଟା ଚାବୁକ ମାରିଥିଲା। ତାହା ମୋତେ ବଡ଼ କଷ୍ଟ ଦେଇଥିଲା। ତେଣୁ ସେମିତି ଦାଗ ହୋଇଥିବ ବୋଧହୁଏ। ସଙ୍ଗୀଟି ସେତେବେଳେ ଆଶ୍ଚର୍ଯ୍ୟାନ୍ୱିତ ହୋଇ ପ୍ରଶ୍ନ କରିଥିଲେ - ଘୋଡ଼ାକୁ ଚାବୁକ ମାରିଲେ ଘୋଡ଼ା ପିଠିରେ ଦାଗ ବସିଯାଇପାରେ, ସେ କଥା ବୁଝିପାରୁଛି। କିନ୍ତୁ ସେଇ ଦାଗ ଆପଣଙ୍କ ଦେହରେ କିପରି ସୃଷ୍ଟି ହେଲା, ତାହା ତ ବୁଝିପାରୁନାହିଁ। ସେତେବେଳେ ସେ କହିଲେ - ଘୋଡ଼ାର କଷ୍ଟଟା ଠିକ୍ ନିଜର କଷ୍ଟ ବୋଲି ଅନୁଭବ କରିଥିଲି ବୋଲି ସମ୍ଭବତଃ ନିଜ ଦେହରେ ସେଇପରି ଚିହ୍ନ ବସିଯାଇଥିବ। ଏହି କଥାଟି ଯେତେବେଳେ ସେଇ ସଙ୍ଗୀଟିର ନିଜ ମୁହଁରୁ ଶୁଣିଥିଲି ସେତେବେଳେ ମୁଁ ନିଜେ ବି ବିଶ୍ୱାସ ସ୍ଥାପନ କରିପାରିନି। କାରଣ, ଏପରି ଘଟଣାର ବାସ୍ତବ ଅଭିଜ୍ଞତା ମୋର ନଥିଲା। ସେତେବେଳେ ଶ୍ରୀ ଶ୍ରୀ ଠାକୁରଙ୍କର ଆଉ ଦୁଇଜଣ ସହଯାତ୍ରୀଙ୍କୁ ଏବଂ ବାରାଦିର ଡାକ୍ତର ଗୋପେନ୍‌ବାବୁ - ଯାହାଙ୍କ ଘରକୁ ଏମାନେ ଯାଇଥିଲେ - ସେମାନଙ୍କୁ ଅଲଗା ଅଲଗା ଭାବେ ଏହି ବିଷୟରେ ପଚାରିଲି। ସେ ତିନିଜଣ ଯାକ ସମସ୍ତେ କହିଲେ ଯେ ଶ୍ରୀ ଶ୍ରୀ ଠାକୁରଙ୍କ ପିଠିରେ ତିନିଟି ଚାବୁକ୍‌ର ଦାଗ ସେମାନେ ଦେଖିଛନ୍ତି - ଏ କଥା ଧ୍ରୁବ ସତ୍ୟ। କିନ୍ତୁ ଘୋଡ଼ାକୁ ମାରିବା ଚାବୁକର ଦାଗ ଶ୍ରୀ ଶ୍ରୀ ଠାକୁରଙ୍କ ପିଠିରେ ପ୍ରକଟ ହେଲା କିପରି - ଏକଥା ସେମାନଙ୍କ ବୁଦ୍ଧିର ଅଗମ୍ୟ ବା ଏଭଳି ଘଟଣାର ନଜିର କେଉଁଠି ହେଲେ ଅଛି କି ନା ତାହା ସେମାନେ କହିବାକୁ ଅକ୍ଷମ। ମୁଁ ସେତେବେଳେ ସେମାନଙ୍କୁ କହିଥିଲି ଯେ ଏପରି ଘଟଣା ନିଜେ ନ ଦେଖିଲେ ମଧ୍ୟ ପୃଥିବୀ ଇତିହାସରେ ଏପରି ନଜିର ଅଛି। କଥିତ ଅଛି ଯେ ଭଗବାନ ରାମକୃଷ୍ଣ ଦେବ ଯେତେବେଳେ ସ୍ତ୍ରୀଭାବେ ସାଧନା କରୁଥିଲେ ସେତେବେଳେ ତାଙ୍କର ପୁରୁଷ ଦେହରେ ସ୍ତ୍ରୀଅଙ୍ଗର ସମସ୍ତ ଲକ୍ଷଣ ପ୍ରକାଶିତ ହୋଇଥିଲା। ପରେ ପାଶ୍ଚାତ୍ୟ ଜଗତର ଖ୍ରୀଷ୍ଟଧର୍ମର ଇତିହାସ ଆଲୋଚନା ବେଳେ ଜାଣିଛି ଯେ କ୍ରୁଶବିଦ୍ଧ ଭଗବାନ ଯୀଶୁଙ୍କ ସମ୍ବନ୍ଧରେ ଗଭୀର ଭାବେ ଚିନ୍ତା କରିବା ଫଳରେ କୌଣସି ଖ୍ରୀଷ୍ଟଭକ୍ତଙ୍କ ଦେହରେ ଅନୁରୂପ କ୍ଷତଚିହ୍ନ ଓ ରକ୍ତ କ୍ଷରଣ ପରିଲକ୍ଷିତ ହୋଇଥିଲା। ଏଇ ବିଂଶ ଶତାବ୍ଦୀରେ ହିଁ ୧୯୬୨ ମସିହାରେ ଜର୍ମାନୀର ଅନ୍ତର୍ଗତ ବ୍ୟାଭେରିୟାର କୋନାର - ସେରିଭୟ ଗ୍ରାମରେ ଥେରେସା ନିଉମ୍ୟାନ ନାମରେ ଜଣେ କ୍ୟାଥଲିକ୍ ମହିଳାର ମଥା, ଛାତି ଓ ପାଦରେ କ୍ରୁଶବିଦ୍ଧ ଭଗବାନ ଯୀଶୁଙ୍କର ଚିନ୍ତା କରୁ କରୁ ଅନୁରୂପ କ୍ଷତର ସୃଷ୍ଟି ହୁଏ ଏବଂ କ୍ଷତସ୍ଥାନରୁ ଏତେ ପରିମାଣରେ ରକ୍ତପାତ ହୁଏ ଯେ ତାଙ୍କ ଶରୀରର ଓଜନ ଦଶ ପାଉଣ୍ଡ କମିଯାଏ। ଡାକ୍ତର ଫ୍ରିଜ ଜାରଲିକ୍ ନାମରେ ଗୋଟିଏ ଜର୍ମାନ ପତ୍ରିକାର ସମ୍ପାଦକ ଏହା ଏକ ବିରାଟ ଧପ୍ପାବାଜି ବୋଲି ମନେକରି ସେଇ ମହିଳାଙ୍କୁ ପରୀକ୍ଷା କରିବାକୁ ଯାନ୍ତି। ସେ ସବୁ ଦେଖିଶୁଣି ଓ ପରୀକ୍ଷା କରି ସନ୍ଦେହମୁକ୍ତ ହୋଇ ଉକ୍ତ ମହିଳାର ଜଣେ ଭକ୍ତ ହୋଇଉଠନ୍ତି ଏବଂ ସ୍ୱୟଂ ସେଇ ମହିଳାର ଜୀବନୀ ଲେଖନ୍ତି। ବାରାଦି ଗ୍ରାମର ଉକ୍ତ ଘଟଣା ସଂଘଟିତ ହେବା ପୂର୍ବରୁ ଅନୁରୂପ ଆଉ ଗୋଟିଏ ଘଟଣା ଘଟେ ହିମାଇତପୁରରେ। ଶ୍ରୀ ଶ୍ରୀ ଠାକୁର କିଶୋରୀମୋହନ ଦାସଙ୍କ ହିମାଇତପୁର ଶ୍ମଶାନର କଡ଼ ଦେଇ ଯାଉଥିଲେ। ଗୋଟାଏ ଗୋରୁ ସେଠାରେ ଦଉଡିରେ ବନ୍ଧା ହୋଇଥିଲା। ଗୋରୁଟା ଚରୁ ଚରୁ ବେକରେ ଦଉଡି ଲାଗିଥିବା ଅବସ୍ଥାରେ ପଦ୍ମାନଦୀର ପଠାରୁ ତଳକୁ ପଡ଼ିଯାଏ ଏବଂ ଦଉଡିରେ ନଟକି ରହିଥାଏ ଆଉ ପ୍ରାଣପଣେ ଡାକ ଛାଡୁଥାଏ। ତାର ଏଇ ଆର୍ତ୍ତନାଦ ଶୁଣି କିଶୋରୀଦା ଓ ଶ୍ରୀ ଶ୍ରୀ ଠାକୁର ଦୌଡ଼ିଯାଇ ଗୋରୁଟାକୁ ଏଇ ଅବସ୍ଥାରେ ଦେଖନ୍ତି। ଶ୍ରୀ ଶ୍ରୀ ଠାକୁରଙ୍କ ଇଙ୍ଗିତରେ କିଶୋରୀଦା ତଡ଼ିତ ବେଗରେ ଲମ୍ଫଦେଇ ତଳେ ପଡ଼ିଲେ ଓ ଗୋରୁଟାର ପଛରୁ ଧରି ଖୁବ୍ ଜୋରରେ ଉପରକୁ ଠେଲୁଥାନ୍ତି ଆଉ ଶ୍ରୀ ଶ୍ରୀ ଠାକୁର ଉପରୁ ସେଇ ଦଉଡି ଧରି ଟାଣୁଥାନ୍ତି। ଏହିପରି କରି ଅତି କଷ୍ଟରେ ଗୋରୁଟାକୁ ଉପରକୁ ଟେକାହୁଏ। ଖୁବ୍ ଜୋରରେ ଦଉଡି ଭିଡ଼ି ହୋଇଯାଇଥିବାରୁ ଗୋରୁଟିର ବେକରେ ଦଉଡିର ଦାଗର ଚିହ୍ନ ସ୍ପଷ୍ଟ ଦେଖାଯାଏ। ଗୋରୁଟାକୁ ଏହିପରି ଭାବେ ମରଣ ହାତରୁ ରକ୍ଷା କରିବା ପରେ କିଶୋରୀଦାଙ୍କର ଅଲକ୍ଷ୍ୟରେ ଶ୍ରୀ ଶ୍ରୀ ଠାକୁର ଲୁଗାର ଖୋସାଣି ଖୋଲି ସଙ୍ଗେ ସଙ୍ଗେ ନିଜ ବେକରେ ଗୁଡ଼ାଇଲେ ଏବଂ ଦୁହେଁ ଆଶ୍ରମକୁ ଫେରିଆସିଲେ। ଆଶ୍ରମକୁ ଫେରିଆସି ଶ୍ରୀ ଶ୍ରୀ ଠାକୁର ବେକରେ ଗୁଡ଼ାଇଥିବା ଲୁଗା ଖୋଲିବା ମାତ୍ରେ କିଶୋରୀଦା ଦେଖିପାରିଲେ - ବେକରେ ଦଉଡି ଦେଇ ଜୋର କରି ବାନ୍ଧିଲେ ଯେପରି ଚିହ୍ନ ପଡ଼ିଯାଏ ଶ୍ରୀ ଶ୍ରୀ ଠାକୁରଙ୍କ ବେକରେ ଅନୁରୂପ ଚିହ୍ନ ପ୍ରକାଶ ପାଉଛି। ସେ ସେତେବେଳେ ଶ୍ରୀ ଶ୍ରୀ ଠାକୁରଙ୍କୁ ପଚାରିଲେ ଆପଣଙ୍କ ବେକରେ ଏପରି ଦାଗ ଆଗରୁ ତ କେବେ ଦେଖିନି। ଏ ଦାଗ ଆସିଲା କେଉଁଠୁ ? ଶ୍ରୀ ଶ୍ରୀ ଠାକୁର - ଗୋରୁଟାର ବେକରେ ଖୁବ୍ ଜୋରରେ ଦଉଡି ଟଣାର ଦାଗ ପଡ଼ିଯାଇଥିଲା। ତେଣୁ ମୋ ବେକରେ ବି ସେହିପରି ଦାଗ ହୋଇଛି। କିଶୋରୀଦା ଶ୍ରୀ ଶ୍ରୀ ଠାକୁରଙ୍କ ପାଖରୁ ଏଇ କଥା ଶୁଣି ହତଭମ୍ବ ହୋଇଗଲେ। ଭାବିବାକୁ ଲାଗିଲେ - ଏହା କିପରି ସମ୍ଭବ ? ତା ହେଲେ କ’ଣ କହିବାକୁ ହେବ ଯେ ସେ ପ୍ରତ୍ୟେକ ଜୀବର ସତ୍ତା ସହ ଓତପ୍ରୋତ ଭାବେ ଜଡ଼ିତ ? ସେମାନଙ୍କର ସୁଖଦୁଃଖ କଣ ନିଜର ସୁଖଦୁଃଖ ବୋଲି ଅନୁଭବ କରନ୍ତି ? ଉପରୋକ୍ତ ଘଟଣାଟି ଶ୍ରଦ୍ଧେୟ କିଶୋରୀଦାଙ୍କ ପାଖରୁ ଅବଗତ ହେବାପରେ ଶ୍ରୀ ଶ୍ରୀ ଠାକୁରଙ୍କୁ ମୁଁ ନିଜେ ପଚାରି ଏ ବିଷୟରେ ସମ୍ପୂର୍ଣ୍ଣ ନିଃସନ୍ଦେହ ହୋଇଛି।

**ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**



# ବେବି ବମ୍ପ ଲୁଚାଉଛନ୍ତି କ୍ୟାଟ୍ରିନା !

ଚର୍ଚ୍ଚାରେ କ୍ୟାଟ୍‌ଙ୍କ ପ୍ରେଗ୍‌ନେସି । ଏହି ଗୁଜବ ମଧ୍ୟରେ ରେସଟୁରାଣ୍ଟରେ ବ୍ଲାକ୍ ଡ୍ରେସରେ ନଜର ଆସିଲେ କ୍ୟାର୍ଟିନା କେଫ୍ । ଯାହାକୁ ଦେଖି ଫ୍ୟାନ୍ସଙ୍କ ମଧ୍ୟରେ ଦେଖିବାକୁ ମିଳିଛି ଉତ୍କଣ୍ଠା । ମିଡିଆ ରିପୋର୍ଟ ଅନୁଯାୟୀ, ସୋମବାର ରାତିରେ ଭଉଣୀ ଇସାବେଲେଙ୍କ ସହିତ ଡିନର ପାଇଁ ରେଷ୍ଟୁରାଣ୍ଟରେ ନଜର ଆସିଥିଲେ କ୍ୟାଟ୍ରିନା । ଏହି ସମୟରେ କ୍ୟାଟ୍ରିନାଙ୍କ ଭଉଣୀ ଗଣମାଧ୍ୟମ ଆଗରେ ଫଟୋ ଉଠାଇବା ପାଇଁ ପୋଜ୍ ଦେଇଥିବା ବେଳେ କ୍ୟାଟ୍ ତରବରିଆ ହୋଇ ସେଠାରୁ ଚାଲିଯାଇଥିଲେ । ଏହାରି ମଧ୍ୟରେ କ୍ୟାଟ୍ରିନା ଏକ କଳା ରଙ୍ଗର ଡ୍ରେସରେ ନିଜ ବେବି ବମ୍ପଙ୍କୁ ଲୁଚାଉଥିବା ଚେଷ୍ଟା କରୁଥିବା ଦେଖିବାକୁ ମିଳିଥିଲେ । ଯାହାକୁ ଦେଖି ପ୍ରଶଂସକଙ୍କର ସନ୍ଦେହ ବଢିଯାଇଛି । କ୍ୟାଟ୍ରିନାଙ୍କ ଡିସେମ୍ବର ୨୦୨୧ରେ ଅଭିନେତା ବିକି କୌଶଲଙ୍କୁ ବିବାହ କରିଥିଲେ । ଦୁହିଁଙ୍କର ବିବାହକୁ ଏକ ବର୍ଷ ପୂରିଛି । ବର୍ତ୍ତମାନ କ୍ୟାଟ୍ରିନା ଗର୍ଭବତୀ ଥିବା ନେଇ ଖବର ପ୍ରକାଶ ପାଇଛି । ଏହି ଦମ୍ପତି ନିଜ ବ୍ୟକ୍ତିଗତ ଜୀବନରେ ବେଶ୍ ପ୍ରାଇଭେସି ମେଣ୍ଟେନ୍ କରିଥାନ୍ତି । କିନ୍ତୁ ବର୍ତ୍ତମାନ ଅଭିନେତ୍ରୀଙ୍କୁ ଯେଉଁଠି ବି ଦେଖିବାକୁ ମିଳିଥାଏ ସେ ନିଜର ବେବି ବମ୍ପ ଲୁଚାଇବା ଭଳି ନଜର ଆସିଥାନ୍ତି । ସେପଟେ ଅନେକ ଏହାକୁ ଗୁଜବ କହୁଥିବା ବେଳେ ଅନେକ ପ୍ରେଗନେସିକୁ ସତ ବୋଲି ଯୁକ୍ତି କରିଛନ୍ତି । ତେବେ ଅପେକ୍ଷା ରହିଲା କେତେବେଳେ ଏହି ଖବରରେ ବାଜୁଛି ମୋହର ।

# ଗିନିଜ୍ ୱାର୍ଲ୍ଡ ରେକର୍ଡରେ ଲମ୍ବା ଡାକ୍ତର ପରିବାର

ଲମ୍ବା ଲୋକ ତ ଅନେକ ଅଛନ୍ତି, ହେଲେ ୬ ଫୁଟରୁ ଅଧିକ ଉଚ୍ଚର ମଣିଷ ଖୁବ୍ କମ୍ ଦେଖିଥିବେ । କିନ୍ତୁ ଏଠି ତ ପୂରା ପରିବାର ଲମ୍ବା । ତାପୁଣି ସମସ୍ତେ ୬ ଫୁଟ୍ ରୁ ଅଧିକ । ଦୁନିଆର ସବୁଠୁ ଲମ୍ବା ପରିବାର ଆମେରିକାର ମିନେସୋଟାର ଟ୍ରେସ୍ସ ପରିବାର । ଉଚ୍ଚତା ପାଇଁ ସେମାନେ ଗିନିଜ୍ ୱାର୍ଲ୍ଡ ରେକର୍ଡର ଅଧିକାରୀ । ଏହି ପରିବାରରେ ୫ସଦସ୍ୟ । ସ୍କଟ, କ୍ରିସି, ସବାନା, ମୋଲି ଏବଂ ଆଦମ୍ । ସମସ୍ତଙ୍କ ଉଚ୍ଚତା ୬ଫୁଟ୍‌ରୁ ଅଧିକ । ଟ୍ରେସ୍ସ ପରିବାରର ସବୁଠୁ ଲମ୍ବା ବ୍ୟକ୍ତି ଏଡମ୍ ଟ୍ରେସ୍ସ (୨୨) । ଉଚ୍ଚତା ୭ ଫୁଟ୍ ୩ ଇଞ୍ଚ୍ । ଆଉ ଘରର ସବୁଠୁ କମ୍ ଉଚ୍ଚତା ଥିବା ବ୍ୟକ୍ତି ହେଉଛନ୍ତି ଏଡମ୍‌ଙ୍କ ମା' କ୍ରିସି । ତାଙ୍କ ଉଚ୍ଚତା ୬ ଫୁଟ୍ ୩ ଇଞ୍ଚ୍ । ସାଭନ୍ନା ଟ୍ରେସ୍ସଙ୍କ ଉଚ୍ଚତା ୬ ଫୁଟ୍ ୮ଇଞ୍ଚ୍ ଥିବାବେଳେ ଭଉଣୀ ମଲ୍ଲିକ ଷ୍ଟିଡେଙ୍କ ଉଚ୍ଚତା ୬ ଫୁଟ ୬ଇଞ୍ଚ । ଆଉ ବାପା ସ୍କଟଙ୍କ ଉଚ୍ଚତା ୬ ଫୁଟ ୮ ଇଞ୍ଚ୍ । ଗିନିଜ୍ ରେକର୍ଡର ଅଧିକାରୀ ଥିବା ଏହି ପରିବାରକୁ ନେଇ ଚର୍ଚ୍ଚା ସବୁଠି । ଉଚ୍ଚତା ପାଇଁ ଫେମସ୍ ହୋଇପାରନ୍ତି ସତ କିନ୍ତୁ ଅନେକ ଅସୁବିଧାରେ ସମ୍ମୁଖୀନ ହୁଅନ୍ତି ଏହି ପରିବାର । ୬ ଫୁଟ୍ ୮ ଇଞ୍ଚ୍‌ର ସବାନା କୁହନ୍ତି, ଲମ୍ବା ହେବା ସହଜ ନୁହେଁ । ଏଥିପାଇଁ ଆମକୁ ଅନେକ ଅସୁବିଧାରେ ସମ୍ମୁଖୀନ ହେବାକୁ ପଡ଼ିଥାଏ । ଲମ୍ବା ହେବା କାରଣରୁ ଗୋଡ଼ରେ ଆସିଯାଏ ଷ୍ଟ୍ରେଚ୍ ମାର୍କ । ଯଦି ମୁଁ ଜଲ୍‌ଦି ଛିଡ଼ା ହେଉଛି ତେବେ ବେହୋସ୍ ହୋଇଯାଏ । ଦୌଡ଼ିବା ଦ୍ୱାରା ପଡ଼ିଯିବାର ଭୟ ବି ଥାଏ । ସୱାନାଙ୍କ ବାପା ସ୍କଟ୍ କୁହନ୍ତି, ଯେତେବେଳେ ମୁଁ ପ୍ରଥମ ଶ୍ରେଣୀରେ ଆଡମିସନ୍ କଲି ସେତେବେଳେ ମୁଁ ମୋ ଶିକ୍ଷକଙ୍କଠାରୁ ବି ଉଚ୍ଚତାରେ ଅଧିକ ଥିଲି । ଲମ୍ବା ଉଚ୍ଚତା ହେବାର ଅନେକ ଲାଭ ବି ଅଛି । ଯେମିତି କି ନୂଆ ନୂଆ ଲୋକ ଆମକୁ ଦେଖିବାକୁ ଆସନ୍ତି । ଆଉ ଆମ ବିଷୟରେ ଜାଣିବାକୁ ଚେଷ୍ଟା କରନ୍ତି । ଏହା ଛଡ଼ା ଆହୁରି ଅନେକ ଅସୁବିଧାରେ ବି ସମ୍ମୁଖୀନ ହେବାକୁ ପଡ଼ିଥାଏ । ଯେମିତିକି ଆମେ ଆମ ପସନ୍ଦର ଗାଡ଼ି ଚଢ଼ି ପାରୁନା କି ପୋଷାକ ପିନ୍ଧି ପାରୁନା ବୋଲି କୁହନ୍ତି ଆଡମ୍ । ଏମିତି ଏକ ରେକର୍ଡ ୨୦୧୮ରେ ବି ହୋଇଥିଲା । ତୁର୍କି ନିବାସୀ ସୁଲତାନ୍ କୋସେନ୍ ଦୁନିଆ ସବୁଠୁ ଲମ୍ବା ବ୍ୟକ୍ତି ଭାବେ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଥିଲେ । ତାଙ୍କ ଉଚ୍ଚତା ୮ ଫୁଟ୍ ୩ ଇଞ୍ଚ୍ । ଆଉ ସବୁଠୁ ଛୋଟ ବ୍ୟକ୍ତି ଭାବେ ମହାରାଷ୍ଟ୍ରର ଜ୍ୟୋତି ଆମଗେ ରେକର୍ଡ କରିଛନ୍ତି । ଯାହାର ଉଚ୍ଚତା ୨ ଫୁଟ୍ । ଇଜିପ୍ଟରେ ପିରାମିଡ୍ ସାମ୍ନାରେ ଦୁହେଁ ଫଟୋସୁଟ୍ କରିଥିଲେ । ତେବେ ଏଭଳି ଲମ୍ବର କାରଣ ପିଟ୍ୟୁଟାରି ଗିଙ୍ଗୋଟିଜ୍ । ଏଭଳି ସ୍ଥିତିରେ ଶରୀରରେ ଗ୍ରୋଥ୍ ହେବାକୁ ଲାଗିଥାଏ । ହେଲେ ବୈଜ୍ଞାନିକଙ୍କ ମତରେ, ଏହା କେବଳ ପିଟ୍ୟୁଟାରି ଗିଙ୍ଗୋଟିଜ୍ସ କାରଣରୁ ହୋଇ ନଥାଏ । ଜିନ୍‌ରେ ହେଉଥିବା ପରିବର୍ତ୍ତନ ଏହାର କାରଣ ହୋଇପାରେ । ଯାହାର ପ୍ରଭାବ ପିଢ଼ି ପରେ ପଢ଼ି ଦେଖିବାକୁ ମିଳିଥାଏ । କହିବାକୁ ଗଲେ ଲମ୍ବା ବୋଲି ସୋମାନେ ଚର୍ଚ୍ଚାରେ, ହେଲେ ସେମାନଙ୍କର ଦୁଃଖ ଅଧିକ ।



# ପାଞ୍ଚ ବିଳାସପୂର୍ଣ୍ଣ ଜେଲ







ଜେଲ୍ ନାଁ ଶୁଣିଲେ ସମସ୍ତଙ୍କ ମନରେ ଭୟ ରହିଥାଏ । ଜେଲରେ ରହିବା, ଖାଇବା ସାଧାରଣ ଜୀବନଠାରୁ ଅଲଗା ହୋଇଥିବାରୁ ଏଠାରେ ଅପରାଧୀମାନଙ୍କୁ ରଖାଯାଇଥାଏ । ଜେଲ୍ ନାଁ ଶୁଣିଲେ ଆଖି ସାମ୍ନାକୁ ଆସିଯାଏ ଗୋଟିଏ ଦୃଶ୍ୟ । ଅନ୍ଧାର କୋଠରୀକୁ ଯନ୍ତ୍ରଣା । ଏମିତି ଅନେକ କିଛି । କିନ୍ତୁ ବିଶ୍ୱରେ ଏମିତି ଜେଲ୍ ଅଛି ଯାହା ୫ ଷ୍ଟାର ହୋଟେଲଠୁ କମ୍ ନୁହେଁ । କଏଦୀମାନଙ୍କୁ ଏଠାରେ ମିଳେ ବିଳାସପୂର୍ଣ୍ଣ ସୁବିଧା ।

**ଜେଭିଏ ଫୁଇସବଟେଲ ପ୍ରିଜନ:** ଜର୍ମାନୀରେ ଥିବା ଏହି ଜେଲରେ କଏଦୀମାନଙ୍କୁ କାଉଚ, ବେଡ, ବ୍ୟକ୍ତିଗତ ବାଥରୁମ ଭଳି ସୁବିଧା ମିଳିଥାଏ । ଏହାସହ ଏହି ଜେଲରେ କଏଦୀମାନଙ୍କୁ ଲଣ୍ଡ୍ରି ମେସିନ ଓ କନଫରେନ୍ସ ରୁମ୍ ଭଳି ସୁବିଧା ମଧ୍ୟ ମିଳିଥାଏ ।

**ଜଷ୍ଟିସ ସେଣ୍ଟର ଲିୟୋବେନ:** ଅଷ୍ଟ୍ରିଆର ପାର୍ବତୀୟ ଅଞ୍ଚଳ ଲିୟୋବେନରେ ଏହି ଜେଲ ରହିଛି । ଏଠାରେ କଏଦୀମାନଙ୍କୁ ସବୁପ୍ରକାର ସୁବିଧା ମିଳିଥାଏ । ଯେମିତି ବିଳାସପୂର୍ଣ୍ଣ ତାରକା ହୋଟେଲରେ ସୁବିଧା ମିଳିଥାଏ । ଏହି ଜେଲରେ କଏଦରମାନେ ଇଣ୍ଡୋ ଗେମ ମଧ୍ୟ ଖେଳିଥାନ୍ତି ।

**ଏଚ୍‌ଏମ୍‌ପି ଏଡିବେଲ:** ସ୍କଟଲ୍ୟାଣ୍ଡର ଏଚ୍‌ଏମ୍‌ପି ଜେଲରେ ରହୁଥିବା କଏଦୀମାନଙ୍କୁ ଭଲ ମଣିଷ କରିବା ପାଇଁ ସମସ୍ତ ସୁବିଧା ଦିଆଯାଉଛି । ବନ୍ଦୀମାନଙ୍କୁ ମଧ୍ୟ ୪୦ ସପ୍ତାହ ପାଇଁ ଉତ୍ପାଦନକାରୀ କୌଶଳ ଉପରେ ତାଲିମ ଦିଆଯାଇଥାଏ । ଯାହାଦ୍ୱାରା ସେମାନେ ଜେଲରୁ ବାହାରିବା ପରେ ଭଲ କାମ କରିବା ସହ ଆରାମଦାୟକ ଜୀବନଯାପନ କରିବାକୁ ସକ୍ଷମ ହୋଇପାରିବେ ।

**ଚାମ୍ପ ଡୋଲୋନ ପ୍ରିଜନ:** ସ୍ୱିଜରଲ୍ୟାଣ୍ଡରେ ଥିବା ଚାମ୍ପ-ଡୋଲୋନ୍ କାରାଗାରରେ ବହୁ ସଂଖ୍ୟାରେ ବନ୍ଦୀମାନେ ରହୁଥିଲେ । ବର୍ତ୍ତମାନ ଏଠାରେ ରହୁଥିବା କଏଦୀମାନେ ଯେ କୌଣସି ଭଲ ହଷ୍ଟେଲ ପରି କୋଠରୀ ପାଇଥାନ୍ତି । ଏହା ବ୍ୟତୀତ ବନ୍ଦୀମାନଙ୍କୁ ଶୋଇବା ପାଇଁ ଆରାମଦାୟକ ବେଡ୍ ଦିଆଯାଇଥାଏ ।

**ଓଟାଗୋ କୋରେକ୍ସନ ଫେସିଲିଟି:** ନ୍ୟୁଜିଲ୍ୟାଣ୍ଡରେ ଥିବା ଏହି ଜେଲରେ ବନ୍ଦୀମାନେ ସମସ୍ତ ସୁବିଧା ପାଇଥାନ୍ତି । ବନ୍ଦୀମାନଙ୍କୁ ଚାଷ, ଲାଇଟ ଇଞ୍ଜିନିୟରିଂ, ରୋଷେଇ ଭଳି କାର୍ଯ୍ୟରେ ପାରଦର୍ଶୀ କରିବା ପାଇଁ ଏହି ଜେଲରେ କ୍ଲାସ୍ ମଧ୍ୟ ହୋଇଥାଏ । ହେଲେ ଏହି ଜେଲରେ କଡ଼ା ସୁରକ୍ଷା ବ୍ୟବସ୍ଥା ରହିଛି ।

# ୧୦ ବର୍ଷୀୟାଙ୍କ ବିଶ୍ୱ ରେକର୍ଡ

୧୦ ବର୍ଷୀୟ ସାରା ଛିପା ଏବେ ଇ[ରନେଟ୍ ଜଗତରେ ଚର୍ଚ୍ଚାରେ । ଏକ ନିଆରା ଦକ୍ଷତା ପାଇଁ ସେ ବିଶ୍ୱ ରେକର୍ଡର ଅଧିକାରିଣୀ ହୋଇଛନ୍ତି । ୧୦ କିମ୍ବା ୨୦ ନୁହେଁ, ୧୯୬ ଔପଚାରିକ ଦେଶର ରାଜଧାନୀ ଓ ତାର ମୁଦ୍ରା ମନେ ରଖି ସେ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛନ୍ତି । ସାରା ମୂଳତଃ ରାଜସ୍ଥାନର । ପରିବାର ସହ ସେ ଦୁବାଇରେ ରହୁଛନ୍ତି । ଏ ନେଇ ଅନ୍‌ଲାଇନ୍ ଏକ ପ୍ରତିଯୋଗିତା କରାଯାଇଥିଲା । ଯାହା ଫେସବୁକ୍, ୟୁଟ୍ୟୁବ୍ ଓ ଲିଙ୍କଡ୍‌ଇନ୍‌ରେ ପ୍ରସାରିତ ହୋଇଥିଲା । ସାରା ୧୯୬ ଦେଶର ରାଜଧାନୀ ଓ ମୁଦ୍ରା ଠିକ୍ ଠିକ୍ କହୁଛନ୍ତି କି ନାହିଁ ଜାରିବାକୁ ପ୍ରତିଯୋଗିତା ସମୟରେ ଓଏମ୍‌ଜି ବୁକ୍ ଅଫ୍ ରେକର୍ଡସର ଜଣେ ଅଧିକାରୀ ସେଠାରେ ଉପସ୍ଥିତ ଥିଲେ । ପୂର୍ବରୁ ସର୍ବାଧିକ ଦେଶର ରାଜଧାନୀ ନାଁ କହି ବିଶ୍ୱ ରେକର୍ଡ ସୃଷ୍ଟି କରିବାର ଅନେକ ଉଦାହରଣ ଅଛି । ଏଥର କିନ୍ତୁ ସାରା ଦେଶମାନଙ୍କର ରାଜଧାନୀ ସହିତ ସେ ସମସ୍ତ ଦେଶର ମୁଦ୍ରା ମଧ୍ୟ କହିଛନ୍ତି । ୩ ବର୍ଷ ପୂର୍ବେ ବ୍ରେନ୍ ରାଇମ୍ କଗନିଟିଭ୍ ସଲ୍ୟୁସନ୍‌ସର ପ୍ରତିଷ୍ଠାତା ସୁଶାନ୍ତ ମୟିସୋରକରଙ୍କ ସହ ତାଙ୍କ ଯାତ୍ରା ଆରମ୍ଭ ହୋଇଥିଲା । ମନେ ରଖିବାର ନିଆରା କଳା ଓ ସୃଜନଶୀଳତା ସାରାଙ୍କୁ ଏ କ୍ଷେତ୍ରରେ ଆଗେଇବାକୁ ପ୍ରେରଣା ଦେଲା । ମୟିସୋକର ଯେତେବେଳ ସାରାଙ୍କ ଅନନ୍ୟ ସ୍ମରଣ ଶକ୍ତି ବିଷୟରେ ଜାଣିବାକୁ ପାଇଲେ, ରେକର୍ଡ ପାଇଁ ପ୍ରୟାସ କରିବାକୁ ଅଭିଭାବକଙ୍କୁ କହିଲେ । ତୀକ୍ଷ୍ଣ ସ୍ମରଣ ଶକ୍ତି ସହିତ ସାରା ଜଣେ ବହୁମୁଖୀ ପ୍ରତିଭାର ଅଧିକାରିଣୀ । ସେ ଜଣେ ଉଦୀୟମାନ କ୍ରିକେଟର । ଜଣେ ପ୍ରବୀଣା ନୃତ୍ୟଶିଳ୍ପୀ । ତାଙ୍କର ଏକ ୟୁଟ୍ୟୁବ୍ ଚ୍ୟାନେଲ ଅଛି, ଯେଉଁଥିରେ ତାଙ୍କର ଏକ ସିରିଜ୍ ଚାଲିଛି । ତାର ଟାଇଟଲ ଅତୁଲ୍ୟ ଭାରତ ।



# ଓଜନ କମ୍ କରିଥାଏ କିସ୍‌ମିସ

କିସମିସକୁ ଯେକୌଣସି ସମୟରେ ଖାଇପାରିବେ । କିନ୍ତୁ ଯଦି ଆପଣ ଶୀଘ୍ର ଓଜନ ହ୍ରାସ କରିବାକୁ ଚାହାଁନ୍ତି, ତେବେ ଆପଣଙ୍କୁ ଏକ ସମୟ ସ୍ଥିର କରିବାକୁ ପଡିବ, ଯାହା ଦ୍ୱାରା ଆପଣ ଏହି ସମସ୍ୟାରୁ ମୁକ୍ତି ପାଇପାରିବେ । ଯଦି ଆପଣ ମୋଟାପଣ ଦ୍ୱାରା ଚିନ୍ତିତ, ତେବେ ନିଶ୍ଚିତ ଭାବରେ ଖାଦ୍ୟରେ କିସମିସ୍ ଅନ୍ତର୍ଭୁକ୍ତ କରନ୍ତୁ । ଏହା ନିଶ୍ଚିତ ଭାବରେ ଆପଣଙ୍କ ପାଇଁ ଲାଭଦାୟକ ହେବ । କିସମିସରେ ଅନେକ ପୋଷକ ତତ୍ତ୍ୱ ମିଳିଥାଏ, କିନ୍ତୁ ଏହାକୁ ଖାଇବା ପାଇଁ ମଧ୍ୟ ଏକ ଉପଯୁକ୍ତ ଉପାୟ ଏବଂ ସମୟ ଥାଏ । ତେବେ ଚାଲନ୍ତୁ ଜାଣିବା ପ୍ରତିଦିନ କିସମିସ୍ କିପରି ଏବଂ କେତେ ଖାଇବା ଉଚିତ୍, ଯାହା ଓଜନ ହ୍ରାସ କରିବାରେ ସାହାଯ୍ୟ କରିଥାଏ । କିସମିସ୍ ଏପରି ଏକ ଡ୍ରାଏ ଫ୍ରୁଟ୍, ଯାହାର ବ୍ୟବହାର ଖିରି ତିଆରିରେ କରାଯାଇଥାଏ । ଏଥିରେ ଆଇରନ୍, ପୋଟାସିୟମ୍ ଏବଂ କ୍ୟାଲସିୟମ୍ ପରି ପୋଷକ ତତ୍ତ୍ୱ ରହିଥାଏ ଯାହା ଶରୀରକୁ ଶକ୍ତି ଏବଂ ମଜବୁତ ପ୍ରଦାନ କରିଥାଏ । ଏହାକୁ ଶୁଖିଲା କିମ୍ବା ଭିଜାଇ ଖିଆଯାଇପାରେ । ଯଦି ଆପଣ ଏହାକୁ ଖାଲି ପେଟରେ ଖାଆନ୍ତି ତେବେ ଆପଣ ଅଧିକ ଲାଭ ପାଇପାରିବେ । ପ୍ରତିଦିନ ଜଳଖିଆରେ କିସମିସ୍ ଖାଇବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ । ଓଟ୍‌ସ କିମ୍ବା ସେକରେ କିସମିସ୍ ମିଶାଇ ଖାଇପାରିବେ । ଯଦି ଆପଣ ଖାଲି ପେଟରେ ପ୍ରତିଦିନ ମୁଠାଏ କିସମିସ୍ ଖାଆନ୍ତି, ତେବେ ଆପଣ ସମ୍ପୂର୍ଣ୍ଣ ଫିଟ୍ ହୋଇପାରିବେ । କୋଷ୍ଠକାଠିନ୍ୟରେ ପୀଡିତ ଲୋକମାନେ କିସମିସ୍ ଭିଜାଇ ଖାଇପାରିବେ । ଏହା ଦ୍ୱାରା ତାଙ୍କର ସମସ୍ୟା ଦୂର ହୋଇପାରିବ । କିସମିସ୍ ଓଜନ ହ୍ରାସ କରିବାରେ ସହାୟକ ହୋଇଥାଏ । ଏହା ବ୍ୟତୀତ ଏଥିରେ ନେଚୁରାଲ୍ ସୁଗାର ରହିଥାଏ, ଯାହା ଓଜନ କମାଇବାରେ ଲାଭଦାୟକ ହୋଇଥାଏ । ରୋଗ ପ୍ରତିରୋଧକ ଶକ୍ତି ବଢାଇବା ସହିତ କିସମିସ୍ ହାଡ ପାଇଁ ମଧ୍ୟ ବହୁତ ଲାଭଦାୟକ ହୋଇଥାଏ ।

# ପ୍ରଥମ ଥର ପାଇଁ ଦେଖିବାକୁ ମିଳିଲା ପ୍ରିୟଙ୍କା ଚୋପ୍ରା ଓ ନିକ୍ ଜୋନାସ୍‌ଙ୍କ ଝିଅ ମାଲତୀ ମ୍ୟାରିର

ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଓ ସ୍ୱାମୀ ନିକ୍ ଜୋନ୍‌ସ ଶେଷରେ ତାଙ୍କ ଝିଅର ଫଟୋକୁ ଦୁନିଆ ମମ୍ମୁଖକୁ ଆଣିଛନ୍ତି । ଜନ୍ମ ହେବା ଦିନରୁ ନିଜ ଝିଅର ଚେହେରାକୁ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମରୁ ଦୂରେଇ ରଖିଥିବା ପ୍ରିୟଙ୍କା ଶେଷରେ ପ୍ରଶଂସକମାନଙ୍କ ଅପେକ୍ଷାର ଅନ୍ତଃ ଘଟାଇଛନ୍ତି । ପ୍ରିୟଙ୍କାଙ୍କ ଝିଅ ମାଲତୀ ମ୍ୟାରିକୁ ୧ ବର୍ଷ ପୂର୍ତ୍ତି ହେବାର ସପ୍ତାହେ ପରେ ସେ ତାଙ୍କର ଫଟୋଗୁଡ଼ିକୁ ସର୍ବସାଧାରଣ କରିଛନ୍ତି । ଜୋନାସ୍ ବ୍ରଦର୍ସଙ୍କର ଏକ ଉତ୍ସବରେ ପ୍ରିୟଙ୍କା ଝିଅ ମାଲତୀ ସହ ଯୋଗ ଦେଇଥିବା ଅବସରରେ ତାଙ୍କ ଫଟୋଗୁଡ଼ିକ ଭାଇରାଲ୍ ହୋଇଛି । ଉତ୍ସବରେ ନିକ୍ ଜୋନାସ୍‌ଙ୍କ ବ୍ୟତୀତ ତାଙ୍କ ଭାଇ କେଭିନ୍, ଜୋୟ ଏବଂ ସେ ଦୁହିଁଙ୍କ ପତ୍ନୀ ବି ନଜର ଆସିଥିଲେ । ଏକ ଗ୍ରୁପ୍ ଫଟୋରେ ସେ ସମସ୍ତେ ଦେଖିବାକୁ ମିଳିଥିଲେ । ଫଟୋରେ ମାଲତୀ ପ୍ରିୟଙ୍କାଙ୍କ କୋଳରେ ବସିଥିବା ଦେଖିବାକୁ ମିଳିଛି । ୨୦୧୮ରେ ବିବାହ କରିଥିବା ପ୍ରିୟଙ୍କା ଏବଂ ନିକ୍ ଜୋନ୍‌ସଙ୍କର ମାଲତୀ ହେଉଛି ପ୍ରଥମ ସନ୍ତାନ । ଗତ ଜାନୁଆରିରେ ମାଲତୀ ଜନ୍ମ ଗ୍ରହଣ କରିଥିବା ବେଳେ ତାଙ୍କ ଜନ୍ମ ହେବା ଖବର ପ୍ରଥମେ ଲୋକଙ୍କୁ ଦେଇଥିଲେ ନିଜେ ପ୍ରିୟଙ୍କା । ସେ ତାଙ୍କ 'ଇନ୍‌ଷ୍ଟାଗ୍ରାମ୍'ରେ ଏକ ପୋଷ୍ଟ କରି ଲେଖିଥିଲେ, 'ସରୋଗେଟ୍' ଜରିଆରେ ସନ୍ତାନଟିଏ ପାଇଥିବା କଥା ସୁନିଶ୍ଚିତ କରି ଆମେ ଆନନ୍ଦରେ ଅଧୀର ହୋଇପଡ଼ିଛୁ । ଏଭଳି ଗୁରୁତ୍ୱପୂର୍ଣ୍ଣ ସମୟରେ ଆମେ ପରିବାର ଉପରେ ଧ୍ୟାନ ନିବଦ୍ଧ କରିଥିବାରୁ ଆମକୁ ଟିକେ ନିରୋଳାରେ ଛାଡ଼ିବାକୁ ସବିନୟ ଅନୁରୋଧ । ଆପଣମାନଙ୍କୁ ଅଶେଷ ଧନ୍ୟବାଦ ।' ନିକ୍ ଜୋନାସ୍ ମଧ୍ୟ ତାଙ୍କ ସୋସିଆଲ୍ ମିଡିଆ ପେଜ୍‌ରେ ଉକ୍ତ ପୋଷ୍ଟ୍‌କୁ ସେୟାହ କରିଥିଲେ ।



# ପର୍ଯ୍ୟଟନ ସ୍ଥଳର ମାନ୍ୟତା ପାଇଲା ଡାବରଚୁଆ ଡ୍ୟାମ



ପାଟଣା ୧୩/୨ (ନି.ପ୍ର): ରାଜ୍ୟ ସରକାର ରାଜ୍ୟରେ ନୂତନ ୨୦ ଟି ସ୍ଥାନ କୁ ପର୍ଯ୍ୟଟନ ସ୍ଥାନ ଘୋଷଣା କରିଛନ୍ତି। ଏଥିରେ କେନ୍ଦୁଝର ଜିଲ୍ଲାର ସର୍ବାଧିକ ୭ଟି ସ୍ଥାନ କୁ ପର୍ଯ୍ୟଟନ କେନ୍ଦ୍ର କରାଯିବାକୁ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଆଇଏଏସ ସମର୍ଥ ବର୍ମା ଜିଲ୍ଲାପାଳ ମାନଙ୍କୁ ଚିଠି କରିଛନ୍ତି। ସୂଚନା ଅନୁଯାୟୀ କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ଖିରେଇଟାଙ୍ଗରି ପଞ୍ଚାୟତ ର ୪୯ ନଂ ଜାତୀୟ ରାଜପଥ ନିକଟ ଡାବରଚୁଆ ଡ୍ୟାମ ସାଇଟର ଉନ୍ନତି କରଣ କରାଯାଇ ଏହାକୁ ଏକ ମନୋରମ ପର୍ଯ୍ୟଟନ ସ୍ଥଳ କରାଯିବ ବୋଲି ସୂଚନା ମିଳିଛି। ସେହିପରି ଜିଲାର ଆନନ୍ଦପୁର ବ୍ଲକ ବୈତରଣୀର ଦରଗୁଡିଶିଳା, ଘଟଗାଁ ବରାହଟିପୁରା ସ୍ଥିତ ନିଳକଣ୍ଠେଶ୍ୱର ମନ୍ଦିର, ବାଂଶପାଳ ବ୍ଲକର କଇଁଝର ଜଳ ପ୍ରପାତ, ଝୁମ୍ପୁରା ବ୍ଲକର କାଇଯୋଡ଼ା ଜଳ ପ୍ରପାତ, ତେଲକୋଇ ର ଟେଣ୍ଟେଇନାଳୀ ଜଳପ୍ରପାତ ଆଦି ସ୍ଥାନକୁ ପର୍ଯ୍ୟଟନ ସ୍ଥଳ କରାଯିବ ବୋଲି ସୂଚନା ମିଳିଛି।

# ଶ୍ରୀ ଶ୍ରୀ ରାମେଶ୍ୱର ଦେବଙ୍କ ପୀଠରେ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ଓ ଶମ୍ଭୁମିଳନ



ବାଲୁଗାଁ , ୧୩/୨ (ନି.ପ୍ର): ଚିଲିକା ବ୍ଲକ ବଡ଼କୁଳ ଅନ୍ତର୍ଗତ ଗବପଦର ବିଜେ ଶ୍ରୀ ଶ୍ରୀ ରାମେଶ୍ୱର ଦେବଙ୍କ ପୀଠରେ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ଓ ଶମ୍ଭୁ ମିଳନ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି।ଦୀର୍ଘ ଚାରି ଦିନ ବ୍ୟାପି ରୁଦ୍ର ମହାଯଜ୍ଞ ଅନୁଷ୍ଠିତ ହୋଇଥିବା ବେଳେ ରବିବାର ଅଧିବାସରେ ଅଙ୍କୁରାରୋପଣ କରାଯାଇଥିବା ବେଳେ ସୋମବାର ଜଳଯାତ୍ରା ସହ ଯଜ୍ଞ ଶାଳା ପ୍ରବେଶ ହୋଇଥିଲା।ମଙ୍ଗଳବାର ପ୍ରାତଃ କାଳରୁ ସୂର୍ଯ୍ୟ ପୂଜା,ଶାଳା ପୂଜା ସହ ଯଜ୍ଞ ଆରମ୍ଭ ହୋଇ ବୁଧବାର ଅପରାହ୍ନରେ ପୂର୍ଣ୍ଣାହୁତି ହୋଇଯାଇଛି।ସମ୍ପୃକ୍ତି ଅଞ୍ଚଳର ଆରାଧ୍ୟ ଠାକୁର ଶ୍ରୀ ଶ୍ରୀ ରାମେଶ୍ୱର ମହାଦେବଙ୍କ ପୀଠରେ ଅନାଦି କାଳରୁ ଆଖପାଖ ଅଞ୍ଚଳର ଗ୍ରାମବାସୀ ଏବଂ ଦାତାଙ୍କ ସହାୟତାରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ବହୁ ଆଡମ୍ବରରେ ବିଶ୍ୱ ଶାନ୍ତି କଲ୍ୟାଣ ନିମନ୍ତେ ରୁଦ୍ର ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି।ରାମେଶ୍ୱର ଦେବଙ୍କ ଅପାର କରୁଣା ତଥା ଅଞ୍ଚଳର ପ୍ରତ୍ୟକ୍ଷ ଶୈବପୀଠ ହୋଇଥିବାରୁ ଆଖପାଖ ଅଞ୍ଚଳର ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା।ପ୍ରତି ଦିନ ନୀତିକାନ୍ତି ଅନୁଯାୟୀ ଯଜ୍ଞ ହେଉଥିବା ବେଳେ ନାନାଦି ବ୍ୟଞ୍ଜନ ପ୍ରସାଦ ଲାଗି ପରେ ସମସ୍ତ ରୀତିନୀତି ସମ୍ପର୍ଣ୍ଣ ସହ ପୂଜା ବିଧି ସାରି ଯଜ୍ଞ ସମାପନ କରାଯାଇଥିଲା।ଭକ୍ତଙ୍କ ନିମିତ୍ତ ପ୍ରତିଦିନ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।ଉଦଯାପନୀ ଅବସରରେ ରାମେଶ୍ୱର ଦେବଙ୍କ ପୀଠରେ ଆଖପାଖ ଅଞ୍ଚଳର ନିମନ୍ତ୍ରିତ ବିଜେ ପ୍ରତିମାଙ୍କ ଶମ୍ଭୁ ମେଳଣ ଅନୁଷ୍ଠିତ ହୋଇଥିଲା।ଏହି ମେଳଣ ପର୍ବରେ ଶ୍ରୀ ଶ୍ରୀ ରାମେଶ୍ୱର ଦେବଙ୍କ ନିମନ୍ତ୍ରଣ କ୍ରମେ ବଡ଼କୁଳ ହରଗୌରୀ ଦେବ,ଚନ୍ଦ୍ରଶେଖର ଦେବ,ମଙ୍ଗଳପୁର ଶ୍ରୀ ଜଗତେଶ୍ୱର ଦେବ,ସୁବୁଦ୍ଧି ପାଟଣା ଜଗତେଶ୍ୱର ଦେବ,ଗବପଦର ବାଙ୍କନିଧି ଦେବ,ଭେଲେରି ଦଧିବାମନ ଦେବଙ୍କ ବିଜେ ପ୍ରତିମା ବିମାନ ମାନ ସାମିଲ ହୋଇଥିଲେ।ମେଳଣ ପଡିଆ ଠାରେ ସୁରୁଖୁରୁରେ ମେଳଣ ପର୍ବ ସରିଥିବା ବେଳେ ଲୋକଙ୍କ ଭିଡ଼କୁ ନିୟନ୍ତ୍ରିତ କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ମନ୍ଦିର ଟ୍ରଷ୍ଟି, କମିଟି ସଦସ୍ୟ ଏବଂ ଆଖପାଖ ଅଞ୍ଚଳବାସୀ ମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ନାବାଳିକା ଛାତ୍ରୀ ନବଜାତକ ଶିଶୁଙ୍କୁ ଜନ୍ମ ଦେଇ ଶୌଚାଳୟ ପ୍ୟାନ୍‌ରେ ଫିଙ୍ଗିଦେଲେ : ତଦନ୍ତ ଅବ୍ୟାହତ

ବାଲିଗୁଡା, ୧୩/୨ (ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଶୌଚାଳୟରୁ ମୃତ ନବଜାତ ଶିଶୁ ଉଦ୍ଧାର ହୋଇଛି। ଜନୈକା ନାବାଳିକା ଛାତ୍ରୀ ନବଜାତକଙ୍କୁ ଜନ୍ମ ଦେଇ ଶୌଚାଳୟ ମଧ୍ୟରେ ଫିଙ୍ଗିଦେଇଥିଲେ ବୋଲି ଚର୍ଚ୍ଚା ହେଉଛି। ଅଗ୍ନିଶମ ବିଭାଗ ପକ୍ଷରୁ ଶୌଚାଳୟ ଭାଙ୍ଗି ମୃତ ନବଜାତକଙ୍କୁ ଉଦ୍ଧାର କରାଯାଇଛି। ତେବେ ସୂଚନା ମୁତାବକ ବୁଧବାର ସକାଳେ ଦାରିଙ୍ଗବାଡ଼ି ଥାନା ଅଞ୍ଚଳର ଜଣେ ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷର ଛାତ୍ରୀଙ୍କ ସ୍ୱାସ୍ଥ୍ୟ ଖରାପ ଥିବାରୁ ପରିବାର ଲୋକଙ୍କ ସହ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ଆଉ ସେ ବହିର୍ବିଭାଗର ପୁରୁଷ ଶୌଚାଳୟକୁ ଯାଇଥିବା ବେଳେ ସେଠି ନବଜାତ ଶିଶୁଙ୍କୁ ଜନ୍ମ ଦେଇଥିଲେ। ତା'ପରେ ନବଜାତ ଶିଶୁଙ୍କୁ ଶୌଚାଳୟର ପ୍ୟାନ୍ ମଧ୍ୟରେ ଫୋପାଡ଼ି ସେଠାରୁ ଛାତ୍ରୀ ଜଣଙ୍କ ଚାଲିଯିବାକୁ ଉଦ୍ୟମ ରଖିଥିବା ବେଳେ ନବଜାତ ଶିଶୁର ମୁଣ୍ଡଟି କିନ୍ତୁ ଶୌଚାଳୟରେ ଫସି ରହିଯାଇଥିଲା। ନା ତାହା ଆଗକୁ ଯାଉଥିଲା ନା ପଛକୁ ଫେରୁଥିଲା। ଏଭଳି ସ୍ଥିତିରେ ଛତ୍ରୀଙ୍କ ମା' ଜାଣିବାକୁ ପାଇ ନବଜାତର ଗୋଡ଼କୁ ଧରି ସେଠି ବସି ରହିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର କର୍ତ୍ତୃପକ୍ଷ ଖବର ପାଇ ଛାତ୍ରୀଙ୍କୁ ପ୍ରସୂତି କକ୍ଷକୁ ନେବା ସହ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ ପହଞ୍ଚି ଶୌଚାଳୟ ଖୋଳି ବାହାର କରିଥିବା ବେଳେ ନବଜାତଙ୍କ ମୃତ୍ୟୁ ହୋଇସାରିଥିବା ଜଣାପଡ଼ିଛି। ତେବେ ଛାତ୍ରୀ ଜଣକ ଅନ୍ୟ ଥାନା ଅଞ୍ଚଳରେ ପଢୁଥିବା ବେଳେ ଗତକାଲି ହିଁ ସେ ନିଜ ଘରକୁ ଆସିଥିଲେ। ଆଜି ସକାଳୁ ଏ ସବୁ ଘଟଣା ଘଟିଛି। ଯାହାକି ସେ ଯେଉଁ ମହାବିଦ୍ୟାଳୟର ଅଧ୍ୟୟନ କରୁଥିଲେ ତାଙ୍କ କାର୍ଯ୍ୟଧାରାଙ୍କୁ ନେଇ ଅନେକ ବିଷୟ ଆଲୋଚନାକୁ ଆସିଛି। ସେପଟେ ସିଡିପିଓ ସନ୍ଧ୍ୟାରାଣୀ ପଣ୍ଡା ଏବଂ ଦାରିଙ୍ଗବାଡ଼ି ପୋଲିସ ମଧ ଖବର ପାଇ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

## ସାହାରପଡା ଫାଣ୍ଡିରେ ନୂତନ ଅଧିକାରୀ

ପାଟଣା ୧୩/୨ (ନି.ପ୍ର):ପାଟଣା ଥାନା ଅଞ୍ଚଳ ସାହାରପଡା ଫାଣ୍ଡି ଅଧିକାରୀ ଭବାନୀ ଶଙ୍କର ବାଦି ଗତମାସ ଅବସର ଗ୍ରହଣ କରିବା ପରେ ଏହି ପଦ ୧୦ ଦିନ ଧରି ଖାଲି ପଡିଥିଲା। ଗତକାଲି ନୂତନ ଫାଣ୍ଡି ଅଧିକାରୀ ଭାବେ ଏସ ଆଇ ପାର୍ଥ ଓରାମ କାର୍ଯ୍ୟ ରେ ଯୋଗ ଦେଇଛନ୍ତି। ଏହା ପୂର୍ବରୁ ସେ ଅନୁଗୁଳ ଜିଲ୍ଲାର ଭଅଁରପୁର ଠାରେ କାର୍ଯ୍ୟ ରତ ଥିଲେ। କାର୍ଯ୍ୟ ରେ ଯୋଗ ଦେବା ପରେ ସେ ଅଞ୍ଚଳ ର ଆଇନ ଶୃଙ୍ଖଳା ରକ୍ଷା ଓ ବେଆଇନ ମଦ କାରବାର ରୋକିବା ଦିଗକୁ ପ୍ରାଥମିକତା ଦେବେ ବୋଲି କହିଛନ୍ତି।

## କୃମି ଔଷଧ ଖାଇ ଛାତ୍ର ଛାତ୍ରୀ ଅସୁସ୍ଥ

ଆଠମଲ୍ଲିକ ୧୩/୨ (ନି.ପ୍ର): କିଶୋର ନଗର ବ୍ଲକ ଅନ୍ତର୍ଗତ ଗାଁ ବଇଣ୍ଠା କରଦାବଣୀ ସରକାରୀ ପ୍ରାଥମିକ ବିଦ୍ୟାଳୟ ରେ ସରକାରଙ୍କ ତରଫରୁ ଆଶାକର୍ମୀ ମାଧ୍ୟମରେ କୃମିନାଶକ ବଟିକା ବଣ୍ଟନ କରାଯାଇଥିଲା।ଏହି କୃମିନଶକ ବଟିକା କୁ ସେବନ କରି ଛାତ୍ର ଛାତ୍ରୀ ଅସୁସ୍ଥ ହୋଇ ପଡିଥିଲେ ।ତାଙ୍କୁ ଚିକିତ୍ସା ପାଇଁ ବଇଣ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ନିଆଯାଇଥିଲା ।ଚିକିତ୍ସା ପରେ ପ୍ରାୟ ଛାତ୍ର ଛାତ୍ରୀ ସୁସ୍ଥ ଅନୁଭବ କରୁଥିବା ପ୍ରକାଶ କରିଛନ୍ତି।

## ରେସନ୍ କାର୍ଡ ଲାଗି ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି ଗଣନାଥ



ପାଟଣା ୧୩/୨ (ନି.ପ୍ର): ଗରିବ ଲୋକଙ୍କ ଆଶ୍ରା ଏବେ ରେସନ୍ କାର୍ଡ । ଏହା ଦ୍ୱାରା ସେମାନେ ଚାଉଳ ପାଇବା ସହ ବଞ୍ଚି ଯାଉଛନ୍ତି। ତେବେ ପାଟଣା ବ୍ଲକ ଅନ୍ତର୍ଗତ କଣ୍ଟିଆପଡ଼ା ପଞ୍ଚାୟତର ପୁରୁଣିଆ ଗ୍ରାମର ଗରିବ ଗଣନାଥ ମହାନ୍ତ ଏବେ ଏହି କାର୍ଡ ପାଇବାକୁ ନାନା ହଇରାଣ ହେଉଛନ୍ତି।ସରପଞ୍ଚ ଠାରୁ ଆରମ୍ଭ କରି ନେତା ମାନେ ତାଙ୍କୁ କାର୍ଡ ମିଳିବ କହି ୫ ବର୍ଷ ହେବ ଦୌଡ଼ାଇ ଖର୍ଚ୍ଚାନ୍ତ କଲେଣି । ତଥାପି ତାଙ୍କୁ ରେସନ କାର୍ଡ ମିଳିପାରୁ ନାହିଁ। ବ୍ଲକ ଅଫିସ କର୍ତ୍ତୃପକ୍ଷ ସବୁ ଜାଣି ମଧ ତାଙ୍କୁ କିଛି ସାହାଯ୍ୟ କରୁ ନାହାନ୍ତି। ଗଣନାଥଙ୍କୁ ତୁରନ୍ତ ରେସନ୍ କାର୍ଡ ଯୋଗାଇ ଦେବାକୁ ଦାବି ହୋଇଛି।

## ମୁକ୍ତାକାଶ ବ୍ୟାୟାମ କେନ୍ଦ୍ର ଉଦଘାଟିତ

ବେଲଗୁଣ୍ଠା ୧୩/୨ (ନି.ପ୍ର): ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ଗୋବରା ପଞ୍ଚାୟତ ଅଧିନସ୍ଥ ବିରିପୁର ଗ୍ରାମରେ ଜିଲ୍ଲା ପରିଷଦ ସଭ୍ୟ ଙ୍କ ଅନୁଦାନରେ ୧୦ଲକ୍ଷ୍ୟ ଟଙ୍କାରେ ନିର୍ମିତ ହୋଇଥିବା ମୁକ୍ତାକାଶ ବ୍ୟାୟାମ କେନ୍ଦ୍ରକୁ ଜିଲ୍ଲା ପରିଷଦ ସଭ୍ୟା ପୂର୍ଣ୍ଣବାସୀ ନାୟକ ଉଦଘାଟନ କରିଥିଲେ । ଏଥିରେ ଅନ୍ୟତମ ଅତିଥିଭାବେ ଗୋବରା ସରପଞ୍ଚ ସୁପ୍ରଭା ନାୟକ, ସମିତିସଭ୍ୟ ବିଭୂପାଦ ଜେନା, ନାଏବ ସରପଞ୍ଚ କାର୍ତ୍ତିକ ପ୍ରଧାନ ପ୍ରମୁଖ ଯୋଗ ଦେଇଥିବା ବେଳେ ପୂର୍ବତନ ସରପଞ୍ଚ ଚନ୍ଦ୍ରଶେଖର ନାୟକ, ପୂର୍ବତନ ସମିତିସଭ୍ୟ ରାମେଶ୍ୱର ରାଉତ, ସୁରେନ୍ଦ୍ର ଦାଶ ଦିଲ୍ଲୀପ କୁମାର ରାଜୁ,ନାରାୟଣ ଗୌଡ଼, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଅମିତ ନାୟକ, ୱାର୍ଡ ମେମ୍ବର ସଞ୍ଜୟ ବାରିକ, ସମବାୟ ସମିତି ସଭାପତି ରଙ୍କନିଧି ସ୍ୱାଇଁ, ଯୁବ ସମାଜସେବୀ ନାରାୟଣ ପାତ୍ର ଓ ଜଳନ୍ଧର ନାୟକ ଙ୍କ ସମେତ ଅଞ୍ଚଳର ବହୁ ମାନ୍ୟଗଣ ବ୍ୟକ୍ତି ଯୋଗଦେଇଥିଲେ। ଏହି ବ୍ୟାୟାମ କେନ୍ଦ୍ର ଗୋବରା ପଞ୍ଚାୟତର ଢେଙ୍ଗାପଦର ଓ ବିରିପୁର ମଝିରେ ହନୁମାନ ମନ୍ଦିର ନିକଟରେ ରହିଥିବାରୁ ଉଭୟ ଗ୍ରାମର ଗ୍ରାମବାସୀ ଉପକୃତ ହୋଇପାରିବେ।

## ଚିଚିଣ୍ଡାରେ ସର୍ମପଣ ଦିବସ,ଯୋଗଦେଲେ ବିଧାୟକ

ଅତାବିରା ୧୩/୨ (ନି.ପ୍ର): ଭାରତୀୟ ଜନତା ପାର୍ଟି ର କେନ୍ଦ୍ର ଓ ରାଜ୍ୟ ନେତୃତ୍ୱ ଙ୍କ ନିର୍ଦ୍ଦେଶ କ୍ରମେ ଆଜି ଅତାବିରା ନିର୍ବାଚନ ମଣ୍ଡଳୀ ଭେଡେନ ବ୍ଲକ ସଂକ୍ରିଡା ମଣ୍ଡଳ ଅଧିନ ଚିଚିଣ୍ଡା କଲ୍ୟାଣ ମଣ୍ଡପରେ ସଂକ୍ରିଡା ମଣ୍ଡଳ ସଭାପତି ଖିରେଶ ମହାକୁର ଙ୍କ ସଭାପତିତ୍ୱରେ ସର୍ମପଣ ଦିବସ, ପାଳନ କରାଯାଇଛି ।ଏଥିରେ ବିଧାୟକ ନିହାର ରଞ୍ଜନ ମହାନନ୍ଦ,ମଣ୍ଡଳ ସଭାପତି ଧନେଶ୍ୱର ପାଢ଼ୀ, ବଜରଂଗ ମଲ୍ଲିକ ,ଆଶୁତୋଷ ପାଣିଗ୍ରାହୀ, ଲିଙ୍କନ ହୋତା,ଲିଟୁନ ପଣ୍ଡା,ସୁବୋଧ ପଧାନ, ଭୀମସେନ ମଲ୍ଲିକ,ସ୍ୱାଧିନ ରଥଭାରତୀୟ ଜନତା ପାର୍ଟିର କେନ୍ଦ୍ର ଓ ରାଜ୍ୟ ନେତୃତ୍ୱ ବୃନ୍ଦ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଜଂଳୀ ପ୍ରଧାନ କରିଥିଲେ ।ବିଧାୟକ ନିହାରରଂଜନ ମହାନନ୍ଦ ପଣ୍ଡିତ ଦୀନ ଦୟାଲଙ୍କ ବାବଦରେ ଉଦବୋଧନ ଦେଇଥିଲେ ।

## 'ଘୁମୁସର ର ସ୍ୱର' ପକ୍ଷରୁ ୧୪୬ତମ ସାହିତ୍ୟ ଆଲୋଚନା ଚକ୍ର



ପୋଲସରା ୧୩/୨ (ନି.ପ୍ର): ପ୍ରାଚୀନ ଆଠଗଡ ରାଜ୍ୟର ଅଷ୍ଟଶମ୍ଭୁ ପୀଠ ଜିଲୁଣ୍ଡା ଗ୍ରାମର ମହାଲିଙ୍ଗେଶ୍ୱର ପ୍ରାଙ୍ଗଣରେ ପବିତ୍ର ମାଘ ପୂର୍ଣ୍ଣିମା ଦିନ ଓଡ଼ିଆ ଭାଷା, ସାହିତ୍ୟ, କଳା ଓ ସଂସ୍କୃତି ଗବେଷଣା ପ୍ରତିଷ୍ଠାନ 'ଘୁମୁସର ର ସ୍ୱର', ବାଲିପଦର ପକ୍ଷରୁ ୧୪୬ତମ ପୂର୍ଣ୍ଣିମା ସାହିତ୍ୟ ଆଲୋଚନା ଚକ୍ର ସଭାପତି ଡକ୍ଟର. ବି. ପ୍ରକାଶ ଚନ୍ଦ୍ର ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାହିତ୍ୟିକ କବି ଅନନ୍ତ କର ଯୋଗଦେଇ ଆଠଗଡ ମାଟିର ଐତିହ୍ୟ ସଂସ୍କୃତି ଓ କବି ପ୍ରତିଭା ସଂମ୍ପର୍କରେ ଆଲୋଚନା କରିଥିବାବେଳେ ଅନ୍ୟ ତମ ଅତିଥି ଭାବେ ପଞ୍ଚସଖା ସାହିତ୍ୟ ସାଧକ ସର୍ଦ୍ଦାର ଲିଙ୍ଗରାଜ ଦାସ, କବି ସୌଦାମିନୀ ମିଶ୍ର, ପ୍ରଶାନ୍ତ ନନ୍ଦ, ଧନେଶ୍ୱର ଜେନା ପ୍ରମୁଖ ଯୋଗଦେଇ ଆଠଗଡ ମାଟିର ଗୌରବ ସମ୍ପର୍କରେ ଆଲୋଚନା କରଥିଲେ। କବି ରାଇ ରଞ୍ଜନ ନନ୍ଦ ସଂଯୋଜନା କରିଥିବା ବେଳେ ସମାଜସେବୀ ଖଲି ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ପାଣି ପାଇଁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ମହିଳା ପାଣି ଆସିବା ପରେ ଧାରଣାରୁ ଉଠିଲେ



ପାତ୍ରପୁର ୧୩/୨ (ନି.ପ୍ର): ଏହି ବ୍ଲକ ହେଡ୍‌କ୍ୱାଟର ଗ୍ରାମ ଗୁରୁସେଠୀ ସାହିକୁ ପ୍ରାୟ ୨୦ ଦିନ ହେଲା ପାଣି ଯାଉନଥିବାରୁ ସପ୍ତାହକ ତଳେ ସାହି ମହିଳା ମାନେ ସାହି ନିକଟ ବ୍ଲକ କାର୍ଯ୍ୟାଳୟ ଯିବା ରାସ୍ତାରେ ବସି ଧାରଣା ଦେଇଥିଲେ । ସେଠାକୁ ପ୍ରଶାସନିକ ଅଧିକାରୀ ମାନେ ପହଞ୍ଚି ଗତକାଲି ଅର୍ଥାତ୍ ସୋମବାର ସୁଦ୍ଧା ପାଣି ପହଞ୍ଚିବ ବୋଲି କଥା ରଖିଥିଲେ ହେଲେ ସୋମବାର ପାଣି ପହଞ୍ଚିନଥିବାରୁ ଆଜି ବ୍ଲକ ଫାଟକରେ ମହିଳା ମାନେ ଧାରଣାରେ ବସି ରହିଥିଲେ ପରେ ଅତିରିକ୍ତ ତହସିଲଦାର ଦିଲୀପ କୁମାର ଦେହୁରୀ, ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ ରୋବର୍ଟ ପ୍ରଧାନ ପ୍ରମୁଖଙ୍କ ସହ ବ୍ଲକ କର୍ମଚାରୀ ଉପସ୍ଥିତ ରହି ବୁଝାସୁଝା କରାଇଥିଲେ ମଧ ମହିଳା ମାନେ ଉଠି ନଥିଲେ ସାହିରେ ପାଣି ପହଞ୍ଚିଲେ ଉଠିବୁ ବୋଲି ଅଡ଼ି ବସିଥିଲେ ପରେ ପାଣି ସାହିକୁ ପହଞ୍ଚିଥିଲା ଓ ମହିଳା ମାନେ ଧାରଣାରୁ ଉଠିଥିଲେ । ଏନେଇ ଜଳ ଯୋଗାଣ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ରୋବର୍ଟ ପ୍ରଧାନଙ୍କ ସହ ଯୋଗାଯୋଗ କରିବାରୁ ନଦୀ ନିକଟରେ ରାସ୍ତା ମରାମତି ଯୋଗୁଁ ପାଣି ଆସିପାରୁନଥିଲା ଯଦ୍ୱାରା ଉକ୍ତ ସାହିକୁ ପାଣି ପହଞ୍ଚି ପାରୁ ନଥିଲା ।

## 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନାର ସଫଳ ରୂପାୟନ ପାଇଁ ପ୍ରଶିକ୍ଷଣ ଶିବିର



ବୁଗୁଡା ୧୩/୨ (ନି.ପ୍ର): ରାଜ୍ୟ ସରକାରଙ୍କ ବିକଶିତ ଗାଁ, ବିକଶିତ ଓଡିଶା ଯୋଜନାର ସଫଳ ରୂପାୟନ ପାଇଁ ଗଞ୍ଜାମ ଜିଲ୍ଲାର ବୁଗୁଡା ବ୍ଲକର ଜିଲ୍ଲା ପରିଷଦ ମେମ୍ବର, ସମିତି ମେମ୍ବର ଓ ସରପଞ୍ଚ ବୃନ୍ଦଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଫେବୃୟାରୀ ୧୧ ତାରିଖ ଦିନ ବୁଗୁଡା ବ୍ଲକର ବିଡ଼ିଓ ଦୁତିକୃଷ୍ଣ ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିରରେ ବ୍ଲକ ଅଧକ୍ଷା କେ.ପ୍ରିୟଦର୍ଶନୀ ଆଚାରୀ, ଉପାଧକ୍ଷ ମାନସ ରଞ୍ଜନ ପ୍ରଧାନ, ୪୨ ନଂ ଜିଲ୍ଲା ପରିଷଦ ମେମ୍ବର ଗଙ୍ଗପାଣି ଜେନା, ସହକାରୀ ଯନ୍ତ୍ରୀ ସୁରେନ୍ଦ୍ର ନାଥ ନାୟକ, ଜିପିଓ ଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ମେମ୍ବର ବୃନ୍ଦ ଯୋଗ ଦେଇଥିଲେ। ବିଡ଼ିଓ ଶ୍ରୀ ପାତ୍ର ଓ ସହକାରୀ ଯନ୍ତ୍ରୀ ଶ୍ରୀ ନାୟକ ' ବିକଶିତ ଗାଁ, ବିକଶିତ ଓଡିଶା' ଯୋଜନା ସଫଳତା ପାଇଁ ୫ ବର୍ଷୀୟା କାର୍ଯ୍ୟକ୍ରମ ବିଷୟରେ ବୁଝାଇ ଥିଲେ। ପାଞ୍ଚ ବର୍ଷ ପାଇଁ ଏହି ଯୋଜନାରେ ବାର୍ଷିକ ଏକ କୋଟି ଟଙ୍କା ହିସାବରେ ପାଞ୍ଚ କୋଟି ଟଙ୍କାର ଅର୍ଥ କିପରି ଖର୍ଚ୍ଚ କରାଯିବ ପଞ୍ଚାୟତ ଲୋକ ପ୍ରତିନିଧିମାନଙ୍କୁ ପ୍ରଞ୍ଜାଳ ଭାବେ ବୁଝାଯାଇଥିଲା।

## ନିଷ୍ଠା ପରିବାର ପୁତୁରୁ ପାଲି ଛକ ରେ ରକ୍ତ ଦାନ ଶିବିର, ୩୨ ୟୁନିଟ ରକ୍ତ ସଂଗୃହୀତ



ବରପାଲି ୧୩/୨ (ନି.ପ୍ର): ବରଗଡ଼ ଜିଲ୍ଲା ବରପାଲି ବ୍ଲକ ଅନ୍ତର୍ଗତ ବାଗବାଡି ଗ୍ରାମ ପଞ୍ଚାୟତ ପୁଟୁରୁ ପାଲି ଛକ ରେ ପୁଟୁରୁ ପାଲି ଗ୍ରାମବାସୀ ଓ ନିଷ୍ଠା ପରିବାର ର ମିଳିତ ଆନୁକୂଲ୍ୟରେ ନିଷ୍ଠା ପରିବାର ର ରେଡ ଡ୍ରପ ମାରାଥନର ତେୟାଳିଶ (୪୩) ଦିନରେ ଏକ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିର କୁ ବାଗବାଡି ସରପଞ୍ଚ ସୁଷମା ଭୋଇ, ବରପାଲି ଜୋନ-୧ ର ଜିଲ୍ଲା ପରିଷଦ ଶ୍ରୀ ଗୋବିନ୍ଦ ସାହୁ, ଶ୍ରୀ ମୁକେଶ ଭୋଇ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଫିତା କାଟି ଶିବିରର ଶୁଭାରମ୍ଭ କରିଥିଲେ ।ଏହି ଶିବିର ରୁ ସର୍ବମୋଟ ୩୨ୟୁନିଟ ରକ୍ତ ବରଗଡ଼ ରକ୍ତ ଭଣ୍ଡାର ଦ୍ୱାରା ସଂଗୃହୀତ ହୋଇ ଥିଲା। ତିନି ଯୋଡା ଦମ୍ପତ୍ତି ଙ୍କ ସମେତ ଅନେକ ରକ୍ତ ଦାତା ଉତ୍ସାହ ର ସହିତ ରକ୍ତ ଦାନ କରିଥିଲେ ।ଏହି ଶିବିର କୁ ପୁଟୁରୁ ପାଲି ଗ୍ରାମବାସୀ ଓ ନିଷ୍ଠା ପରିବାର ର ସମସ୍ତ ସଦସ୍ୟ ସଦସ୍ୟା ମାନେ ସୁପରିଚାଳନା କରିଥିଲେ ।ସମସ୍ତ ରକ୍ତଦାତା,ଶୁଭେଚ୍ଛୁ ,ସହଯୋଗୀ ବିଶେଷ କରି ମୁକେଶ ଭୋଇ ଙ୍କୁ ନିଷ୍ଠା ପରିବାର ତରଫ ରୁ ବହୁତ ବହୁତ ଧନ୍ୟବାଦ।

## ମଲ୍ଲୀପଶି ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଜାତୀୟ ଗୁଣବତ୍ତା ମାନ ପରୀକ୍ଷା, ଯୋଗଦେଲେ ଆନ୍ତଃରାଜ୍ୟ ଚିକିତ୍ସକ

ପାଟଣା ୧୩/୨ (ନି.ପ୍ର): ପାଟଣା ବ୍ଲକ ଅନ୍ତର୍ଗତ ମଲ୍ଲୀପଶି ସ୍ୱାସ୍ଥ୍ୟ ଉପକେନ୍ଦ୍ର ଓ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଆଜି ଜାତୀୟ ଗୁଣବତ୍ତା ମାନ ପରୀକ୍ଷା କାର୍ଯ୍ୟକ୍ରମ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଆନ୍ତଃରାଜ୍ୟ ଚିକିତ୍ସକ ଙ୍କ ଉପସ୍ଥିତି ରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଉତ୍ତରପ୍ରଦେଶର ଡକ୍ଟର ଶୁଭେନ୍ଦ୍ର ବିକ୍ରମ ସିଂହ ଓ ବିହାର ର ଡାକ୍ତର ସନ୍ଧ୍ୟା ସିଂହ ଯୋଗ ଦେଇଥିଲେ। ଆଭାସି କାର୍ଯ୍ୟକ୍ରମ ମାଧ୍ୟମରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମ ରେ ଯୋଗାଇ ଦେଇଥିବା ସେବା, ରୋଗୀ ଅଧିକାର, ଯୋଗାଣ, ସହାୟକ ସେବା, ଚିକିତ୍ସା ସେବା, ସଂକ୍ରମଣ ପ୍ରତିରୋଧ, ଗୁଣବତ୍ତା ଅନ୍ତକରଣ, ଫଳାଫଳ ଆଦି ୧୨ ପ୍ରସଙ୍ଗ ସେବା ଉପରେ ଗୁରୁତ୍ୱ ଦିଆ ଯାଇଥିଲା। ଏଥିରେ ଡାକ୍ତର ଶୁଭେନ୍ଦୁ ସାଗର କୁମାର ନାଏକଙ୍କ ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଡାକ୍ତର ହିମାଂଶୁ ସାହୁ , ଡାକ୍ତର ଅଭିଷେକ ଷଡଙ୍ଗୀ, ଡାକ୍ତର ଲକ୍ଷ୍ମଣ ରାଉଳ ଓ ପବିତ୍ର ମହାପାତ୍ର ପ୍ରମୁଖ ଅଧିକାରୀ ମାନଙ୍କ ସହ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ପିଏଚଇଓ ସରୋଜିନୀ ସେଠୀ, ବିପିଏମ ଦୀପକ କୁମାର ନାୟକ, ଭିବିଟିଡିଏସ ଜଗନ୍ନାଥ ସାହୁ, ଏସଟିଏସ ତପନ କୁମାର ଜେନା ଙ୍କ ସହିତ ବିଭିନ୍ନ ସ୍ୱାସ୍ଥ୍ୟ ଉପକେନ୍ଦ୍ର ରୁ ସ୍ୱାସ୍ଥ୍ୟ କର୍ମୀ କବିତା ରାଉତ, ଶକ୍ତିମୟୀ ରଣା ଓ ରାଜକିଶୋର ଜେନା ପ୍ରମୁଖ ଯୋଗ ଦେଇଥିଲେ।

# ବିଜେପି ପାଳିଲା ସମପର୍ଣ ଦିବସ



ନନ୍ଦାହାଣ୍ଡି ୧୩/୨ (ନି.ପ୍ର): ନନ୍ଦାହାଣ୍ଡି ବ୍ଲକ ଡଙ୍ଗରଭେଜା ମଣ୍ଡଳ ଅର୍ଥାତ୍ ଜିଲ୍ଲା ପରିଷଦ ଜୋନ -୨ ପକ୍ଷରୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟ ତିଥି ଅବସରରେ ଦହଣା ପଞ୍ଚାୟତ ଅନ୍ତର୍ଗତ ପଖନା ଗୁଡା ଠାରେ ସମର୍ପଣ ଦିବସ ପାଳିତ ହୋଇଯାଇଛି । ଫେବୃଆରି ୧୦ ତାରିଖ ସ୍ୱର୍ଗତଃ ଦୀନଦୟାଲ ଉପାଧ୍ୟାୟଙ୍କ ତିରୋଧାନ ହୋଇଥିବା ବେଳେ ୧୦, ୧୧ ଓ ୧୨ ତାରିଖକୁ ସମର୍ପଣ ଦିବସ ରୂପେ ଦେଶ ବ୍ୟାପୀ ବିଜେପି ପାଳନ କରୁଛି । ଜନସଂଘ ରାଜନୈତିକ ଦଳର ରାଷ୍ଟ୍ରୀୟ ସଂପାଦକ ଦାୟିତ୍ୱ ଗ୍ରହଣ ପରେ ଦେଶବାସୀଙ୍କ ପାଇଁ ଏକାତ୍ମ ମାନବବାଦ ଚିନ୍ତନ କରି ଦେଶ ଓ ବିଦେଶରେ ପ୍ରଶଂସିତ ହୋଇଥିଲେ । ଭାରତୀୟ ଜନତା ପାର୍ଟିର କର୍ମକର୍ତ୍ତା ତଥା ଜନସାଧାରଣ ମଧ ସମର୍ପଣ ଦିବସ ଅବସରରେ ମୁକ୍ତ ହସ୍ତରେ ଅର୍ଥ ଦାନ କରିଥିଲେ । ସମସ୍ତ ଅର୍ଥ ରାଶି କେବଳ ଡିଜିଟାଲ ପେମେଣ୍ଟ ମାଧ୍ୟମରେ ଗ୍ରହଣ କରାଯାଇଥିଲା । କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ଭାବଗ୍ରାହୀ ବେନ୍ୟା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ବକ୍ତା ଭାବେ ଜିଲ୍ଲା ସାଧାରଣ ସମ୍ପାଦକ ଦେବଦାସ ମହାଙ୍କୁଡ ଯୋଗ ଦେଇଥିଲେ । ସମ୍ମାନୀତ ଅତିଥି ରୂପେ ବ୍ଲକ ସାଂସଦ ପ୍ରତିନିଧି ଜାନକୀ କାନ୍ତ ବିଷୋୟୀ, ଜିଲ୍ଲା ଉପସଭାପତି ସନାତନ ତ୍ରିପାଠୀ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଦେବୀ ପ୍ରସାଦ ମହାପାତ୍ର, ପୂର୍ବତନ ମଣ୍ଡଳ ସଭାପତି କୃଷ୍ଣ ଚନ୍ଦ୍ର ନାୟକ ତଥା ମଣ୍ଡଳର କାର୍ଯ୍ୟ କର୍ତ୍ତା ଉପସ୍ଥିତ ରହି ଥିଲେ ।

## ଜୈବିକ ଚାଷୀ ବଳଦେବ ଭୋଇ ମୃତ୍ୟୁପରେ ସମ୍ପୂର୍ଣ୍ଣ ଅଙ୍ଗଦାନ ପାଇଁ କଲେ ପଞ୍ଜିକରଣ

ଭବାନୀପାଟଣା ୧୩/୨ (ନି.ପ୍ର): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଗଜବାହଲ ପଞ୍ଚାୟତ ଅନ୍ତର୍ଗତ ଧଅଁରାଖମନ ଗାଁର ଜୈବିକ ଚାଷୀ ବଳଦେବ ଭୋଇ ବୟସ ୪୨ ମୁତ୍ୟୁ ପରେ ସଂପୂର୍ଣ ଅଙ୍ଗଦାନ କରିବାକୁ ଇଛା ପ୍ରକାଶ କରି ନାମ ପଞ୍ଜୀକରଣ କରାଇଛନ୍ତି। ତାଙ୍କର ଏହି ମହତ ଉଦ୍ଦେଶ୍ୟ ପାଇଁ ତାଙ୍କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି। ବଳଦେବ ଭୋଇ ଜଣେ ସଫଳ ଜୈବିକ ଚାଷୀ ଭାବେ ଅଞ୍ଚଳରେ ବେଶ୍ ସୁନାମ ଅର୍ଜନ କରିଛନ୍ତି। ଜୈବିକ ଓ ପ୍ରାକୃତିକ ପଦ୍ଧତିରେ ଚାଷ କରିବା, ଜୈବିକ କୃଷି ବିଷୟରେ ଗାଁ ଗାଁ ଯାଇ ତାଲିମ ପ୍ରଦାନ କରିବା, ଜୈବିକ ଖତ ପ୍ରସ୍ତୁତ କରିବା ସହ ବିକ୍ରି କରିବା, ଜୈବିକ ପଦ୍ଧତି ପନିପରିବା ଚାଷ ଓ ବିକ୍ରୟ ତଥା ବିଭିନ୍ନ ସମୟରେ ନିଃଶୁଳ୍କରେ ନିୟମିତ ଭାବେ ଆବଶ୍ୟକ ଥିବା ଲୋକ ମାନଙ୍କୁ ରକ୍ତ ଦାନ ମଧ ଦେଇଥାନ୍ତି। ସେ ବିଗତ ଦିନରେ ଦିଲ୍ଲୀ ଠାରେ ଜୈବିକ ଚାଷୀ ଭାବର, ବ୍ଲକ୍ ସ୍ତରରେ ଅନ୍ୟ ଅନୁଷ୍ଠାନ ମାନଙ୍କ ଠାରୁ ଜୈବିକ ଓ ଅଗ୍ରଣୀ ଚାଷୀ ଭାବରେ ସମ୍ମାନିତ ହୋଇଛନ୍ତି।



## ମହାଧନ ଏଗ୍ରିଟେକ ଲିମିଟେଡ଼୍ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର

ବୁଗୁଡା ୧୩/୨ (ନି.ପ୍ର): ମହାଧନ ଏଗ୍ରିଟେକ ଲିମିଟେଡ଼୍ ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟ ସେବା ଓ ସଚେତନତା ଶିବିର ଏମ କେ ସି ଜି ମେଡିକାଲ କଲେଜ ଏଣ୍ଡ ହସପିଟାଲର ପ୍ରସିଦ୍ଧ ଡାକ୍ତରଙ୍କ ଦ୍ୱାରା କାଳିପଲି ଗ୍ରାମରେ ଗତ ରବିବାର ଦିନ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦୩ ଜଣ ରୋଗୀଙ୍କ ମେଡିସନ ବିଶେଷଜ୍ଞ, ଏଣ୍ଡୋକୋଲୋଜିଷ୍ଟ ବିଶେଷଜ୍ଞ, ସ୍ତ୍ରୀ ରୋଗ ଓ ପ୍ରସୂତୀ ବିଶେଷଜ୍ଞ ଓ ଦାନ୍ତ ରୋଗ ବିଶେଷଜ୍ଞ ଡାକ୍ତର ବୃନ୍ଦ ଯୋଗଦେଇ ମାଗଣା ଚିକିତ୍ସା କରିବା ସହ ଔଷଧ ବିତରଣ କରିଥିଲେ। ସ୍ଥାନୀୟ ସରପଞ୍ଚ, କାଳିପଲି ଗ୍ରାମ ସଭାପତି ଓ ଯୁବକମାନେ ପରିଚାଳନାରେ ସହଯୋଗ କରିବା ସହ ଚକ୍ଷୁ ଚିକିତ୍ସା ଶିବିର ଓ ରକ୍ତ ଦାନ ଶିବିର ଆୟୋଜନ କରିବା ନିମନ୍ତେ ଅନୁରୋଧ କରିଥିଲେ।

## ଦିଆ ମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ

ନୂଆପଡ଼ା ୧୩/୨ (ନି.ପ୍ର): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ ଦିଆମୁଣ୍ଡ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ଅଧ୍ୟୟନ ରତ ଛାତ୍ର ଛାତ୍ରୀ ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଏହି ପରୀକ୍ଷା ରେ ୧୦୦ ରୁ ଅଧିକ ଜଣ ଛାତ୍ର ଛାତ୍ରୀ ଙ୍କୁ ଭେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର(ଜଇଝକ) ତରଫ ରୁ ଡକ୍ଟର ଅଜିତ ଭୋଇ , ଡକ୍ଟର ସୋନାଲି ପ୍ରିୟଦର୍ଶିନୀ ନାୟକ , ଓ ଏ ନ ଏମ ଆସମତି ରାଉତ । ସ୍ୱାସ୍ଥ୍ୟ ପରୀକ୍ଷା କରି ଆବଶ୍ୟକ ଅନୁଯାୟୀ ଔଷଧ ଦେଇ ଖାଇବା କୁ ପରାମଶ ଦେଇ ଥିଲେ ।

# ପୋତି ହୋଇଛି ଡ୍ରେନ୍ ରାସ୍ତାରେ ମଇଳା ପାଣି



କର୍ଲାମୁଣ୍ଡା **୧୩/୨ (ନି.ପ୍ର):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ତେରେସିଂହା ସ୍ଥିତ ମୁଖ୍ୟ ଯାଗା ଜଗନ୍ନାଥ ମନ୍ଦିର ସମ୍ମୁଖରେ ପରିମଳ ବ୍ୟବସ୍ଥା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି । କେତେକ ସ୍ଥାନରେ ଡ୍ରେନ ସଫାହେଉ ନ ଥିବାବେଳେ ଆଉ କେଉଁଠି ଅନାବନା ଗଛ ଉଠି ପୋତିହୋଇଗଲାଣି ଫଳରେ ଅଦିନିଆ ବର୍ଷାରେ ଡ୍ରେନ୍ ରେ ପାଣି ଯାଇ ନ ପାରି ରାସ୍ତାରେ ଚାଲୁଛି । ବର୍ଷା ଛାଡିଯିବା ପରେ ରାସ୍ତାରେ କୁଡ଼ କୁଡ଼ ଅଳିଆ ଆବର୍ଜ୍ଜନା ଡ୍ରେନେଜ ସମସ୍ୟା ଲାଗିରହିଛି । ତେରେ ସିଂହା ଜଗନ୍ନାଥ ମନ୍ଦିର ମୁଖ୍ୟରାସ୍ତା ସମେତ ଅନେକ ପଡ଼ା ନିକଟ ଘରଗୁଡିକରେ ଆବର୍ଜନା ପାଣି ପଶୁଛି । ଏପରି ସ୍ଥିତିରେ ଅଳିଆ ଆବର୍ଜନା ରାସ୍ତାରେ ପଡି ମଶାମାଛିଙ୍କ ପ୍ରାଦୁର୍ଭାବ ବଢ଼ିବା ସହ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରିଛି । କେତେକ ସ୍ଥାନରେ ଲୋକେ ଘରର ଅଳିଆ ଆବର୍ଜନା ଡ୍ରେନ୍ ରେ ପକାଇବା ପୋତିହେବାର କାରଣ ବୋଲି କୁହାଯାଉଛି । ଏସଂପର୍କରେ ସରପଞ୍ଚ ପୋମଦ ସୁନା,ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବାଷ ସାହୁ ଙ୍କୁ ପଚାରିବାରୁ ଏହି ସମସ୍ୟା ସମାଧାନ ନେଇ ଯୋଜନା ରହିଛି ।ଓ ଖୁବଶିଘ୍ର କାମ ତ୍ୱରାନ୍ୱିତ କରାଯିବ ବୋଲି କହିଥିଲେ ।

# ଭେଡେନ ଥାନାରେ ଯୋଗଦେଲେ ନୂତନ ଥାନା ଅଧିକାରୀ

ଭେଡେନ **୧୩/୨ (ନି.ପ୍ର):** ବରଗଡ ଜିଲା ଅଧିନ ଭେଡେନ ଥାନାରେ ନୂତନ ଥାନା ଅଧିକାରୀ ଭାବେ ଶୁସାନ୍ତ କୁମାର ଦାଶ ଯୋଗଦେଇଛନ୍ତି ।ପୂର୍ବରୁ ଶୁସାନ୍ତ କୁମାର ଦାଶ ବରଗଡ ଟାଉନ ଥାନା,ବୁର୍ଲା ଥାନା,ସମ୍ବଲପୁର ଜିଲା ଜମନକିରା,ମହୁଲପାଲି ଥାନା, ବରେଇପାଲି ଥାନା,ବଲାଂଗିର ଜିଲା ବେଲପଡା ଥାନା ତଥା ଆହୁରି ଅନେକ ଥାନାରେ ନିଜର କାର୍ଯ୍ୟ ସୁଚାରୁଭାବେ ତୁଲାଇ ଆସି ଜନସାଧାରଣଙ୍କ ପ୍ରିୟଭାଜନ ହୋଇପାରିଛନ୍ତି ।ଲୋକଙ୍କ ସହଯୋଗରେ ଭେଡେନ ଥାନା ଅଂଚଳରେ ଶାନ୍ତିଶୃଂଖଳା ବଜାଇ ରଖିବା ପାଇଁ ଚେଷ୍ଟା କରିବି ବୋଲି ନୂନତ ଥାନା ଅଧିକାରୀ ଶ୍ରୀଯୁକ୍ତ ଦାଶ ମତପ୍ରକାଶ କରିଛନ୍ତି ।ଭେଡେନ ଥାନାରେ ଯୋଗଦେଲେ ନୂତନ ଥାନା ଅଧିକାରୀ।

# ବିଜେପି ତରଫ ରୁ ଦିନ ଦୟାଲ ଉପାଧ୍ୟାୟ ଙ୍କ ଜୟନ୍ତୀ ପାଳିତ

ଆଠମଲ୍ଲିକ **୧୩/୨ (ନି.ପ୍ର):** ଭାରତୀୟ ଜନ ସଙ୍ଘ ର ପ୍ରତିଷ୍ଠାତା ସଦସ୍ୟ ଓ ଏହାର ପୂର୍ବତନ ରାଷ୍ଟ୍ରୀୟ ସଭାପତି ମାର୍ଗ ଦର୍ଶକ ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟ ଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ଆଠମଲ୍ଲିକ ର ପୂର୍ବତନ ନଗର ବିଜେପି ସଭାପତି ଅବନୀ କୁମାର ପ୍ରଧାନ ଙ୍କ ନେତୃତ୍ୱ ରେ ପୂର୍ବତନ ଏନ ଏ ସି ଅଧକ୍ଷ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଙ୍କ ପ୍ରତିନିଧି ସନ୍ତୋଷ କୁମାର ହୋତା, କାଉନସିଲର ନୂତନ ବେହେରା, ଯୁବ ନେତା ପିନା ପାଣିଗ୍ରାହୀ, କ୍ରିମିନାଲ କୋର୍ଟ ବାର ଆସୋସିଏସନ ର ସମ୍ପାଦକ ସବ୍ୟସାଚୀ ସିଂ,ସୁଧାଂଶୁ ଶେଖର ବେହେରା ପ୍ରମୁଖ ଉପସ୍ଥିତ ରହି ଉପାଧ୍ୟାୟ ଙ୍କ ଫୋଟ ଚିତ୍ର ରେ ପୁଷ୍ପ ମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇ ଥିଲେ ।

# ପାଟଣା ରେ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦଯାପିତ

ପାଟଣା **୧୩/୨ (ନି.ପ୍ର):** ପାଟଣା ବ୍ୟାଡମିଣ୍ଟନ କ୍ଲବ୍ ଦ୍ୱାରା ସ୍ୱାମ ପାଟଣା ସ୍ଥିତ ଟାଇଁଶିରା ମଙ୍ଗଳା ମନ୍ଦିର ନିକଟ ପଡ଼ିଆରେ ତିନି ଦିନିଆ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇ ଯାଇଛି । ଏହି ଟୁର୍ଣ୍ଣାମେଣ୍ଟର ଉଦ୍ଘାଟନୀ ଦିବସରେ ମୁଖ୍ୟ ଅତିଥି ଭାବେ ପାଟଣାର ଜଣାଶୁଣା କ୍ରୀଡାବିତ୍ ତଥା କେନ୍ଦୁଝର ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସଭାପତି ଶ୍ରୀ ଦାଶ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଟୁର୍ଣ୍ଣାମେଣ୍ଟକୁ ଶୁଭାରମ୍ଭ କରିଥିଲେ । ଇନ୍ ଡୋର୍ ଏବଂ ଆଉଟ୍ ଡୋର୍ ଦୁଇଟି ବିଭାଗର ଖେଳ ଆୟୋଜିତ ହୋଇଥିବା ବେଳେ ଇନ୍ ଡୋର୍ ରେ ମୁନା ଆଣ୍ଡ ପାର୍ଟନର - କେନ୍ଦୁଝର ଚମ୍ପିୟାନ ହୋଇଥିଲେ । ସେହିପରି ରାଜୁ ଆଣ୍ଡ ରୁଦ୍ର - ପାଟଣା ଟିମ୍ ରନର୍ସ ଅପ୍ ହୋଇଥିଲେ । ଆଉଟ୍ ଡୋର୍ ରେ ରୁଦ୍ର ଆଣ୍ଡ ପାର୍ଟନର ଚମ୍ପିୟାନ ହୋଇଥିବା ବେଳେ ରେହାନ୍ ଆଣ୍ଡ ପାର୍ଟନର ରନର୍ସ ଅପ୍ ହୋଇଥିଲେ । ସେମି ଫାଇନାଲ ରେ ବଡ଼ବିଲ ଏବଂ ରାଇସୁଆଁ ଭଲ ପ୍ରଦର୍ଶନ କରିଥିବା ସତ୍ତ୍ୱେ ଫାଇନାଲକୁ ଯିବାକୁ ସକ୍ଷମ ହୋଇ ପାରି ନଥିଲେ । ଉଦଯାପନୀ ସନ୍ଧ୍ୟାରେ ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ସବୀର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତଙ୍କୁ ଟ୍ରଫି ପ୍ରଦାନ କରିଥିଲେ । ତାଙ୍କ ସହିତ ସମ୍ମାନିତ ଅତିଥି ଭାବେ ପାଟଣା ମଣ୍ଡଳ ଭାଜପା ସଭାପତି ବ୍ରଜବନ୍ଧୁ ସେଠୀ, ସାଂସଦଙ୍କ ପ୍ରତିନିଧି ଥିବା ମଧୁସୂଦନ ମହାନ୍ତ, ଯୁଧିଷ୍ଠିର ମହାନ୍ତ, ଜିଲ୍ଲା ବିଜେପି ସଂଖ୍ୟାଲଘୁ ମୋର୍ଚ୍ଚା ଉପ ସଭାପତି ମାନସୂର୍ ଆଲମ୍, ଯୁବମୋର୍ଚ୍ଚା ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଯଶୋବନ୍ତ ମହାରଣା ପ୍ରମୁଖ ଯୋଗ ଦେଇଥିଲେ । ପାଟଣା ର ଭେଟରାନ ବ୍ୟାଡମିଣ୍ଟନ ଖେଳାଳୀ ମଣିଆ ବେହେରା ଙ୍କୁ ଅତିଥିଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିପ୍ଲବ ପୃଷ୍ଟି ଟୁର୍ଣ୍ଣାମେଣ୍ଟର ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ଚିନ୍ମୟ ବେହେରା, ଗିତିକଣ୍ଠ ପାତ୍ର, ସମୀର୍ ଆଲମ, ସୋହରାବ ଅନସାରୀ ପ୍ରମୁଖ ଖେଳ ପରିଚାଳନା କରିଥିଲେ । ଏମ୍ ଡି ସାଜିଦ୍



ଆଲମ୍ ମ୍ୟାଚ୍ ରେଫରୀ ଦାୟିତ୍ୱ ତୁଲାଇଥିଲେ । ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଙ୍କ ନିକଟତର ଏବଂ ସାଂସଦ ଅନନ୍ତ ନାୟକ ଙ୍କ ଜିଲ୍ଲା କ୍ରୀଡ଼ା ଏବଂ ଯୁବ ସେବା ବିଭାଗର ପ୍ରତିନିଧି ଥିବା ସବୀର ଦାଶ ସମସ୍ତ ଯୁବଗୋଷ୍ଠୀ ଙ୍କୁ ସମ୍ବୋଧିତ କରି କହିଥିଲେ ଯେ, ପାଟଣା ହେଉଛି ନିର୍ବାଚନ ମଣ୍ଡଳୀର ମୁଖ୍ୟାଳୟ । ଏଠାରେ କ୍ରୀଡ଼ା ପ୍ରତିଭାଙ୍କ ଭରପୁର ସମ୍ଭାର ଥିବା ସତ୍ତ୍ୱେ ଏଠାରେ କ୍ରୀଡାର ଭିତ୍ତିଭୂମି ନାହିଁ । ପୂର୍ବ ସରକାର୍ ସମୟରେ ପାଟଣା ଷ୍ଟାଡିୟମ୍ ଅଧା ପନ୍ତରିଆ ହୋଇ ପଡ଼ି ରହିଛି । ଇନ୍ ଡୋର୍ ଖେଳିବା ପାଇଁ ଖେଳାଳିଙ୍କ ପାଖରେ ସୁଯୋଗ ନାହିଁ । ଏ ସମସ୍ତ ଘଟଣାକୁ ମୋହନ୍ ସରକାର୍ ତନ୍ନ ତନ୍ନ କରି ଦେଖୁଛନ୍ତି । ପାଟଣା ବିଧାୟକଙ୍କ ଠାରୁ ଆରମ୍ଭ କରି ସାଂସଦ ତଥା କ୍ରୀଡ଼ା ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍ ଙ୍କ ଯାଏ ସମସ୍ତଙ୍କ ସହିତ ଆଲୋଚନା ରଖି ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଙ୍କ କରକମଳରେ ନିଶ୍ଚିତ ଭାବରେ ପାଟଣା ରେ କ୍ରୀଡ଼ା ଭିତ୍ତିଭୂମି ପ୍ରତିଷ୍ଠା କରାଯିବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି । ମୋହନ୍ ମାଝୀ ଙ୍କ ଦ୍ୱାରା କେନ୍ଦୁଝରରେ ମେଗା ଇସ୍ପାତ କାରଖାନାକୁ ପ୍ରତିଷ୍ଠା କରିବାର ଲକ୍ଷ୍ୟ ଆଜି ପୂରଣ ହେବାକୁ ଯାଉଅଛି । ପାଟଣା ନିର୍ବାଚନ ମଣ୍ଡଳୀ ଆଜି ଏକ ସ୍ୱର୍ଣ୍ଣ ଯୁଗ କୁ ସ୍ୱାଗତ କରିବାକୁ ଅପେକ୍ଷା କରିଛି । ଏ ପରି ସ୍ଥିତିରେ ପାଟଣା ରେ ଇନ୍ ଡୋର୍ ଓ ଆଉଟ୍ ଡୋର୍ ଷ୍ଟାଡିୟମ୍ ପ୍ରତିଷ୍ଠା କରାଯିବା ଲକ୍ଷ୍ୟ ସାଧାରଣ କ୍ରୀଡାବିତ୍ ମାନଙ୍କ ପାଇଁ ପୁରସ୍କାର ସାଜିବ ବୋଲି ସେ କହିଛନ୍ତି । ମାଟି ର ପୁଅ ଭାବରେ ପୂର୍ବ ସରକାର୍ ଯାହା କରି ନଥିଲେ ଆମ ସରକାର୍ କିପରି ଭାବରେ କରିବେ ତାକୁ ନେଇ ଚେଷ୍ଟିତ ରହିବାକୁ ସେ ସମସ୍ତଙ୍କୁ ପ୍ରତିଶୃତି ଦେଇଛନ୍ତି ।

## ପ୍ରାଣୀ ମିତ୍ରଙ୍କ ତାଲିମ୍ ଶିବିର

ବେଲଗୁଣ୍ଠା **୧୩/୨ (ନି.ପ୍ର):** ଗତ ଚାରି ତାରିଖ ଠାରୁ ଭଞ୍ଜନଗର ସ୍ଥିତ ଏଲଆଇଟିସି ଠାରେ ରାଜ୍ୟ ସରକାରଙ୍କ ତରଫରୁ ପ୍ରାଣୀ ମିତ୍ର ମାନଙ୍କର ଏ-ହେଲ୍ଥ ତାଲିମ୍ ଶିବିର ଆରମ୍ଭ ହୋଇଥିବା ବେଳେ ଆଜି ବେଲଗୁଣ୍ଠା ବ୍ଲକ୍ ସିଂହମର୍ଦ୍ଦନ ଗ୍ରାମରେ ଏହାର ଏକ ବ୍ୟାବହାରିକ ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଓ ଆଜି ପଚିଶି ଜଣ ପ୍ରାଣୀମିତ୍ର ପ୍ରଶିକ୍ଷାର୍ଥୀ ସିଂହମର୍ଦ୍ଦନ- ବୋରୀ ଗ୍ରାମ୍ୟ ରାସ୍ତା ପାର୍ଶ୍ୱରେ ଥିବା ବିଦ୍ୟାଧର ଗୌଡ଼ଙ୍କର ଗାଈ ଏବଂ ମେଣ୍ଢା ଗୋଠକୁ ବ୍ୟାବହାରିକ ତାଲିମ୍ ନିମନ୍ତେ ପ୍ରୟୋଗ କରିଥିଲେ । ବେଲଗୁଣ୍ଠା ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ରାକେଶ କୁମାର ପତି ଏବଂ କୋରାପୁଟ ଜିଲ୍ଲା ନାରାୟଣ ପାଟଣା ବ୍ଲକ୍ ର ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ସୁବ୍ରତ କୁମାର ସାହୁ ପ୍ରଶିକ୍ଷାର୍ଥୀଙ୍କୁ ତାଲିମ୍ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୦୦ ଗାଈଙ୍କର ଗଳାଫୁଲା ରୋଗର ଟୀକାକରଣ କରାଯାଇଥିବା ବେଳେ ୧୫୦ ମେଣ୍ଢାଙ୍କର କୃମି ଚିକିତ୍ସା କରାଯାଇଥିଲା । ଗାଙ୍ଗପୁର ପ୍ରାଣୀ ଚିକିତ୍ସା କେନ୍ଦ୍ରର ସହାୟକ କର୍ମଚାରୀ ସୁନୀଲ କୁମାର ପାଣିଗ୍ରାହୀ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।



# ନବରଙ୍ଗପୁର ଜିଲ୍ଲା ଓ. ୟୁ. ଡବ୍ଲୁ. ଜେ ସାମ୍ବାଦିକ ସଂଘର ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳିତ

ନନ୍ଦାହାଣ୍ଡି **୧୩/୨ (ନି.ପ୍ର):** ନବରଙ୍ଗପୁର ଜିଲ୍ଲା ସଦର ମହକୁମାର ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ସମ୍ମିଳନୀ କକ୍ଷରେ ନବରଙ୍ଗପୁର ଜିଲ୍ଲା ଓ ୟୁ ଡବ୍ଲୁ ଜେ ସାମ୍ବାଦିକ ସଂଘର ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି ।ଜିଲ୍ଲା ସଭାପତି ଶେଖର ଖୁରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନବରଙ୍ଗପୁର ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁନୀଲ ଖୋରା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ମାନଙ୍କ ମଧ୍ୟରେ ରାଜ୍ୟ ଓ ୟୁ ଡବ୍ଲୁ ଜେ ସଂଘର ସାଧାରଣ ସମ୍ପାଦକ ନିରଞ୍ଜନ ବିଶ୍ୱାଳ,ନବରଙ୍ଗପୁର ଓ ୟୁ ଡବ୍ଲୁ ଜେ ସଂଘର ଆଇନ ପରାମର୍ଶ ଦାତା ଶିରାଜ ଉଦ୍ଦୀନ ମହମ୍ମଦ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ନବରଙ୍ଗପୁର ଲୋକ ସମ୍ପର୍କ ଓ ଜିଲ୍ଲା ସୂଚନା ଅଧିକାରୀ ମନୋଜ କୁମାର ବେହେରା ଯୋଗ ଦେଇଥିଲେ ।କାର୍ଯ୍ୟକ୍ରମରେ ଜିଲ୍ଲା ଓ ୟୁ ଡବ୍ଲୁ ଜେ ସଂଘର ଉପ ସଭାପତି ହିମାଂଶୁ ବାଘ ମଞ୍ଚ ପରିଚାଳନା କରିଥିବା ବେଳେ ଜିଲ୍ଲା ସାଧାରଣ ସମ୍ପାଦକ ଅଶୋକ ସାହୁ, କୋଷାଧକ୍ଷ ରଞ୍ଜିତ କୁମାର ନାୟକ, ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନାରେ ପୂର୍ଣ୍ଣ ସହଯୋଗ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ଏକ ଆଲୋଚନା ଚକ୍ର ମଧ ଥିଲା




'ବର୍ତମାନର ସ୍ଥିତିରେ ସାମ୍ବାଦିକ ମାନେ କିଭଳି ସୁରକ୍ଷିତ ରହି ସମ୍ବାଦ ସଂଗ୍ରହ ଓ ପରିବେଷଣ କରିପାରିବେ' ।ଆଲୋଚ୍ୟ ପ୍ରସଙ୍ଗରେ ମୁଖ୍ୟ ବକ୍ତା, ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିମାନେ ଭାଗନେଇ ନିଜ ନିଜ ବକ୍ତବ୍ୟ ରଖିବା ସହିତ ନିର୍ଭିକ, ନିରପେକ୍ଷ ଓ ସତ୍ୟ ସମ୍ବାଦ ସଂଗ୍ରହ କରି ତାର ପ୍ରସାରଣ କରିବାକୁ ପରାମର୍ଶ ଦେଇଥିଲେ ।କାର୍ଯ୍ୟକ୍ରମରେ ନବରଙ୍ଗପୁର ବ୍ଲକର ୧୦ଗୋଟି ବ୍ଲକରୁ ପାଖାପାଖି ୫୦ଜଣ ସାମ୍ବାଦିକ ଯୋଗଦେଇଥିଲେ ।କାର୍ଯ୍ୟକ୍ରମର ଶେଷରେ ଚଳିତ ବର୍ଷର ସକ୍ରିୟ ସାମ୍ବାଦିକ ଭାବେ ନନ୍ଦାହାଣ୍ଡି ବ୍ଲକର ଘାସିରାମ ହରିଜନ, ସମାଜ ସ୍ୱେବୀ ଭାବେ ସେବକ ଗରଡ଼ା ଏବଂ ଚଳିତ ବର୍ଷର ବେଷ୍ଟ ୟୁନିଟ ଭାବେ ତେନ୍ତୁଳୀଖୁଣ୍ଟି ବ୍ଲକ ସାମ୍ବାଦିକ ସଂଘକୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା ।

# ସାମ୍ବାଦିକ ଏକତା ଅଞ୍ଚଳର ବିକାଶ ରେ ସହାୟକ ହେବ ନେଇ କର୍ମଶାଳା

ନୂଆପଡ଼ା **୧୩/୨ (ନି.ପ୍ର):** ନୂଆପଡ଼ା ଜିଲ୍ଲା ଖଡିଆଳ ବ୍ଲକ ଅନ୍ତର୍ଗତ ତିଖାଳୀ ବଙ୍ଗଳା ଠାରେ ଖଡିଆଳ କାର୍ଯ୍ୟରତ ସାମ୍ବାଦିକ ପରିଷଦ ପ୍ରଥମ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଏହି ବୈଠକ ରେ ମୁଖ୍ୟ ସଂଯୋଜକ ତପନ ଦାସ ଅଧକ୍ଷତା କରିଥିବା ବେଳେ ସାମ୍ବାଦିକ ଏକତା ଅଞ୍ଚଳର ବିକାଶ ରେ ସହାୟକ ହେବ ନେଇ ଆହ୍ୱାନ କରିଥିଲେ । ସାମ୍ବାଦିକ ଚତୁର୍ଥ ସ୍ତମ୍ଭ ଅଟେ । ନିଜ ଅଞ୍ଚଳ ର ସମସ୍ୟା ପ୍ରତି ଓତପ୍ରୋତ ଭାବରେ ଜଡ଼ିତ ହୋଇ ମିଳିତ ରୂପେ ଖବର ପ୍ରସାରଣ କଲେ ଉପଯୁକ୍ତ ମାଧ୍ୟମରେ ତାର ସମାଧାନ ର ବାଟ ଫିଟିବ ବୋଲି କହିଥିଲେ । ବୈଠକ ରେ ସଂଯୋଜକ ମୋତିଲାଲ ବାଗ, ପରମେଶ୍ୱର ବାରିକ, ଯୁଗଳ ମହାନନ୍ଦ ଯୋଗ ଦେଇଥିବା ବେଳେ ସଂଯୋଜକ ଯୋଗେଶ୍ୱର ସାଗରିଆ, ଧନ୍ୟବାଦ୍ ଦେଇଥିଲେ । ଆଜି ନୂତନ ରୂପ ସଂଯୋଜକ ରୂପେ ବିମଳ ସିଂ ଦଳପତି ଙ୍କୁ ସର୍ବ ସମ୍ମତି କ୍ରମେ ମନୋନୀତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜୟ କୁମାର ଶହିଷ, ଆଦିତ୍ୟ ମହାଉତି, ଦେବେଶ ହୋତା, ହେମନ୍ତ ବେହେରା, ସନ୍ତୋଷ ଦଣ୍ଡସେନା, ଓମ ଅଗ୍ରୱାଲ, ଗଣେଶ ରଣା, ଚନ୍ଦ୍ର ବେହେରା,ବାପିନା ସାହୁ, ଦୀନବନ୍ଧୁ ଛତ୍ରିଆ, ଶ୍ୟାମସୁନ୍ଦର ଭିତିରିଆ, ସତ୍ୟବ୍ରତ ଷଡ଼ଙ୍ଗୀ ପ୍ରମୁଖ ଯୋଗ ଦେଇ ପରିଷଦ ର ଆବଶ୍ୟକ ନିଷ୍ପତ୍ତି ସମସ୍ତଙ୍କ ପାଇଁ ଗ୍ରହଣୀୟ ଅଟେ ବୋଲି ବୈଠକ ରେ ନିଷ୍ପତ୍ତି ହୋଇଅଛି ।

# ଚିକିଟୀ ବ୍ଲକରେ ବ୍ଲକ ସ୍ତରୀୟ ନିପୁଣ ଓଡିଶା ମେଳା ଅନୁଷ୍ଠିତ



ଚିକିଟୀ **୧୩/୨ (ନି.ପ୍ର):** ପ୍ରାଥମିକ ସ୍ତରରେ ଛାତ୍ର ଛାତ୍ରୀ ମାନେ ଭାଷାଜ୍ଞାନ ଆଉ ସଂଖ୍ୟାଜ୍ଞାନ ରେ ନିପୁଣ ହେବାଲାଗି ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ପକ୍ଷରୁ ନିପୁଣ ଓଡିଶା ମେଳା ଆୟୋଜିତ ହେଉଥିବା ବେଳେ ଚିକିଟୀ ବ୍ଲକ ସୁନାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ବ୍ଲକ ସ୍ତରୀୟ ନିପୁଣ ଓଡିଶା ମେଳା ଆଜି ଅନୁଷ୍ଠିତ ହୋଇଛି ।ଗୋଷ୍ଠୀ ଶିକ୍ଷା ଅଧିକାରୀ ବସନ୍ତ କୁମାର ପଣ୍ଡା ଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ସ୍ଥାନୀୟ ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ମୁଖ୍ୟ ଅତିଥିଭାବେ ଯୋଗଦେଇ ନିପୁଣ ଓଡିଶା ମେଳାର ଉଧେଶ୍ୟ ଓ ମହତ୍ୱ ସମ୍ପର୍କରେ ବୁଝାଇବା ସହିତ ଛାତ୍ର ଛାତ୍ରୀ ମାନେ କିଭଳି ମୌଳିକ ସ୍ୱାକ୍ଷରତା ଓ ସଂଖ୍ୟା ଜ୍ଞାନରେ ନିପୁଣ ହୋଇ ପାରିବ ସେ ନେଇ ନିଜ ବକ୍ତବ୍ୟ ରଖିଥିଲେ ।ସେହିପରି ସମ୍ମାନିତ ଅତିଥିଭାବେ ଜିଲ୍ଲା ଶିକ୍ଷା ସଂଯୋଜକ ସନ୍ତୋଷ କୁମାର ପଣ୍ଡା,ସିଡିପିଓ ଗୀତାଞ୍ଜଳି ପାଣିଗ୍ରାହୀ, ଏବିଇଓ ସିମାଞ୍ଚଳ ପଣ୍ଡା, ଶିକ୍ଷଣ ଶିକ୍ଷକ କବିତା ସିଂ ନାୟକ, ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟା ଭି ଲକ୍ଷ୍ମୀ ଦେବୀ, ସରପଞ୍ଚ ଲକ୍ଷ୍ମୀଧର ବେହେରା,ବିଳାସ ସାହୁ,ସମିତି ସଭ୍ୟ ଅମୁଲ୍ୟ ବେହେରା,ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସିମାଞ୍ଚଳ ବେହେରା ପ୍ରମୁଖ ମଞ୍ଚାସିନ ରହିଥିଲେ ।ବ୍ଲକର ବିଭିନ୍ନ ବିଦ୍ୟାଳୟ ର ଶତାଧିକ ଛାତ୍ର ଛାତ୍ରୀ ମୌଳିକ ସାକ୍ଷରତା, ସଂଖ୍ୟା ଜ୍ଞାନ, ଓ ସୃଜନାତ୍ମକ କାର୍ଯ୍ୟକଳାପରେ ଅଂଶ ଗ୍ରହଣ କରିଥିଲେ । ଏହି ଅବସରରେ ସିଆରସିସି ଭେଙ୍କେଟସ ଙ୍କ ସମେତ ବ୍ଲକର ସମସ୍ତ ସିଆରସିସି ମାନଙ୍କୁ ବିଧାୟକ ଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା ।ବହୁ ଅଭିଭାବକ, ଗୋଷ୍ଠୀ ସଦସ୍ୟ, ଜନ ପ୍ରତିନିଧି, ଓ ଅଙ୍ଗନବାଡି କର୍ମୀ ଙ୍କୁ ସାମିଲ କରି ନିପୁଣ ଓଡିଶା କାର୍ଯ୍ୟକ୍ରମର ଗୁରୁତ୍ୱ ସମ୍ପର୍କରେ ସଚେତନତା ସଚେତନତା କରାଯାଇଥିଲା ।

## ପଳାକୁଡ଼ିଆରେ ନିଆଁ ଲାଗି ୨ ଶିଶୁ ଜୀବନ୍ତ ଦଗ୍ଧ

କଳାହାଣ୍ଡି **୧୩/୨ (ନି.ପ୍ର):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ଲାଖବାହାଲି ପଞ୍ଚାୟତ ତାଳବୋରା ଗାଁରେ । ଗାଁର ବଡ଼ ବିଶି ମାଝୀ ଓ ସୁଶାରୀ ମାଝୀଙ୍କ ପାଞ୍ଚ ବର୍ଷର ପୁଅ ଓ ଚାରି ବର୍ଷର ଝିଅ ଆଜି ସକାଳେ ସେମାନଙ୍କ କାନ୍ଦୁଲ ଗୁଡ଼ିଆ (କାନ୍ଦୁଲ ଚାଷ କରିଥିବା ପାହାଡିଆ ଜମି) ରେ ତିଆରି ହୋଇଥିବା ପାଳ କୁଡ଼ିଆରେ ବସି ଖେଳୁଥିଲେ ଓ ଏହି ସମୟରେ ଦୁଇ ଶିଶୁଙ୍କୁ ଛାଡ଼ି କିଛି ଦୂରରେ କାଠ ସଂଗ୍ରହ କରୁଥିଲେ ସେମାନଙ୍କ ମାଆ ସୁଶାରୀ ମାଝୀ । ଏହି ସମୟରେ ପା ପାଳ କୁଡ଼ିଅ ଡ଼ିଆରେ ହଠାତ ନିଆଁ ଲାଗି ଦୁଇ ଶିଶୁ ଜୀବନ୍ଧ ଜଳିଯାଉଥିଲେ । ସେମାନଙ୍କ ଚିତ୍କାର ଶୁଣି ସୁଶାରୀ ଆସିବା ବେଳକୁ ସବୁକିଛି ସରି ସାରିଥିଲା । ପୁଅଝିଅଙ୍କ ମୃତ୍ୟୁରେ ସ୍ୱାମୀ-ସ୍ତ୍ରୀ ଭାଙ୍ଗି ପଡିଥିବାବେଳେ ଦୁଃଖ ଓ ଶୋକରେ ମ୍ରିୟମାଣ ହୋଇ ସେମାନେ ଗାଁ ମଶାଣିରେ ମୃତ ପୁଅଝିଅଙ୍କ ଶବ ସଂସ୍କାର କରିଥିବା ଜଣାପଡିଛି ।



# ଡୋକାରୀ ଦର ରେ ଯୁବକ ନିଖୋଜ ଘଟଣା

## ୪୮ ଘଣ୍ଟା ଶବ ଉଦ୍ଧାର କାର୍ଯ୍ୟ ପରେ ଶବ ଠାବ

କଳାହାଣ୍ଡି **୧୩/୨ (ନି.ପ୍ର):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ପର୍ଯ୍ୟଟନ ସ୍ଥଳୀ ଗୁଡାହାଣ୍ଡି ଡୋକାରିଚଞ୍ଚରା ରେ ଗତ ରବିବାର ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଡୁମେରମୁଣ୍ଡା ଗ୍ରାମ ର ୨ ଜଣ ଯୁବକ ବୁଲିବାକୁ ଆସି ଡୋକାରୀ ଦର ଜଳପ୍ରପାତ ର ୬୦ ଫୁଟ ଉପରୁ ସେଲଫି ନେଉଥିବା ବେଳେ ଅସାବଧାନତା କାରଣ ଦୁଇ ଯୁବକ ଙ୍କ ମଧ୍ୟରୁ ଅଭିନାଶ ପରଜା ର ଗୋଡ଼ ଖସି ଜଳପ୍ରପାତ ର ଗଭୀର ଜଳରେ ବୁଡି ନିଖୋଜ ହୋଇଥିଲା । ଖୋଜାଖୋଜି କରିବା ପରେ ମଧ କୌଣସି ସନ୍ଧାନ ନ ମିଳିନଥିଲା । କୋକସରା ଦମକଳ ବିଭାଗ ଓଆସି ପ୍ରଶାନ୍ତ ବାଘଙ୍କ ନେତୃତ୍ୱରେ କର୍ମଚାରୀ ପହଞ୍ଚି ଜଳପ୍ରପାତ ର ଗଭୀର ଜଳରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ ମଧ ନିଖୋଜ ଯୁବକ ର କୌଣସି ପତ୍ତା ମିଳିନଥିଲା । ମଙ୍ଗଳବାର ସକାଳୁ ଉଦ୍ଧାର କାର୍ଯ୍ୟ ଜାରି ପରେ ଦମକଳ କର୍ମଚାରୀ ଙ୍କ ଅକ୍ଲାନ୍ତ ସନ୍ଧାନ ପରେ ଜଳପ୍ରପାତ ର ଗଭୀର ପାଣି ରୁ ନିଖୋଜ ଯୁବକ ର ମୃତଦେହ ଠାବ କରିବାରେ ସଫଳ ହୋଇଥିଲେ । ମୃତ ଯୁବକଙ୍କ ଶବ କୁ ବ୍ୟବଚ୍ଛେଦ ପାଇଁ ଆମପାଣି ପୋଲିସ କୋକସରା ହସ୍ପିଟାଲ କୁ ପଠାଇଥିବା ବେଳେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଥିଲେ ।



# କୃଷକଙ୍କ ସମସ୍ୟା ସମ୍ପର୍କ ରେ ଅଧିକାରୀଙ୍କ ସହିତ ଆଲୋଚନା କଲେ କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି

ନିମାପଡା **୧୩/୨ (ନି.ପ୍ର):** ଯଶସ୍ୱୀ ଲୋକପ୍ରିୟ ପ୍ରଧାନମନ୍ତ୍ରୀ ଶ୍ରୀମାନ ନରେନ୍ଦ୍ର ମୋଦୀ ଜୀ ଓ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କୃଷକମାନଙ୍କ ପାଇଁ ଉତ୍ସର୍ଗ କୃତ କ୍ଷ ଚାଷୀମାନଙ୍କ ଆୟ କୁ ଦୁଇ ଗୁଣା କରିବା ସହିତ ଚାଷୀମାନଙ୍କୁ ସମୃଦ୍ଧ କରିବା ପାଇଁ ଅନେକ ପ୍ରକାରର କୃଷକ କଲ୍ୟାଣକାରୀ ଯୋଜନା ପ୍ରଣୟନ କରୁଛନ୍ତି । ଏହି ସବୁ କୃଷକ କଲ୍ୟାଣକାରୀ ଯୋଜନାକୁ ତୃଣମୂଳସ୍ତରରେ ସଠିକ ଭାବେ କାର୍ଯ୍ୟକାରୀ ହେଉଛି କି ନାହିଁ ,ତାହାର ଅନୁଧ୍ୟାନ ପାଇଁ ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ ପୁରୀ ଜିଲ୍ଲା ଗୋପ ବ୍ଲକ ର କୃଷି ବିଭାଗ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ । ବ୍ଲକ୍ କୃଷି ଅଧିକାରିଣୀ ଜୟ ଲକ୍ଷ୍ମୀ ସାହୁଙ୍କ ସମେତ କୃଷିବିଭାଗ ର କର୍ମଚାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ କରିଥିଲେ କ୍ଷ ଉକ୍ତ ବୈଠକ ରେ ରାଜ୍ୟ କୁ ଖାଦ୍ୟ ଶସ୍ୟ ରେ ଆତ୍ମ ନାର୍ଭରଶୀଳ କରିବା ପାଇଁ ରାଜ୍ୟ ସରକାର ଚାଷୀମାନଙ୍କୁ ଆଳୁ ବିହନ, ମୁଗ, ବିରି, ଶୋରିଷ, ମଶୁର ଓ ଚିନାବାଦାମ ଆଦି ବିହନ ମାଗଣାରେ ଚାଷୀମାନଙ୍କୁ ଯୋଗାଇ ଦେଉଛନ୍ତି । ତତ ସହିତ ସାର ଓ କୀଟନାଶକ ମଧ ମାଗଣାରେ ଯୋଗାଇ ଦେଉଛନ୍ତି । ଚାଷୀମାନେ ବିହନ ନେଇ ଚାଷ କରିଥିବା କ୍ଷେତ କୁ ମଧ ଯାଇ ଫସଲ ବୁଲି ଦେଖିଲେ । ଆଳୁ ଚାଷ ରେ ଓଡିଶା ରାଜ୍ୟ କୁ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାର ଚାଷୀ ମାନଙ୍କୁ ବ୍ୟାପକ ଭାବେ ଆଳୁ ବିହନ ଯୋଗାଇ ଦେବା ସହିତ ହେକ୍ଟର ପିଛା ୫୮ ହଜାର ଟଙ୍କା ପ୍ରୋସାହନ ରାଶି ସହାୟତା ଦେବାର ବ୍ୟବସ୍ଥା କରାଯାଇଛି । ଏହି ପରିପ୍ରେକ୍ଷୀରେ ଗୋପ ବ୍ଲକ ଅନ୍ତର୍ଗତ କୁସୁପୁର କୁଶଭଦ୍ରା ନଦୀ ପଠାରେ ଆଳୁ ଚାଷ କରିଥିବା କ୍ଷେତ କୁ ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ ପରିଦର୍ଶନ କରିବା ସହିତ ଆଳୁ ଫସଲ କିପରି ଚାଷୀମାନେ କରିଛନ୍ତି ତାହା ମଧ ଦେଖିଥିଲେ । ପରିଦର୍ଶନ ସମୟ ରେ ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ସଂପାଦକ ପ୍ରଶାନ୍ତ କୁମାର ସ୍ୱାଇଁ, ରାଜ୍ୟ ସଂଯୋଜକ ଶ୍ରୀ ସୁଦର୍ଶନ ବିଶ୍ୱାଳ, ବସନ୍ତ ସେନାପତି, ଦୀପକ କୁମାର ଦାଶ, ଶିବାନୀ ଶଙ୍କର ସେଠୀ, ସନ୍ତୋଷ କୁମାର ବରାଳ, ପ୍ରମୋଦ କୁମାର ପାଇକରାୟ, କିଶୋର ଚନ୍ଦ୍ର ରାଉତ, ବ୍ରଜ କିଶୋର ସ୍ୱାଇଁ, ତାପସ କୁମାର ପାଇକରାୟ, ତନ୍ମୟ ସେନାପତି ସମେତ କୃଷି ବିଭାଗ ର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

# ସେମିଷ୍ଟାର ପରୀକ୍ଷା ପୂର୍ବରୁ ଚାଲିଗଲା ଛାତ୍ରୀଙ୍କ ଜୀବନ

ବାଲୁଗାଁ **୧୩/୨ (ନି.ପ୍ର):** ବୁଧବାର ପୂର୍ବାହ୍ନରେ ବାଲୁଗାଁ ମହାବିଦ୍ୟାଳୟର ଜଣେ ଛାତ୍ରୀ ପରୀକ୍ଷା ଦେବା ପୂର୍ବରୁ ଅସୁସ୍ଥ ହୋଇପଡ଼ିଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି ।ସୂଚନା ମୁତାବକ ଚିଲିକା ବ୍ଲକ ଆଙ୍କୁଲା ପଞ୍ଚାୟତ ଅନ୍ତର୍ଗତ ରାହାଣବେଲି ଗ୍ରାମର ଅମୂଲ୍ୟ ସାମନ୍ତରାୟଙ୍କ ଝିଅ ସସ୍ମିତା ସାମନ୍ତରାୟ ବାଲୁଗାଁ ମହାବିଦ୍ୟାଳୟରେ ଯୁକ୍ତ ତିନି ଦ୍ୱିତୀୟ ବର୍ଷ ଦର୍ଶନଶାସ୍ତ୍ର ବିଭାଗର ଛାତ୍ରୀ ।ଆଜି ତୃତୀୟ ସେମିଷ୍ଟାର ଇଂରାଜୀ ପରୀକ୍ଷା ଥିବାରୁ ସସ୍ମିତା ବାଳିକା ସାଧାରଣ କୋଠରୀରେ ଅପେକ୍ଷା କରି ବସିଥିବା ବେଳେ ହଠାତ୍ ଚେତାଶୂନ୍ୟ ହୋଇ ତଳେ ପଡ଼ିଯାଇଥିଲେ ।ସଙ୍ଗେ ସଙ୍ଗେ ସହ ପାଠିନି ଏବଂ ମହାବିଦ୍ୟାଳୟର କର୍ମଚାରୀଙ୍କ ସହାୟତାରେ ସସ୍ମିତାଙ୍କୁ ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା ।ଖବରପାଇ ପରିବାରବର୍ଗ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚିଥିଲେ ।ମାତ୍ର ଅବସ୍ଥା ଗୁରୁତର ଥିବାରୁ ସସ୍ମିତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ବରଣ କରିଥିବା ପରିବାର ପକ୍ଷରୁ କହିଛନ୍ତି ।ଶବ ବ୍ୟବଚ୍ଛେଦ ପରେ ସସ୍ମିତାଙ୍କ ମର ଶରୀର ପରିବାରକୁ ହସ୍ତାନ୍ତର କରାଯିବା ନେଇ ଜଣାପଡ଼ିଛି ।ମେଧାବୀ ଛାତ୍ରୀଙ୍କ ଅକାଳ ବିୟୋଗରେ କଲେଜ ପରିସର ସହ ଗ୍ରାମରେ ଶୋକାକୁଳ ପରିସ୍ଥିତି ଦେଖାଦେଇଛି ।

# ରେଭେନ୍ସା ବିଶ୍ୱବିଦ୍ୟାଳୟ ୧୯୮୨-୮୪ ବ୍ୟାଚର ବନ୍ଧୁ ମିଳନ

କଟକ **୧୩/୨ (ନି.ପ୍ର):** ରେଭେନ୍ସା ଅର୍ଥନୀତି ସ୍ନାତକୋତ୍ତର ୧୯୮୨-୮୪ ବ୍ୟାଚ୍ ବନ୍ଧୁ ମିଳନ ସ୍ଥାନୀୟ କଟକ କ୍ଲବର ସିଟି ବୋଟ କ୍ଲବ ପରିସରେ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ଉଚ୍ଚ ପଦପଦବୀରୁ ଅବସର ନେଇଥ ିବା ବନ୍ଧୁ ମାନେ ଏକତ୍ର ହୋଇ ନିଜନିଜ ଭିତରେ ପାରସ୍ପରିକ ସଦଭାବ ଓ ସଦିଚ୍ଛା ବାଣ୍ଟିବା ସହ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ । ଆଇନଜୀବୀ ପ୍ରଫୁଲ୍ଲ ଆଚାର୍ଯ୍ୟ ନେତୃତ୍ୱରେ ଆୟୋଜିତ ବନ୍ଧୁ ମିଳନ ବେସ ଆମୋଦଦାୟକ ହୋଇଥିଲା । ପ୍ରାଧ୍ୟାପକ ଡଃ କଲିମୁଲ୍ଲା,ପୂର୍ବତନ ଜିଲପାଳ ଶୀତାଂଶୁ ରାଉତ,ରବି ରଞ୍ଜନ ସାହୁ, ପ୍ରାଧ୍ୟାପକ ଡଃ ରାଜନ କୁମାର ସାହୁ,ପ୍ରାଧ୍ୟାପିକା ଇନ୍ଦୁମତି ଦାଶ,ପ୍ରାଧ୍ୟାପିକା ରଞ୍ଜିତା ମହାନ୍ତି, ପ୍ରାଧ୍ୟାପକ ଅଜିତ ପରିଜା,ପ୍ରାଧ୍ୟାପକ ବିଜୟ ଦାଶ,ପ୍ରାଧ୍ୟାପିକା ବାସନ୍ତୀ ଦାଶ,ନିର୍ଦ୍ଦେଶିକା ସୁତପା ଗୋପାଙ୍ଗନା,ବଲ୍ଲଭ ମହାନ୍ତି,କେଶବ ମିଶ୍ର,ବ୍ୟାଙ୍କ ମ୍ୟାନେଜର ସୁଶାନ୍ତ ନାୟକ,ବିଦ୍ୟୁତ୍ ରାଉତ,ଜ୍ଞାନରଞ୍ଜନ ମହାଳିକ ଏବଂ ଅନ୍ୟ ବନ୍ଧୁ ମାନେ ଯୋଗ ଦେଇଥିଲେ । ସୁଶାନ୍ତ ନାୟକଙ୍କ ମନଛୁଆଁ ଗୀତ ଏବଂ ଅନ୍ୟ ମାନଙ୍କ ମଜା ମଜା କଥା ସମସ୍ତଙ୍କୁ ଆମୋଦିତ କରିଥିଲା । ପ୍ରାଧ୍ୟାପକ ଡଃ କଲିମୁଲ୍ଲା ଧନ୍ୟବାଦ ଅର୍ପଣ କରିଥିଲେ ।

# ଇକୋ କ୍ଲବ୍ ତରଫରୁ ପ୍ରକୃତି ଶିବିର ଅନୁଷ୍ଠିତ

ନିମାପଡା **୧୩/୨ (ନି.ପ୍ର):** ପୁରୀ ଜିଲ୍ଲା କାକଟପୁର ବରୁଣେଇ ଉଚ୍ଚ ବିଦ୍ୟାଳୟ, ପାଟପୁରର ଇକୋ କ୍ଲବ୍ ତରଫରୁ ଏକ ପ୍ରକୃତି ଶିବିର ଅନୁଷ୍ଠିତ ହୋଇଯାଇଛି ।ପୁରୀର ବାଲୁଖଣ୍ଡ ଅଭୟାରଣ୍ୟ ନିକଟସ୍ଥ ନୂଆନଈ ନିକଟରେ ଆୟୋଜିତ ଏହି ଶିବିରରେ ବିଦ୍ୟାଳୟର ୫୦ ଜଣ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ଛାତ୍ରଛାତ୍ରୀ ମାନେ ନାଚ ଗୀତ,ନାଟକ , ଚିତ୍ରାଙ୍କନ ଓ ତର୍କ ପ୍ରତିଯୋଗିତା ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ ।ଏହି ଶିବିରରେ ଓଡିଶା ପରିବେଶ ଶିକ୍ଷା କେନ୍ଦ୍ରର ପ୍ରାକ୍ତନ ପ୍ରକଳ୍ପ ଅଧିକାରୀ ଅର୍ଜୁନ କୁମାର ବିଶ୍ୱାଳ ଯୋଗ ଦେଇ ଜଳବାୟୁ ପରିବର୍ତ୍ତନର କୁପ୍ରଭାବ ସମ୍ପର୍କରେ ସଚେତନ କରିବା ସହିତ ଏଥିରୁ ରକ୍ଷାପାଇବା ପାଇଁ ପରିବେଶ ସୁରକ୍ଷାର ଆବଶ୍ୟକତା ବିଷୟରେ ଛାତ୍ରଛାତ୍ରୀ ମାନଙ୍କୁ ଅବଗତ କରାଇଥିଲେ । ଏଥିସହିତ ପ୍ଲାଷ୍ଟିକ ନିର୍ମିତ ଦ୍ରବ୍ୟ ଗୁଡ଼ିକୁ ବର୍ଜନ କରିବା ସହିତ ପ୍ଲାଷ୍ଟିକ ବ୍ୟାଗ ବଦଳରେ କପଡା ନିର୍ମିତ ବ୍ୟାଗ୍ ବ୍ୟବହାର କରିବାପାଇଁ ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ଏହାପରେ ପରିବେଶର ସୁରକ୍ଷା ସହ ପ୍ଲାଷ୍ଟିକ ବର୍ଜନ କରିବା ପାଇଁ ଛାତ୍ରଛାତ୍ରୀ ମାନେ ଶପଥ ପାଠ କରିଥିଲେ ।

# ଜୈବିକ ଚାଉଳରେ ତିଆରି ହେବ ମହାପ୍ରସାଦ




ଭୁବନେଶ୍ୱର,୧୩/୨: ଶ୍ରୀମହାପ୍ରସାଦ ପ୍ରସ୍ତୁତିରେ ଜୈବିକ ଚାଉଳର ବ୍ୟବହାର ନେଇ ଏକ ପରାମର୍ଶ ବୈଠକ କୃଷି ଭବନ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ତଥା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶ୍ରୀମନ୍ଦିର ମହାପ୍ରସାଦରେ ଜୈବିକ ଚାଉଳର ବ୍ୟବହାର ନେଇ ଆଲୋଚନା ହୋଇଥିଲା । ମହାପ୍ରସାଦକୁ ରସାୟନମୁକ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି । ଶ୍ରୀମନ୍ଦିରର ମହାପ୍ରସାଦରେ ଜୈବିକ ଚାଉଳ ଏବଂ ପନିପରିବାର ବ୍ୟବହାର ନିଷ୍ପତ୍ତିକୁ ସୁଆର-ମହାସୁଆର ନିଯୋଗ ତଥା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଛି । ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ମଧ୍ୟ ସର୍ବଦା ଜୈବିକ କୃଷିକୁ ସମର୍ଥନ ଦେଇ ଆସିଛନ୍ତି । ପ୍ରାରମ୍ଭିକ ପର୍ଯ୍ୟାୟରେ ଶ୍ରୀମନ୍ଦିର କୋଠଭୋଗରେ ଏହି ଜୈବିକ ଚାଉଳର ବ୍ୟବହାର କରାଯିବ । ଏଥି ସହ ଶ୍ରୀଗୁଣ୍ଡିଚା ସମୟରେ ସମ୍ପୂର୍ଣ୍ଣ ଲାଗି ହେଉଥିବା ଭୋଗରେ ଜୈବିକ ଚାଉଳ ଓ ପନିପରିବା ବ୍ୟବହାର ହେବା ପାଇଁ ପ୍ରସ୍ତାବ ରହିଛି । 'ଅମୃତ ଅନ୍ନ' ନାମରେ ସ୍ୱତନ୍ତ୍ର ପ୍ରକଳ୍ପ କାର୍ଯ୍ୟକାରୀ ହୋଇ ଜୈବିକ ଅନ୍ନରୁ ପ୍ରସ୍ତୁତ ମହାପ୍ରସାଦ ଆନନ୍ଦବଜାରରେ ଭକ୍ତଙ୍କ ପାଇଁ ଉପଲବ୍ଧ ହେବ । ଏଥି ପାଇଁ ଆନନ୍ଦବଜାରରେ ଏକ ସ୍ୱତନ୍ତ୍ର କାଉଣ୍ଟର ଖୋଲାଯିବାର ପ୍ରସ୍ତାବ ରହିଛି । ପ୍ରାରମ୍ଭିକ ଭାବେ ରାଜ୍ୟରେ ଉତ୍ପାଦିତ ହେଉଥିବା କଳାଜୀରା, ପିମ୍ପୁଡ଼ିବାସ, ଯୁବରାଜ ଆଦି ଜୈବିକ ଚାଉଳ ଦେଶୀୟ ପ୍ରଜାତିର ଜୈବିକ ଧାନ ଏହି 'ଅମୃତ ଅନ୍ନ' ମହାପ୍ରସାଦରେ ବ୍ୟବହୃତ ହେବ । ଏଥି ମଧ୍ୟରୁ କଳାଜୀରା ଧାନ ଜିଆଇ ଟ୍ୟାଗ୍ (ଭୌଗୋଳିକ ସୂଚକାଙ୍କ)ରେ ସ୍ଥାନିତ ହୋଇସାରିଛି । ସଂପ୍ରତି ଓଡ଼ିଶା ଚାଉଳ ଉତ୍ପାଦକତାରେ ଜାତୀୟ ହାରଠାରୁ ଆଗରେ ରହିଛି । ଚଳିତ ବର୍ଷ କୋରାପୁଟର ୧୩୬୫ ଏକର ଜମିରେ କଳାଜୀରା ଚାଉଳ ଚାଷ ହୋଇଛି ଏବଂ କୋଟପାଡ଼ଠାରେ ପ୍ରଥମ ଥର ପାଇଁ କଳାଜୀରା ଧାନର ମଣ୍ଡି ଖୋଲାଯାଇଛି । ଜୈବିକ କୃଷିକୁ ପ୍ରୋତ୍ସାହନ ଦେବା ପାଇଁ ଅର୍ଗାନିକ୍ ସାର୍ଟିଫିକେସନ୍, ସବ୍‌ସିଡ଼ିର ଆଦିର ପ୍ରସ୍ତାବ ରହିଛି । ଏଥି ସହ କୃଷକ ଉତ୍ପାଦକ ସଂଗଠନ (ଏଫ୍‌ପିଓ)ମାନଙ୍କୁ କ୍ଲଷ୍ଟର ଆପ୍ରୋଚ୍ ମାଧ୍ୟମରେ ଜୈବିକ ଚାଉଳ ଉତ୍ପାଦନ ପାଇଁ ପ୍ରୋତ୍ସାହନ ଦିଆଯିବ ଏବଂ ସଂପୂର୍ଣ୍ଣ ପ୍ରକ୍ରିୟାକୁ ସୁରୁଖୁରୁରେ କାର୍ଯ୍ୟକାରୀ କରିବାକୁ ଏକ ପରିଚାଳନା କମିଟି ଗଠନ କରାଯିବ । ସେହି କମିଟିରେ ଶ୍ରୀମନ୍ଦିର ପ୍ରଶାସନ, ସୁଆର-ମହାସୁଆର ନିଯୋଗ ପ୍ରତିନିଧିଙ୍କ ସମେତ ଅନ୍ୟ ଉତ୍ପାଦକ ଗୋଷ୍ଠୀର ପ୍ରତିନିଧି ଏବଂ ବିଭାଗୀୟ ଅଧିକାରୀ ସଦସ୍ୟ ରହିବେ । ପ୍ରାରମ୍ଭିକ ପର୍ଯ୍ୟାୟରେ ୧୦୦ରୁ ୨୦୦ ଏକର ଜମିରେ ଜୈବିକ ଚାଉଳ ଉତ୍ପାଦନର ଲକ୍ଷ୍ୟ ରଖାଯାଇଛି । ବିହନ ସଂରକ୍ଷଣ କରାଯାଇ ପରବର୍ତ୍ତୀ ସମୟରେ ଅଧିକ ଜୈବିକ ଧାନ ଉତ୍ପାଦନକୁ ପ୍ରୋତ୍ସାହନ ଦିଆଯିବ ଏବଂ ସଂପୂର୍ଣ୍ଣ 'ଅମୃତ ଅନ୍ନ' ମହାପ୍ରସାଦରେ ଜୈବିକ ଶସ୍ୟ ବ୍ୟବହାର କରାଯିବ । ଜୈବିକ ପଦ୍ଧତିରେ ଉତ୍ପାଦନବେଳେ ଗୋମୂତ୍ର, ଗୋବର, ବୀଜାମୃତ ତଥା ଅନ୍ୟ ଜୈବିକ ଖତର ବ୍ୟବହାର ରାଜ୍ୟରେ ଗୋବଂଶର ସୁରକ୍ଷା ଓ ବୃଦ୍ଧିରେ ମଧ୍ୟ ସହାୟକ ହୋଇପାରିବ । ଆଜିର ବୈଠକରେ କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ଓୟୁଏଟିର ଡିନ୍ ପ୍ରଫେସର ପ୍ରସନ୍ନଜିତ ମିଶ୍ର, ପୁରୀ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ, କମାଣ୍ଡର ସୁଧାକର ପଟ୍ଟନାୟକ, ସୁଆର, ମହାସୁଆର ନିଯୋଗ ସଭାପତି ପଦ୍ମନାଭ ମହାସୁଆର ଓ ସଂପାଦକ ନାରାୟଣ ମହାସୁଆର, ବରିଷ୍ଠ ସେବାୟତ ବୈଦ୍ୟନାଥ ମହାସୁଆର, ବିଭିନ୍ନ ଜୈବିକ ଉତ୍ପାଦକ ଗୋଷ୍ଠୀ, ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରତିନିଧି, ରାଜେନ୍ଦ୍ର ଦେଶୀ ଧାନ ଗବେଷଣା ପ୍ରତିଷ୍ଠାନର ନଟବର ଷଡଙ୍ଗୀ, କୋରାପୁଟ ପ୍ରଗତି ଅନୁଷ୍ଠାନର ପ୍ରଭାକର ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ମତ ଉପସ୍ଥାପନ ପୂର୍ବକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଗୁଗଲ୍ ସର୍ଚ୍ଚ କରି ଚୋରି : ଧନୀଙ୍କୁ ଟାର୍ଗେଟ୍ କରୁଥିଲା ସ୍ପାଇଡର ସତୀ




ଭୁବନେଶ୍ୱର,୧୩/୨: ଗୁଗଲ୍ ସର୍ଚ୍ଚ କରି ଚୋରି କରିଥିଲା ଅଭିଯୁକ୍ତ । ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଚୋରି ଘଟଣାର ପର୍ଦ୍ଦାଫାସ କରିଛି କମିଶନରେଟ୍ ପୁଲିସ୍ । ବିଜୟୱାଡାରୁ ଅଭିଯୁକ୍ତ ସ୍ପାଇଡର୍ ସତୀକୁ ଗିରଫ କରାଯାଇଛି । କମିଶନରେଟ୍ ପୁଲିସ୍ ଅଭିଯୁକ୍ତକୁ ଆନ୍ଧ୍ର ପ୍ରଦେଶ ବିଜୟୱାଡାରୁ ଗିରଫ କରିଛି । ଅଭିଯୁକ୍ତ ନାମ କେ. ସତୀ ବାବୁ ଓରଫ୍ ସ୍ପାଇଡର୍ ସତୀ ବୋଲି ଜଣାପଡିଛି । ୪୦୦ ସିସି ଟିଭି, ୧୦ ହଜାର ମୋବାଇଲ ଫୋନ୍ ଯାଞ୍ଚ କରି ଅଭିଯୁକ୍ତ ଧରାପଡିଛି । ଚୋରି ହୋଇଥିବା ବିପୁଳ ହୀରା ମଧ୍ୟ ଜବତ ହୋଇଛି । ଧନୀ ଲୋକଙ୍କ ଘରୁକୁ ଟାର୍ଗେଟ୍ କରୁଥିଲା ସ୍ପାଇଡର ସତୀ । ଗୁଗୁଲରୁ ସର୍ଚ୍ଚ କରି ସେ ଧନୀ ଲୋକଙ୍କ ଘରେ ପଶୁଥିଲା । ସ୍ପାଇଡର ସତୀ ନାଁରେ ୭୦ରୁ ଅଧିକ ମାମଲା ରହିଛି । ଏ ନେଇ ପ୍ରେସମିଟ୍ କରି ସୂଚନା ଦେଇଛନ୍ତି ପୁଲିସ୍ କମିଶନର ।

## ୯୦ ଏଡ଼େଡ଼୍ କଲେଜ ବିକାଶ ପାଇଁ ୧୦୪ କୋଟି ଅନୁମୋଦନ

ଭୁବନେଶ୍ୱର, (୧୩/୨): ରାଜ୍ୟର ୯୦ ଗୋଟି ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟର (ଏଡ଼େଡ଼୍ କେଲଜ) ଭିତ୍ତିଭୂମି ବିକାଶ ପ୍ରକଳ୍ପ ନିମନ୍ତେ ସରକାରଙ୍କ ତରଫରୁ ୧୦୪ କୋଟି ଟଙ୍କା ଅର୍ଥରାଶି ଅନୁମୋଦନ କରାଯାଇଛି । ଏହି ପ୍ରକଳ୍ପରେ ରାଜ୍ୟର ୯୦ଟି ଅନୁଦାନ ପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟର ଭିତ୍ତିଭୂମିକୁ ସୁଦୃଢ଼ କରିବା ନିମନ୍ତେ ବିଭିନ୍ନ କାର୍ଯ୍ୟ କରାଯିବ । ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଛାତ୍ରାବାସ, କଲେଜରେ ଅତିରିକ୍ତ ଶ୍ରେଣୀ ଗୃହ, କମନ ରୁମ୍, ଲାଇବ୍ରେରୀ, ଲାବ୍ରୋଟୋରୀ, କମ୍ପ୍ୟୁଟର ଲବ୍ରୋଟୋରୀ, ମଲ୍‌ଟି ପରପସ୍ ହଲ୍, ଆଡମିନିଷ୍ଟ୍ରେଟିଭ ବିଲଡ଼ିଙ୍ଗ, ଶୌଚାଳୟ ଆଦିର ନିର୍ମାଣ, ମରାମତି ବା ପୁନରୁଦ୍ଧାର କାର୍ଯ୍ୟ କରିବା ନିମନ୍ତେ ଏହି ଅର୍ଥରାଶିକୁ ବିନିଯୋଗ କରାଯିବ । ମିଳିଥିବା ସୂଚନା ଅନୁଯାୟୀ, ପ୍ରକଳ୍ପ ପାଇଁ ଅନୁମୋଦିତ ହୋଇଥିବା ସର୍ବମୋଟ ଧନରାଶିକୁ ପର୍ଯ୍ୟାୟକ୍ରମ ଭାବେ ମହାବିଦ୍ୟାଳୟ ଗୁଡ଼ିକୁ ପ୍ରଦାନ କରାଯିବ । ପ୍ରଥମ ପର୍ଯ୍ୟାୟରେ ସର୍ବମୋଟ ଅର୍ଥରାଶିର ଶତକଡ଼ା ୩୩ ପ୍ରତିଶତ ପ୍ରଦାନ କରାଯିବ । ମହାବିଦ୍ୟାଳୟର ଅଧ୍ୟକ୍ଷମାନେ ଏହି ପ୍ରଥମ ପର୍ଯ୍ୟାୟ ଅର୍ଥରାଶି ପାଇବା ପରେ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟ ନିର୍ବାହୀ ସଂସ୍ଥା ବା କେନ୍ଦ୍ର ସରକାରୀ ଉଦ୍ୟୋଗମାନଙ୍କ ଦ୍ୱାରା କାର୍ଯ୍ୟ ଆରମ୍ଭ କରିବା ସହ ମିଳିଥିବା ଅର୍ଥରାଶିର ବିନିଯୋଗ ପତ୍ର (ୟୁଟିଲାଇଜେସନ ସାର୍ଟିଫିକେଟ) ଉଚ୍ଚଶିକ୍ଷା ବିଭାଗକୁ ପ୍ରଦାନ କରିବେ । ଆଜି ଏହି ପରିପ୍ରେକ୍ଷୀରେ ଉଚ୍ଚଶିକ୍ଷା ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିବା ଏକ ଆଭାସୀ ବୈଠକରେ ଅନୁଦାନ ପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ, ମହାବିଦ୍ୟାଳୟର ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ଛାତ୍ରଛାତ୍ରୀମାନଙ୍କୁ ଗୁଣବତ୍ତା ଶିକ୍ଷା ପ୍ରଦାନ କରିବା ହେଉଛି ଆମର ପ୍ରାଥମିକ ଲକ୍ଷ୍ୟ । ଉଚ୍ଚଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ସହ ଛାତ୍ରଛାତ୍ରୀମାନଙ୍କର ସର୍ବାଙ୍ଗୀନ ବିକାଶ ନିମନ୍ତେ ବିଭିନ୍ନ ପଦକ୍ଷେପମାନ ନିଆଯାଉଛି । ଆଜି ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବା ପରେ ନିଶ୍ଚିତ ଭାବରେ ରାଜ୍ୟର ବେସରକାରୀ ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟର ଭିତ୍ତିଭୂମି ଆହୁରି ସୁଦୃଢ଼ ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀ ସୂରଜ ମତପ୍ରକାଶ କରିଥିଲେ । ଆଜି ବୈଠକରେ ମନ୍ତ୍ରୀ ଶ୍ରୀ ସୂରଜ ଆଭାସୀ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚଶିକ୍ଷା ଲାଭକରି ଏକ ସ୍ୱର୍ଣ୍ଣିମ ଭବିଷ୍ୟତ ନିର୍ମାଣ କରିବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ଏଥିସହ ମହାବିଦ୍ୟାଳୟରେ ରହିଥିବା ବିଭିନ୍ନ ସମସ୍ୟାର ଯେପରି ତ୍ୱରିତ ସମାଧନ କରାଯାଇପାରିବ ସେ ସମ୍ବନ୍ଧରେ ମଧ୍ୟ ଆଲୋଚନା କରିଥିଲେ ।



## ଆଦିବାସୀ ଅଂଚଳ ଉପଯୋଜନା କାର୍ଯ୍ୟକାରିତା ସଂପର୍କରେ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,୧୩/୨: ଆଦିବାସୀ ଅଂଚଳ ଉପଯୋଜନା (ଟିଏଏସପି) ସଂପର୍କିତ ବଜେଟ୍‌ତଦାରଖ ବ୍ୟବସ୍ଥା ଏବଂ ଏହାର ପରିଚାଳନା ସଂପର୍କରେ ଏକ ବୈଠକ ଗତକାଲି ମଙ୍ଗଳବାର ଲୋକସେବା ଭବନରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟଶାସନ ସଚିବ ଅନୁଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆମ ଦେଶରେ ପ୍ରାୟ ୭୦୦ ପ୍ରକାର ଆଦିବାସୀ ରହୁଛନ୍ତି ଯାହାର ସଂଖ୍ୟା ପ୍ରାୟ ୧୦କୋଟି ଏବଂ ଓଡ଼ିଶାରେ ଏହାର ଜନସଂଖ୍ୟାର ପ୍ରାୟ ଏକ ଚତୁର୍ଥାଂଶ ଜନଜାତି ଅଟନ୍ତି ଯାହାକି ଓଡ଼ିଶା ପାଇଁ ଗୁରୁତ୍ୱପୂର୍ଣ୍ଣ । ସେମାନଙ୍କର ଉନ୍ନତି ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଏବଂ ପ୍ରଗତିଶୀଳ ନୀତି ଜରିଆରେ



ସମନ୍ୱିତ ପଦକ୍ଷେପ ନେଇଛନ୍ତି । ଜନଜାତି-ଉପଯୋଜନା ରାଜ୍ୟ ବାର୍ଷିକ ଯୋଜନାର ଅଂଶବିଶେଷ । ଜନଜାତିଙ୍କ ଜନସଂଖ୍ୟା ଅନୁସାରେ ନିର୍ଦ୍ଦିଷ୍ଟ ପାଣ୍ଠି ଆବଣ୍ଟିତ ହେବ । ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ତରଫରୁ ଅନୁସୂଚିତ ଜନଜାତି ବର୍ଗଙ୍କ ବିକାଶ ପାଇଁ ବଜେଟରେ ବ୍ୟବସ୍ଥା ପାଇଁ ନିୟମିତ ସମୀକ୍ଷା କରାଯାଉଛି । ଏହି ପାଣ୍ଠିର ଖର୍ଚ୍ଚ ଜନଜାତି ବର୍ଗର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ନିମନ୍ତେ ବିନିଯୋଗ ସୁନିଶ୍ଚିତ କରିବା ପାଇଁ ଏକକ ତଥ୍ୟ ଭିତ୍ତିକ ପରିଚାଳନା ବ୍ୟବସ୍ଥାର ଆବଶ୍ୟକତା ସଂପର୍କରେ ବୈଠକରେ ଆଲୋକପାତ କରାଯାଇଥିଲା । ଏଥିନିମନ୍ତେ ଜୀବନର ଗୁଣବତ୍ତା ସୂଚକାଙ୍କ(କ୍ୱାଲିଟି ଅଫ ଲାଇଫ ଇନଡେକ୍ସ) ପରିକଳ୍ପନା କରାଯାଇ ଜନଜାତିମାନଙ୍କ ପାଇଁ ତଥ୍ୟ ଆଧାରିତ ଜନ କଲ୍ୟାଣ କାରୀକାର୍ଯ୍ୟ କ୍ରମ ଗୁଡିକୁ ଏଥିରେ ଅନ୍ତର୍ଭୁକ୍ତ କରିବାକୁ ଉନ୍ନୟନ କମିଶନର ଗୁରୁତ୍ୱାରୋପ କରିଥିଲେ । ଏଥିରେ ଜନଜାତିମାନଙ୍କ ପାଇଁ ମୌଳିକ ସୁବିଧା, ସ୍ୱାସ୍ଥ୍ୟ, ଖାଦ୍ୟ, ଜୀବିକା ର୍ଜନ ଓ ଆୟ, ଶିକ୍ଷା ଓ ଦକ୍ଷତା ବିକାଶ ଅନ୍ତର୍ଗତ ୬ଟି ଲେଖାଏଁ ଭିନ୍ନ ଭିନ୍ନ ଉପ ସୂଚକ ରହିଛି । ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ଯୋଜନା ଓ ସଂଯୋଜକ ବିଭାଗ, ଇଲେକ୍‌?ଟ୍ରୋନିକ୍ସ ଓ ଆଇଟି ବିଭାଗ ଏବଂ ଅର୍ଥବିଭାଗ ସମ୍ମିଳିତ ପ୍ରୟାସରେ ଜନଜାତି ସମୁଦାୟର ଜୀବନ ଧାରଣର ମାନରେ ଗୁଣାତ୍ମକ ଉନ୍ନତି ଆଣିବା ପାଇଁ ଏହା ଏକ ଅଭିନବ ପ୍ରଚେଷ୍ଟା । ବିଭିନ୍ନ ବିଭାଗ ଦ୍ୱାରା ଜନଜାତି ବର୍ଗର ହିତାଧିକାରୀମାନେ ଏହି ଯୋଜନାରୁ କେତେ ଉପକୃତ ହେଉଛନ୍ତି ସେ ସଂପର୍କରେ ସମୀକ୍ଷା, ତଦାରଖ ଓ ସ୍କିମ୍ ଭିତ୍ତିକ ଅଗ୍ରଗତି ସଂପର୍କରେ ନିୟମିତ ଭାବେ ଉନ୍ନୟନ କମିଶନରଙ୍କ କାର୍ଯ୍ୟାଳୟରେ ସମୀକ୍ଷା ବୈଠକ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏହି ବୈଠକରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତିଉନ୍ନୟନ, ସଂଖ୍ୟା ଲଘୁ ସଂପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ, ଓକାକର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଯୋଜନା ଓ ସଂଯୋଜକ ବିଭାଗର ଅନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

## ମତ୍ସ୍ୟଚାଷୀ ଓ ପ୍ରାଣୀପାଳକଙ୍କ ସମୃଦ୍ଧିର ମହାକୁମ୍ଭ ହେବ




ଭୁବନେଶ୍ୱର,୧୩/୨: ରାଜ୍ୟସ୍ତରୀୟ 'ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୫' ଆୟୋଜନ ପରିପ୍ରେକ୍ଷୀରେ ବୁଧବାର ଏକ ସାମ୍ବାଦିକ ସମ୍ମିଳନୀ ଭେଟେରିନାରୀ କଲେଜ ଅଡିଟୋରିୟମଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ଲୋଗୋ ଏବଂ ମାସ୍କଟ୍ ଉନ୍ମୋଚନ କରିଛନ୍ତି । ପରେ ପରେ ମନ୍ତ୍ରୀ ସମାବେଶ ସମ୍ପର୍କରେ ଗଣମାଧ୍ୟମ ସମ୍ମୁଖରେ ସବିଶେଷ ତଥ୍ୟ ରଖିଥିଲେ । ମନ୍ତ୍ରୀ କହିଛନ୍ତି, ମତ୍ସ୍ୟଚାଷୀ ଓ ପ୍ରାଣୀପାଳକଙ୍କ ସମୃଦ୍ଧିର ମହାକୁମ୍ଭ ସାଜିବ ଏହି ସମାବେଶ । କ୍ଷୀର, ମାଂସ, ଅଣ୍ଡା ଓ ମାଛ ଉତ୍ପାଦନରେ ଓଡ଼ିଶାକୁ ଆତ୍ମନିର୍ଭରଶୀଳ କରିବା ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ମଧ୍ୟ ସେ ତଥ୍ୟ ରଖିଛନ୍ତି । ଚଳିତ ଫେବୃଆରୀ ୧୪ ରୁ ୧୬ ପର୍ଯ୍ୟନ୍ତ ବରମୁଣ୍ଡା ବିଜୁ ପଟ୍ଟନାୟକ ପଡ଼ିଆଠାରେ ଏହି ସମାବେଶ ଆୟୋଜିତ ହେବ । ୨୦୨୫ ବର୍ଷ ପାଇଁ ଥିମ ରହିଛି "ମତ୍ସ୍ୟ ଓ ପ୍ରାଣୀପାଳନ, ଜୀବନଜୀବିକା ଜୈବସନ୍ତୁଳନ" । ଏହି ସମାବେଶରେ ପ୍ରତି ବ୍ଲକରୁ ୨୬ ଜଣ ଚାଷୀ ମୋଟ ୮୧୬୪ ଜଣ ମତ୍ସ୍ୟଚାଷୀ ଓ ପ୍ରାଣୀପାଳକ ଯୋଗ ଦେବେ । ତା' ସହ ପ୍ରତ୍ୟେକ ଉପଖଣ୍ଡରୁ ୪ ଜଣ ସଫଳ ପ୍ରାଣୀପାଳକ ଓ ମତ୍ସ୍ୟଚାଷୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯିବ । ବିଭାଗ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୨୪ ଜଣ ଶ୍ରେଷ୍ଠ ଅଧିକାରୀଙ୍କୁ ମଧ୍ୟ ପୁରସ୍କୃତ କରାଯିବ । ସମାବେଶ ଉପଲକ୍ଷେ ଆୟୋଜିତ ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯିବ । ଚଳିତଥର ମୋଟ ୧୦ଟି ଇଣ୍ଟରାକ୍ଟିଭ୍ ପ୍ୟାନେଲ୍ ଆଲୋଚନାଚକ୍ର ଆୟୋଜନ ପାଇଁ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି । "ମନ୍ତ୍ରୀଙ୍କୁ ପଚାରନ୍ତୁ" କାର୍ଯ୍ୟକ୍ରମରେ ସିଧାସଳଖ ଉତ୍ତର ରଖିବେ ବିଭାଗୀୟ ମନ୍ତ୍ରୀ ଗୋକୁଳନନ୍ଦ ମଲ୍ଲିକ । ୨ଟି ହ୍ୟାଙ୍ଗର୍ ରେ ପ୍ରାୟ ୨୦୦ ଟି ଷ୍ଟଲ୍ ରେ ମତ୍ସ୍ୟ, ପ୍ରାଣୀପାଳନ, ବିଭିନ୍ନ ବିଭାଗ ଓ କମ୍ପାନୀର ଉତ୍ପାଦ ପ୍ରଦର୍ଶିତ ହେବ । ସେହିପରି ୨ଟି ଖୋଲା ହ୍ୟାଙ୍ଗରରେ ଜୀବନ୍ତ ପ୍ରାଣୀ ଓ ମତ୍ସ୍ୟ ପ୍ରଦର୍ଶନୀ କରାଯିବ । ପ୍ରତି ସନ୍ଧ୍ୟାରେ ଲୋକନୃତ୍ୟ ଏବଂ ଶାସ୍ତ୍ରୀୟ ନୃତ୍ୟ ସମ୍ବଳିତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ । ସମାବେଶକୁ ଅଧିକ ଆକର୍ଷଣୀୟ କରିବା ପାଇଁ ରାଜସ୍ଥାନରୁ ଆସୁଛି ମଇଁଷି ଷଣ୍ଢ ଭୀମ । ଆନ୍ଧ୍ରପ୍ରଦେଶର ପୁଙ୍ଗାନୁର ଗାଈ ସମାବେଶର ଅନ୍ୟତମ ଆକର୍ଷଣ । "ଡଗ୍ ଶୋ"ରେ ବିଭିନ୍ନ ପ୍ରଜାତିର କୁକୁରମାନଙ୍କୁ ପ୍ରଦର୍ଶିତ କରାଯିବ । ୧୪ ଫେବୃଆରୀ ସକାଳ ୬ଟାରେ ଓୟୁଏଟି ଭେଟେରିନାରୀ କଲେଜଠାରୁ ବରମୁଣ୍ଡା ପଡ଼ିଆ ପର୍ଯ୍ୟନ୍ତ ଏକ ୱାକାଥନ୍ ଆୟୋଜିତ ହେବ । ଏହି ୱାକାଥନରେ ଯୋଗ ଦେବାକୁ ମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି । ଏଥିସହ 'ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା' ବୁଲିବାକୁ ଆସି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ କ୍ଷେତ୍ରରେ ଆଧୁନିକ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ସମ୍ପର୍କରେ ଜ୍ଞାନ ଆହରଣ କରିବାକୁ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ମତ୍ସ୍ୟ ନିର୍ଦ୍ଦେଶକ ମହମ୍ମଦ ସାଦିକ୍ ଆଲମ୍, ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ, ବିଭାଗୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

## ତୃଣମୂଳ ସ୍ତରରେ କ୍ରୀଡ଼ା ଭିତ୍ତିଭୂମି ଓ କ୍ରୀଡ଼ାପ୍ରତିଭା ବିକାଶ କରିବା ଆମ ଲକ୍ଷ୍ୟ : କ୍ରୀଡ଼ାମନ୍ତ୍ରୀ

ଭୁବନେଶ୍ୱର,୧୩/୨: ଓଡ଼ିଶାର ସମସ୍ତ ବ୍ଲକରେ ଷ୍ଟାଡିୟମ ନିର୍ମାଣ କରିବା ପାଇଁ କ୍ୟାବିନେଟରେ ନିଷ୍ପତ୍ତି ହୋଇଛି । ଏହି ପରିପ୍ରେକ୍ଷୀରେ ବ୍ଲକ ଗୁଡ଼ିକରେ ହେବାକୁ ଥିବା ଷ୍ଟାଡିୟମ ନିମନ୍ତେ ଉପଯୁକ୍ତ ସ୍ଥାନ ନିରୂପଣ କରିବା ପାଇଁ ଆଜି କ୍ରୀଡ଼ା ଓ ଯୁବସେବା ବିଭାଗ ତରଫରୁ ଏକ ବୈଠକର ଆୟୋଜନ କରାଯାଇଥିଲା । କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିବା ଏହି ବୈଠକରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ଜିଲ୍ଲା କ୍ରୀଡ଼ା ଅଧିକାରୀମାନେ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ । ବୈଠକର ପ୍ରାରମ୍ଭରେ କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ଭାସ୍କର ଜ୍ୟୋତି ଶର୍ମା ବ୍ଲକ ସ୍ତରରେ ହେବାକୁ ଥିବା ଷ୍ଟାଡିୟମର ରୂପରେଖ, ବୈଶିଷ୍ଟ୍ୟ ଓ ବିଶେଷତା ସମ୍ବନ୍ଧରେ ସମ୍ୟକ ବିବରଣୀ ପ୍ରଦାନ କରିଥିଲେ । ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନେ ନିଜ ଜିଲ୍ଲା ଅଧୀନରେ ଆସୁଥିବା ବ୍ଲକଗୁଡ଼ିକରେ ଷ୍ଟାଡିୟମ ନିର୍ମାଣ ପାଇଁ ସ୍ଥିରୀକୃତ ହୋଇଥିବା ଉପଯୁକ୍ତ ସ୍ଥାନ ସମ୍ବନ୍ଧରେ ବିବରଣୀ ପ୍ରଦାନ କରିଥିଲେ । ଏଥିସହିତ ଯେଉଁ ବ୍ଲକ ଗୁଡ଼ିକରେ ଏଯାବତ ସ୍ଥାନ ନିରୂପଣ ହୋଇପାରିନାହିଁ, ସେହି ବ୍ଲକ ଗୁଡ଼ିକରେ ଉପଯୁକ୍ତ ସ୍ଥାନ ଚିହ୍ନଟ କରି ଆସନ୍ତା ଫେବୃଆରୀ ୨୦ ତାରିଖ ସୁଦ୍ଧା ଜିଲ୍ଲା ପ୍ରଶାସନ କ୍ରୀଡ଼ା ଓ ଯୁବସେବା ବିଭାଗକୁ ଅବଗତ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା ।



ଏଥିସହିତ ସମସ୍ତ ଜନସାଧାରଣ ଓ କ୍ରୀଡ଼ାବିତମାନଙ୍କ ସୁବିଧା ନିମନ୍ତେ ଷ୍ଟାଡ଼ିୟମଗୁଡ଼ିକୁ ଯଥା ସମ୍ଭବ ବ୍ଲକ ହେଡ୍ କ୍ୱାର୍ଟର ପାଖରେ ରହିଥିବା ସ୍ଥାନରେ ନିର୍ମାଣ କରିବା ପାଇଁ ପରାମର୍ଶ ଦିଆଯାଇଥିଲା । କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ, ଆମ ସରକାର ବିକଶିତ ଓଡ଼ିଶା-୨୦୩୬ର ଲକ୍ଷ୍ୟ ରଖିଛନ୍ତି । ବିକଶିତ ଓଡ଼ିଶା ଗଠନ ପାଇଁ ଓଡ଼ିଶାରେ କ୍ରୀଡ଼ା ଓ କ୍ରୀଡ଼ାବିତମାନଙ୍କର ସାମଗ୍ରିକ ବିକାଶ କରିବା ହେଉଛି ଆମର ପ୍ରାଥମିକତା । ତୃଣମୂଳ ସ୍ତରରେ ସୁଦୃଢ଼ କ୍ରୀଡ଼ା ଭିତ୍ତିଭୂମିର ନିର୍ମାଣ କରିବା ସହ ଓଡ଼ିଶାର ପ୍ରତିଟି ବ୍ଲକ, ପ୍ରତିଟି ଗାଁରେ ଯେପରି କ୍ରୀଡ଼ା ପ୍ରତିଭାର ବିକାଶ ହୋଇପାରିବ ସେ ଲକ୍ଷ୍ୟ ନେଇ ବ୍ଲକ ସ୍ତରୀୟ ଷ୍ଟାଡିୟମର ନିର୍ମାଣ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଆଗାମୀ ଦିନରେ ଷ୍ଟାଡିୟମର ନିର୍ମାଣ କରିବା ସହ ଏହାର ସୁପରିଚାଳନା ଏବଂ କ୍ରୀଡ଼ାବିତମାନଙ୍କୁ ଯେପରି ଉପଯୁକ୍ତ ପ୍ରଶିକ୍ଷଣ ପ୍ରଦାନ କରାଯାଇପାରିବ ସେ ଦିଗରେ ଗୁରୁତ୍ୱାରୋପ କରାଯିବ । ଏଥିସହିତ ତୃଣମୂଳ ସ୍ତରର କ୍ରୀଡ଼ାବିତମାନେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଯେପରି ଓଡ଼ିଶା ପାଇଁ ସୁନାମ ଅର୍ଜନ କରିପାରିବେ ତାହା ଲକ୍ଷ୍ୟ ରଖା ଯାଇଛି ବୋଲି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ ଆଜିର ବୈଠକରେ ମତପ୍ରକାଶ କରିଥିଲେ ।

## ବିଧାନସଭାରେ ସନାଙ୍କୁ ତେରଛା ବାଣ ମାରିଲେ ନବୀନ

ଭୁବନେଶ୍ୱର,୧୩/୨: ଆଜି ବିଧାନସଭାର ବଜେଟ ଅଧିବେଶନରେ ଯୋଗ ଦେବା ନିମନ୍ତେ ବିଧାନସଭାରେ ପହଞ୍ଚିଥିଲେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ତେବେ ବିଧାନସଭାରେ ପାଦ ଦେଉ ଦେଉ ଚମ୍ପୁଆ ବିଜେଡି ବିଧାୟକ ସନା ମହାକୁଡ଼ଙ୍କୁ ତାଗିଦ କଲେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ବିଧାୟକ ସନାତନ ମହାକୁଡ଼ଙ୍କୁ ନବୀନ ପଟ୍ଟନାୟକଙ୍କ ଜବାବ ତଲବ । ଗତକାଲି ବିଜେଡି ବିଧାୟକ ଦଳ ବୈଠକକୁ କାହିଁକି ଆସି ନଥିଲେ ବୋଲି ପ୍ରଶ୍ନ କରିଥିଲେ ନବୀନ । ଉତ୍ତରରେ ସନାତନ ଅସୁସ୍ଥତା କାରଣ ଦର୍ଶାଇଥିଲେ ମଧ୍ୟ ସେ ବିଜେପି ଆଡ଼କୁ ଯାଉଛନ୍ତି କି ବୋଲି କହି ତେରଛା ବାଣ ମାରିଥିଲେ ନବୀନ । ନବୀନଙ୍କୁ ସ୍ୱାଗତ ପାଇଁ ବିଜେଡି ବିଧାୟକମାନେ ବିଧାନସଭାରେ ଅପେକ୍ଷା କରିଥିବାବେଳେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ